

ମା’ ହେଲେ କ୍ୟାଟ୍ରିନା

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-132 •SATURDAY •8 NOVEMBER 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୧୩୨ •ଶନିବାର •୮ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ରଙ୍ଗ ମାରିଲେ ବିକାଶ ହୁଏନି: ନବୀନ

## ୧୧ରେ ନୂଆପଡ଼ାବାସୀ ଦେବେ ବେଇମାନୀର ଜବାବ୍





**ସାଧାରଣ ଲୋକଙ୍କୁ ନବୀନଙ୍କ ପ୍ରଶ୍ନ**

- ଆପଣମାନଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ମିଳିଛି କି ?
- ବୁଢ଼ାବୁଢ଼ୀମାନଙ୍କୁ ୩୫୦୦ ଟଙ୍କା ପେନ୍‌ସନ ମିଳିଛି କି ?
- ଚାଷୀଭାଇଙ୍କୁ ୟୁରିଆ ସାର ସରକାର ଦେଇପାରିଛନ୍ତି କି ?
- ଧାନ ବିକ୍ରିରେ କଟ୍‌ନୀଛଟ୍‌ନୀ ବନ୍ଦ ହୋଇପାରିଛି କି ?
- ଯୁବବର୍ଗଙ୍କୁ ସରକାରୀ ଚାକିରି ପ୍ରତିଶ୍ରୁତି ପୂରଣ ହୋଇଛି କି?

- ◆ ଅଟକିଛି ବିକାଶ କାର୍ଯ୍ୟ, ମିଛ ପ୍ରତିଶ୍ରୁତିରେ ଚାଲେ ନାହିଁ ସରକାର
- ◆ ୫୦୦ ଦିନରେ ଡବଲ୍ ଧୋକା ଦେଇଛି ଡବଲ୍ ଇଞ୍ଜିନ୍ ସରକାର
- ◆ ପ୍ରାର୍ଥୀ ଚୋରି କରିପାରନ୍ତି; କିନ୍ତୁ ଲୋକଙ୍କ ହୃଦୟ ଜିତିପାରିବେ ନାହିଁ

■ **ନୂଆପଡ଼ା/ଭୁବନେଶ୍ୱର,୭।୧୧ (ସମିସ):** ଖାଲି ରଙ୍ଗ ମାରି ଦେଲେ ବିକାଶ ହୁଏ ନାହିଁ; ମିଛ ପ୍ରତିଶ୍ରୁତିରେ ସରକାର ଚାଲେ ନାହିଁ। ମିଛ କହି ସରକାର ଗଠନ କରିପାରନ୍ତି, ପ୍ରାର୍ଥୀ ଚୋରି କରିପାରନ୍ତି; କିନ୍ତୁ ଲୋକଙ୍କ ହୃଦୟକୁ ଜିତି ପାରିବେ ନାହିଁ। ଶାସନ କରିବାର ୫୦୦ ଦିନ ମଧ୍ୟରେ ଡବଲ ଇଞ୍ଜିନ୍ ସରକାର ଲୋକଙ୍କୁ କେବଳ ଦେଇଛି ଧୋକା, ଧୋକା, ଡବଲ ଧୋକା। ଲୋକଙ୍କ ସହିତ, ବିଜେଡି ସହିତ ଓ ତାଙ୍କ ସହିତ କିପରି ବେଇମାନି କରାଯାଇଛି, ତାହା ନୂଆପଡ଼ାବାସୀ ଭଲ ଭାବେ ଜାଣନ୍ତି। ନୂଆପଡ଼ାର ଭୋଟରମାନେ ୧୧ ତାରିଖ ଦିନ ଏହାର ଜବାବ ଭୋଟରେ ଦେବେ। ଆଜି ନୂଆପଡ଼ାରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ଅବସରରେ ଶାସକ ବିଜେପିକୁ ଏପରି କଟାକ୍ଷ କରିଛନ୍ତି ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ। ଖରିଆରରୋଡ଼ ଓ ନୂଆପଡ଼ା ଏନ୍‌ଏସିରେ ଆୟୋଜିତ ରୋଡ ଶୋ' ଓ ଜନସଭାରେ ବିଜୁ ଜନତା ଦଳ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବା ପାଇଁ ଶ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ଶ୍ରୀ ପଟ୍ଟନାୟକ ଆଜି ଦିନିକିଆ ନୂଆପଡ଼ା ଗସ୍ତରେ ଯାଇ ସେଠାରେ ମାରାଥନ୍ ନିର୍ବାଚନ ପ୍ରଚାର କରିଥିଲେ। ଖରିଆର ରୋଡ୍ ଓ ନୂଆପଡ଼ାରେ ବିଶାଳ ରୋଡ ଶୋ'ରେ ଯୋଗଦେଇ ବିଜେଡି ▶ପୃଷ୍ଠା-୭

### ଏଟିସିରେ ବୈଷୟିକ ସମସ୍ୟା

# ଦିଲ୍ଲୀରେ ୮୦୦ ବିମାନ ଉଡ଼ାଣ ବିଳମ୍ବିତ



**ବିମାନ ଲ୍ୟାଣ୍ଡିଂ-ଟେକ୍‌ଅଫ୍‌ର କାର୍ଯ୍ୟସୂଚୀ ମିଳୁନି**

**ଭୋପାଳ, ଚଣ୍ଡିଗଡ଼, ଅହମଦାବାଦରେ ମଧ୍ୟ ସମସ୍ୟା**

■ **ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି):** ଦିଲ୍ଲୀ ବିମାନ ବନ୍ଦରରେ ଶୁକ୍ରବାର ୮୦୦ରୁ ଅଧିକ ଉଡ଼ାଣ ବିଳମ୍ବିତ ହୋଇଛି। ବିମାନ ବନ୍ଦରର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ପ୍ରଣାଳୀରେ ବୈଷୟିକ ତ୍ରୁଟି ଦେଖା ଦେବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହି ବୈଷୟିକ ତ୍ରୁଟି କାରଣରୁ ଏଟିସିର ବିମାନ ଅବତରଣ ଓ ଉଡ଼ାଣ ନେଇ କାର୍ଯ୍ୟସୂଚୀ ମିଳିପାରୁନାହିଁ। ଗଣମାଧ୍ୟମଗୁଡ଼ିକର ସୂଚନା ଅନୁଯାୟୀ, ଏଟିସିର ଅଟୋମେଟିକ୍ ମେସେଜ ସୁଇଚ୍ ସିଷ୍ଟମ (ଏଏମ୍‌ଏସ୍‌ଏସ୍)ରେ ତ୍ରୁଟି ଦେଖିବାକୁ ମିଳିଛି। ଏଏମ୍‌ଏସ୍‌ଏସ୍ ବିମାନଗୁଡ଼ିକର ଟେକ୍‌ଅଫ୍ ଓ ଲ୍ୟାଣ୍ଡିଂ ନେଇ ସୂଚନା ପ୍ରଦାନ କରିଥାଏ। ଏଟିସି ଅଧିକାରୀମାନେ ପୂର୍ବରୁ ଉପଲବ୍ଧ ତଥ୍ୟକୁ ଆଧାର କରି ବିମାନଗୁଡ଼ିକର ଉଡ଼ାଣ ଓ ଅବତରଣ କାର୍ଯ୍ୟସୂଚୀ ସ୍ଥିର କରୁଛନ୍ତି। ଦିଲ୍ଲୀ ବିମାନ ବନ୍ଦରର ଏହି ସମସ୍ୟା ଦ୍ୱାରା ଅନ୍ୟ ବିମାନ ବନ୍ଦରଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। ଦିଲ୍ଲୀରୁ ଅନ୍ୟ ବିମାନ ବନ୍ଦରକୁ ଯିବା ▶ପୃଷ୍ଠା-୭

# ୪୨ ଦିନରେ ୫୨ ଲକ୍ଷ ଗାଡ଼ି ବିକ୍ରି



■ **ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି):** ଚଳିତବର୍ଷର ପାର୍ବଣ ଋତୁରେ ସାରା ଦେଶରେ ଯାନବାହାନ ବିକ୍ରିରେ ପ୍ରତିଷ୍ଠା ହୋଇଛି ନୂଆ ରେକର୍ଡ। ଏହି ୪୨ ଦିନର ପାର୍ବଣରେ ୫୨ ଲକ୍ଷ ଗାଡ଼ି ବିକ୍ରି ହୋଇଛି। ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା)ର ତଥ୍ୟ ଅନୁଯାୟୀ, ଏଥର ପାର୍ବଣ ଋତୁରେ ଖୁଚୁରା ଗାଡ଼ି ବିକ୍ରି ୨୧% ବୃଦ୍ଧି ପାଇ ୫୨, ୩୮, ୪୦୧ ୟୁନିଟ୍ ହୋଇଛି, ଯାହା ଗତ ବର୍ଷର ୪୩,୨୫,୬୩୨ ୟୁନିଟ୍ ତୁଳନାରେ ବହୁତ ଅଧିକ। ଅପରପକ୍ଷେ ଏହି ସମୟ ମଧ୍ୟରେ, ପାସେଞ୍ଜର ଗାଡ଼ି କ୍ଷେତ୍ରରେ ବିକ୍ରି ୨୩% ବୃଦ୍ଧି ପାଇ ୭,୬୬,୯୧୮ ୟୁନିଟ୍ ରହିଛି। ସେହିଭଳି ଦୁଇଚକିଆ ବିକ୍ରି ୨୨% ବୃଦ୍ଧି ପାଇ ୪୦,୫୨,୫୦୩ ୟୁନିଟ୍‌ରେ ପହଞ୍ଚିଛି। ▶ପୃଷ୍ଠା-୭

### ପୁଲିସ ଏସ୍‌ଆଇ ଚାକିରି ବିକ୍ରି କେଳେଙ୍କାରୀ

# ଏସ୍‌ଆଇଟି ବୈଠକରେ ଉଦ୍‌ବେଗ

## ଅର୍ଥ କାରବାର ଉପରେ ଇଡି ନଜର ରଖିଛି: ଜଷ୍ଟିସ୍ ପଶାୟତ



■ **କଟକ, ୭ ।୧୧ (ସମିସ):** ଓଡ଼ିଶାରେ ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀ ସମେତ ଆଉ କେତେକ ପ୍ରସଙ୍ଗକୁ ନେଇ କଳାଟଙ୍କା କାରବାର ସଂପର୍କରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା(ଏସ୍‌ଆଇଟି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ ଏଥିରେ ଅଧ୍ୟକ୍ଷତା କରି ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷକରି ଏହି କେଳେଙ୍କାରୀରେ ବିପୁଳ ଅର୍ଥ କାରବାର ହୋଇଥିବା ନେଇ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅବଗତ କରାଯାଇଛି। ଏଣୁ ଏହା ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନଜର ରଖିଛି ବୋଲି ଜଷ୍ଟିସ ପଶାୟତ କହିଛନ୍ତି। ଏହା ସମେତ ଆଉ କେତେକ ପରୀକ୍ଷା କେଳେଙ୍କାରୀ ତଥା ଓଟିଇଟି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାରେ ଅଦ୍ୟାବଧି କ୍ରାଇମବ୍ରାଞ୍ଚ କରିଥିବା ତଦନ୍ତର ଷ୍ଟାଟସ୍ ରିପୋର୍ଟକୁ ▶ପୃଷ୍ଠା-୭

# ଶଙ୍କର, ସୁରେଶଙ୍କର ହେବ ମିଛଧରା ପରୀକ୍ଷା

■ **କଟକ, ୭ ।୧୧ (ସମିସ):** ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀର ମୁଖ୍ୟ ଅଭିଯୁକ୍ତ ତଥା ପଞ୍ଚସଫ୍ଟ ଟେକ୍ନୋଲୋଜିର ମାଲିକ ଶଙ୍କର ପୃଷ୍ଟିଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରୁଛି। କିନ୍ତୁ ସେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ କରୁ ନଥିବା ଜଣାଯାଇଛି। ବାରମ୍ବାର ବୟାନ ବଦଳାଇ ତଦନ୍ତକାରୀ ଅଧିକାରୀଙ୍କୁ ବିଭ୍ରାନ୍ତ କରୁଛି। ଏହାକୁ ନେଇ କ୍ରାଇମବ୍ରାଞ୍ଚର ଚିନ୍ତା ବଢ଼ିଛି। ତେଣୁ ତା’ର ମିଛଧରା (ପଲିଗ୍ରାଫ୍) ପରୀକ୍ଷା କରି ସତ ପଦାକୁ ଆଣିବାକୁ କ୍ରାଇମବ୍ରାଞ୍ଚ ଯୋଜନା କରିଛି। ଏନେଇ ଅନୁମତି ପ୍ରଦାନ ପାଇଁ ଖୁବ୍‌ଶୀଘ୍ର ଅଦାଲତଙ୍କୁ ଆବେଦନ କରାଯିବ ବୋଲି ଜଣାଯାଇଛି। କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି ଯେ ▶ପୃଷ୍ଠା-୭

**ପୀତବାସ ହତ୍ୟା ମାମଲା: ବଢ଼ିଲା ବ୍ରହ୍ମପୁର ଏସ୍‌ପିଙ୍କ ଅଡୁଆ**

# ହାଇକୋର୍ଟରେ ସତ୍ୟପାଠ ସହ ହାଜର ନିର୍ଦ୍ଦେଶ



■ **କଟକ, ୭।୧୧ (ସମିସ):** ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇ ଶୁଣାଣି କରୁଛନ୍ତି। ଏହି ମାମଲାରେ ଆଜି ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କ ପକ୍ଷରୁ ଲିଖିତ ଜବାବ ଦାଖଲ କରାଯାଇଛି। କିନ୍ତୁ, ସତ୍ୟପାଠ ଜରିଆରେ ଆସନ୍ତା ୧୦ ତାରିଖ ସୁଦ୍ଧା ଏହାକୁ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବ୍ରହ୍ମପୁର ଏସ୍‌ପିଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଅଦାଲତରେ ବ୍ୟକ୍ତିଗତ ହାଜର ହେବା ପାଇଁ କହିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ ▶ପୃଷ୍ଠା-୭

### ଅନାହାର ମୃତ୍ୟୁକୁ ନେଇ ୩ ସଂଗଠନର ତଥ୍ୟ ଅନୁସନ୍ଧାନ ରିପୋର୍ଟ

# ଇ-କେୱାଇସି ନେଇଛି ରିସା ମାଙ୍କଡ଼ିଆଙ୍କ ଜୀବନ

- ଇ-କେୱାଇସି ହୋଇ ନ ଥିବାରୁ ମିଳି ନ ଥିଲା ଚାଉଳ
- ଆଧାର କାର୍ଡ ନ ଥିବାରୁ ହୋଇପାରି ନ ଥିଲା ଇ-କେୱାଇସି
- ବୟସ ହୋଇଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଥିଲେ ରିସା
- ଏପ୍ରିଲ୍‌ରୁ ମିଳି ନ ଥିଲା ଚାଉଳ, ସନ୍ଦେହରେ ଶେଷ ଦୁଇ କିସ୍ତି

■ **ଭୁବନେଶ୍ୱର,୭।୧୧(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକରେ ଅନାହାରରେ ମୃତ୍ୟୁବରଣ କରିଥିବା ଆଦିମ ଜନଜାତି ସମ୍ପ୍ରଦାୟର (ପିଭିଟିଜି ) ୭୦ ବର୍ଷ ବୟସ୍କ ରିସା ମାଙ୍କିଡିଆ ମୃତ୍ୟୁ କେବଳ ରାଜ୍ୟ ସରକାରଙ୍କ ଇ-କେୱାସି ଯୋଗୁଁ ହିଁ ହୋଇଛି। ରିସା ମାଙ୍କିଡ଼ିଆଙ୍କର ଆଧାର କାର୍ଡ ନ ଥିବାରୁ ସେ ଇ-କେୱାଇସି କରିପାରି ନ ଥିଲେ। ତେଣୁ ତାଙ୍କୁ ଗତ ଏପ୍ରିଲ୍ ମାସଠାରୁ ଆଉ ଚାଉଳ ମିଳି ନଥିଲା। ତେଣୁ ସେ ଭିକମାଗି ବା ଅନ୍ୟର ଦୟାରେ ଚଳୁଥିଲେ। ମାତ୍ର ଖାଦ୍ୟାଭାବ ଯୋଗୁଁ ଗତ ୨୧ ଅକ୍ଟୋବରରେ ତାଙ୍କର ଜୀବନ ଯାଇଥିଲା। ଏହି ଅନାହାରରେ ମୃତ୍ୟୁ ପରେ ସିଭିଲ ସୋସାଇଟି ଫୋରମ୍ ଫର ହ୍ୟୁମାନ୍ ରାଇଟ୍ସ (ସିଏସଏଫଏଚଆର), ଓଡିଶା ଖାଦ୍ୟ ଅଧିକାର ଅଭିଯାନ (ଆରଟିଏଫ) ଓ ଜନସ୍ୱାସ୍ଥ୍ୟ ଅଭିଯାନ (ଜେଏସଏ) ଆଦି ୩ ଟି ସଂଗଠନର କର୍ମକର୍ତ୍ତାମାନେ ଘଟଣା ସ୍ଥଳକୁ ଯାଇ ତଥ୍ୟ ଅନୁଧ୍ୟାନ କରିଛନ୍ତି। ପରେ ଏହି ସଂଗଠନଗୁଡ଼ିକ ଶୁକ୍ରବାର ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସଂଗଠନ ପକ୍ଷରୁ ଦିଆଯାଇଥିବା ତଥ୍ୟ ▶ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

## ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

**ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ**

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ **(https://udgam.rbi.org.in)** ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ,
ପରିଦର୍ଶନ କରନ୍ତୁ: **https://rbikehtahai.rbi.org.in**
ମତାମତ ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ

କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

**ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935**

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

## ବନ୍ଦେ ମାତରମ୍ ଗାନ ନେଇ ମହାରାଷ୍ଟ୍ରରେ ବିବାଦ

ମୁମ୍ବଇ, ୭ ।୧୧(ଏଜେନ୍ସି): ମହାରାଷ୍ଟ୍ରରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂରଣ ନେଇ ଆୟୋଜିତ ହୋଇଥିବା ସରକାରୀ କାର୍ଯ୍ୟକ୍ରମକୁ ନେଇ ବିବାଦ ସୃଷ୍ଟି ହୋଇଛି । ସମାଜବାଦୀ ପାର୍ଟି ବିଧାୟକ ଆବୁ ଆଜମି ମୁମ୍ବଇ ବିଜେପି ଅଧ୍ୟକ୍ଷ ଅମିତ ସାଟମଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖାନ କରିଛନ୍ତି । ଅମିତ ବନ୍ଦେ ମାତରମ୍‌ର ସାମୁହିକ ଗାନ ପାଇଁ ଆଜମୀଙ୍କୁ ନିମନ୍ତ୍ରଣ କରିଥିଲେ । ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତୀ ପାଳନ ପାଇଁ ମହାରାଷ୍ଟ୍ର ସରକାର ସପ୍ତାହବ୍ୟାପୀ ଉତ୍ସବ ପାଳନ କରୁଛନ୍ତି । ଏଥିପାଇଁ ରାଜ୍ୟସାରା ଏକାଧିକ କାର୍ଯ୍ୟକ୍ରମର ଆୟୋଜନ ହେଉଛି । ବନ୍ଦେ ମାତରମ୍ ଗାନ କରିବା ବେଳେ ଏହାର କିଛି ଶ୍ଳୋକ ପୂଜା ଓ ଆରାଧନା ସହିତ ଜଡିତ ରହିଛି । ହିନ୍ଦୁମାନେ ଯେଉଁଭଳି ନମାଜ ପଢ଼ିବେ ନାହିଁ, ଠିକ୍ ସେହିପରି ମୁସଲମାନ ବନ୍ଦେ ମାତରମ୍ ଗାନ କରିପାରିବେ ନାହିଁ ବୋଲି ଆଜମୀ ସ୍ପଷ୍ଟ କରିଛନ୍ତି । ପୁଣି ଏହାକୁ ଗାନ କରିବା ପାଇଁ କାହାକୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ସ୍ପଷ୍ଟ କରିଛନ୍ତି ବୋଲି ସେ କହିଛନ୍ତି । ଏଥିପାଇଁ ଆଜମୀଙ୍କୁ ବିଜେପି ତରଫରୁ ସମାଲୋଚନା କରାଯାଇଛି ।

## ବେଙ୍ଗଡୁବି ସେନା ଠିକଣାରୁ ବାଂଲାଦେଶୀ ଗିରଫ

କୋଲକାତା, ୭ ।୧୧(ଏଜେନ୍ସି): ଉତ୍ତର ବେଙ୍ଗଲର ବେଙ୍ଗଡୁବ ସେନା ଠିକଣାରେ ଜଣେ ବାଂଲାଦେଶ ନାଗରିକଙ୍କୁ ଗିରଫ କରାଯାଇଛି । ସେ ଜଣେ ଶ୍ରମିକ ଭାବେ ଏଠାରେ କାର୍ଯ୍ୟ କରୁଥିଲା । ସିଲିଗୁଡ଼ି କରିଡର ଓ ଚିକେନ ନେକ ନିକଟରେ ଏହି ସେନା ଠିକଣା ଅବସ୍ଥିତ ଥିବାରୁ ଏହାକୁ ବେଶ ସମ୍ବେଦନଶୀଳ ମନେ କରାଯାଉଛି । ତାଙ୍କଠାରୁ ନକଲି ଆଧାର, ପାନ ଓ ଭୋଟର ପରିଚୟ ପତ୍ର ଜବତ କରାଯାଇଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ସେନା ଠିକଣାର ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ସବୁ କର୍ମଚାରୀଙ୍କର ପୁନଃ ସଂସ୍ଥାପନ ଅଭିଯାନ କରାଯାଇଥିଲା । ଶ୍ରମିକମାନଙ୍କ ଦସ୍ତାବିଜ ଯାଞ୍ଚ କରିବା ବେଳେ ଏହି ବାଂଲାଦେଶ ନାଗରିକଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା । ତାଙ୍କଠାରୁ ବାଂଲାଦେଶର ପରିଚୟ ପତ୍ର ମିଳିଥିଲା । ଏହାପରେ ପରବର୍ତ୍ତୀ ଯାଞ୍ଚ ପାଇଁ ତାଙ୍କୁ ପୁଲିସକୁ ହସ୍ତାନ୍ତର କରାଯାଇଥିଲା । ତାଙ୍କଠାରୁ ନକଲି ପରିଚୟ ପତ୍ର ମିଳିଥିଲା । ରୋଜଗାର ପାଇଁ ବାଂଲାଦେଶ ନାଗରିକମାନେ ବହୁ ସଂଖ୍ୟାରେ ନକଲି ପରିଚୟପତ୍ର ବାହାର କରି ଭାରତ ଆସୁଛନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି ।

## ରୁଷ ସେନାରେ ୪୪ଜଣ ଭାରତୀୟ ଅଛନ୍ତି

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ରୁଷ୍ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାମ ନେଉନାହିଁ । ଏହି ଯୁଦ୍ଧରେ ଭାରତୀୟ ମାନେ ସାମିଲ ଅଛନ୍ତି ବୋଲି ଜଣାପଡ଼ିଛି । ରୁଷ ସୈନ୍ୟବାହିନୀରେ ୪୪ ଜଣ ଭାରତୀୟ ସାମିଲ ଅଛନ୍ତି ଭାରତୀୟ ବୈଦେଶକିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ଏ ନେଇ ଭାରତ ରୁଷ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛି । ଏହି ସୈନିକଙ୍କ ପରିବାର ସହ ସମ୍ପର୍କ ସ୍ଥାପନ କରାଯାଇଛି ବୋଲି ସେ କହିଛନ୍ତି । ଭାରତୀୟ ଯୁବକମାନେ ରୁଷ ସେନାରେ ଭର୍ତ୍ତି ହେଉଥିବାର ସୂଚନା ଆମର ହସ୍ତଗତ ହୋଇଥିଲା । ତୁରନ୍ତ ସେମାନଙ୍କୁ ସୁରକ୍ଷିତ ଭାବେ ଛାଡି ଦେବାକୁ ରୁଷିଆକୁ କୁହାଯାଇଛି ବୋଲି ଜୟସ୍ୱାଲ ସାପ୍ତାହିକ ପ୍ରେସ୍ ବ୍ରିଫିଙ୍ଗରେ କହିଛନ୍ତି । ଭାରତୀୟ ଯୁବକଙ୍କୁ ରୁଷ୍ ସେନାରେ ଭର୍ତ୍ତି କରାଯିବା ପଛରେ ଏଜେଣ୍ଟମାନଙ୍କ ହାତ ରହିଛି । ଏହି ଏଜେଣ୍ଟମାନଙ୍କୁ ଚିହ୍ନଟ କରିବାର ଆବଶ୍ୟକତା ରହଛି । ଏଥିସହ ସେନାରେ ଭର୍ତ୍ତି ହେବା ପାଇଁ ରୁଷ୍‌ର ପ୍ରସ୍ତାବକୁ ଗ୍ରହଣ ନ କରିବାକୁ ବିଦେଶ ମନ୍ତ୍ରଣାଳୟ ତରଫରୁ ସତର୍କ କରାଯାଇଛି ।

## ନମାଜବେଳେ ଇଣ୍ଡୋନେସିଆରେ ବିସ୍ଫୋରଣ; ୫୪ ଆହତ

ଜାକର୍ତ୍ତା, ୭ ।୧୧(ଏଜେନ୍ସି): ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ଶୁକ୍ରବାର ନମାଜ ପାଠ ବେଳେ ଏକ ମସଜିଦ୍‌ରେ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଏଥିରେ ୫୪ ଜଣ ଲୋକ ଆହତ ହୋଇଛନ୍ତି । ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉତ୍ତର ଜାକର୍ତ୍ତାର କେଲାପ ଗାଣ୍ଡିଙ୍ଗ ଅଞ୍ଚଳରେ ସ୍କୁଲ ପରିସରରେ ଥିବା ଏକ ମସଜିଦ୍‌ରେ ଏହି ବିସ୍ଫୋରଣ ହୋଇଥିଲା । ଏବେ ପୁଲିସ ଏହି ଘଟଣା ଯାଞ୍ଚ କରୁଛି । ଯାଞ୍ଚ୍ ଅବସରରେ ପୁଲିସକୁ ଘଟଣାସ୍ଥଳରେ କିଛି ସଂଦିଗ୍ଧ ଜନିଷ ମିଳିଛି । ପୁଲିସ ହାତରେ ତିଆର ବିସ୍ଫୋଟକ ଉପକରଣ (ଆଇଇଡି)ର ଅଂଶ, ଏକ ରିମୋଟ କଣ୍ଟ୍ରୋଲ, ଏୟାର ସଫ୍ଟ ଓ ରିଭଲଭର ଭଳି ବନ୍ଧୁକ ଜବତ କରିଛି । କାଚ ଖଣ୍ଡ ଓ ଦ୍ରୁତ ଗତିରେ ଆସିଥିବା ପବନ ଯୋଗୁଁ ଲୋକେ ଆହତ ହୋଇଥିଲେ ।

## ଅଭିନେତ୍ରୀ-ଗାୟିକା ସୁଲକ୍ଷଣାଙ୍କ ପରଲୋକ



ମୁମ୍ବଇ, ୭ ।୧୧(ଏଜେନ୍ସି): ଜଣାଶୁଣା ବଲିଉଡ ଅଭିନେତ୍ରୀ ତଥା ଗାୟିକା ସୁଲକ୍ଷଣା ପଣ୍ଡିତ ୭୧ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି । ଗୁରବାର ସନ୍ଧ୍ୟା ୭ଟାରେ ହୃଦ୍‌ଘାତ କାରଣରୁ ସେ ମୃତ୍ୟୁବରଣ କରିଛନ୍ତି । ଗତ କିଛିଦିନ ହେବ ସେ ଅସୁସ୍ଥ ରହି ଆସୁଥିଲେ । ମୁମ୍ବଇର ନାନାବତୀ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସ୍ଥାନୀୟ ବିଲେ ପାର୍ଲେ ପବନ ହଂସ ଶ୍ମସାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଏହି ଅବସରରେ ଅଭିନେତ୍ରୀ ଶବାନା ଆଜମି, ପୁନମ ଧିଲନ ଓ ଅନ୍ୟ ବଲିଉଡ୍ ତାରକା ଉପସ୍ଥିତ ଥିଲେ । ସେ ଜଣାଶୁଣା ସଙ୍ଗୀତକାର ଯତିନ ଓ ଲଳିତ ପଣ୍ଡିତଙ୍କ ଭଉଣୀ । ଜଣାଶୁଣା ଅଭିନେତ୍ରୀ ବିଜେତା ପଣ୍ଡିତ ମଧ୍ୟ ତାଙ୍କର ଭଉଣୀ ଥିଲେ । ସେ ଅଭିନେତା ସଞ୍ଜୀବ କୁମାରଙ୍କୁ ବିବାହ କରିବାକୁ ଚାହୁଁଥିଲେ । କିନ୍ତୁ ସଞ୍ଜୀବ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖାନ କରିବା ପରେ ସେ ମାନସିକ ଭାବେ ଗଭୀର ଆଘାତ ପାଇଥିଲେ । ସେ ସାରା ଜୀବନ ବିବାହ ମଧ୍ୟ କରି ନଥିଲେ । ସେ ୧୯୫୪ରେ ଏକ ସଙ୍ଗୀତ ସହିତ ଜଡିତ ଥିବା ଏକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଓ ମାତ୍ର ୯ ବର୍ଷରେ ସେ ଗୀତ ଗାଇବା ଆରମ୍ଭ କରିଥିଲେ । ୧୯୭୫ରେ 'ଉଲଝନ' ଓ ୧୯୭୬ରେ 'ସଂକଳ୍ପ' ସିନେମାରେ ଗୀତ ଗାଇ ସେ ଲୋକପ୍ରିୟତା ହାସଲ କରିଥିଲେ । ୧୯୭୦ ଓ ୮୦ ଦଶକରେ ସେ ଉଭୟ ଅଭିନେତ୍ରୀ ଓ ଗାୟିକା ଭାବେ ସଫଳତା ହାସଲ କରିଥିଲେ ମଧ୍ୟ ପରେ ବ୍ୟକ୍ତିଗତ ଓ ପେସାଦାର ଭାବେ କଷ୍ଟକର ସ୍ଥିତିର ସମ୍ମୁଖୀନ ହୋଇଥିଲେ । ସେ ଜିତେନ୍ଦ୍ରେ, ସଞ୍ଜୀବ କୁମାର, ରାଜେଶ ଖାନ୍ନା, ବିନୋଦ ଖାନ୍ନା, ଶଶି କପୁର ଓ ଶତ୍ରୁଘ୍ନ ସିହ୍ନାଙ୍କ ସହ ଏକାଧିକ ସିନେମାରେ ଅଭିନୟ କରି ସଫଳତା ହାସଲ କରିଥିଲେ ।

## ତୃଣମୂଳ ସାଂସଦଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଟଙ୍କା ଗାଏବ



କୋଲକାତା, ୭ ।୧୧(ଏଜେନ୍ସି): ତୃଣମୂଳ ସାଂସଦ କଲ୍ୟାଣ ବାନାର୍ଜୀ ସାଇବର ଠକେଇର ଶିକାର ହୋଇଛନ୍ତି । ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଟଙ୍କା ଗାଏବ ହୋଇଛି । ଗତ ଅକ୍ଟୋବର ୨୮ ରେ ସାଇବର ଠକମାନେ ନକଲି ପାନ ଓ ଆଧାର କାର୍ଡ ବ୍ୟବହାର କରି କେୱାଇସି ଅପଡେଟ୍ କରିବା ବାହାନାରେ ପଞ୍ଜୀକୃତ ମୋବାଇଲ ନମ୍ବରର ଲିଙ୍କ ବଦଳାଇ ଏହି କାଣ୍ଡ ଘଟାଇଛନ୍ତି ବୋଲି ପୁଲିସ କହିଛି । ପର୍ଯ୍ୟାୟକ୍ରମେ ଠକମାନେ ମୋଟ୍ ୫୬ ଲକ୍ଷ ଟଙ୍କା ଉଠାଇ ନେଇଛନ୍ତି । ଏନେଇ କୋଲକାତା ପୋଲିସ ସାଇବର କ୍ରାଇମ ବ୍ରାଞ୍ଚ୍ ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଭିଯୋଗ କରିଛି । ୨୦୦୧ରୁ ୨୦୦୬ ମଧ୍ୟରେ ଦକ୍ଷିଣ ଆସାନସୋଲରେ ବିଧାୟକ ଥିବା ବେଳେ କଲ୍ୟାଣ ଏସ୍‌ବିଆଇ ଉପଶାଖାରେ ଏହି ଆକାଉଣ୍ଟ ଖୋଲିଥିଲେ । କଲ୍ୟାଣ ଏବେ ଶ୍ରୀରାମପୁରରେ ସାଂସଦ ଅଛନ୍ତି । ଏହା ଏକ ପୁରୁଣା ଆକାଉଣ୍ଟ ଓ ଦୀର୍ଘ ସମୟଧରି ଏଥିରେ ନେଣଦେଣ ହୋଇନାହିଁ ବୋଲି ସେ କହିଛନ୍ତି । ଏନେଇ ଯାଞ୍ଚ ଜାରି ରହିଛି । ଟଙ୍କା ଏକାଧିକ ଭିନ୍ନ ଏକାଉଣ୍ଟକୁ ପଠାଯାଇଛି । ଏହି ଅର୍ଥରେ ଗହଣା କ୍ରୟ କରାଯାଇଛି ଓ ଏଟିଏମ୍‌ରୁ ପଇସା ମଧ୍ୟ ଉଠାଯାଇଛି ବୋଲି ପୁଲିସ କହିଛି ।

### ଟ୍ରମ୍ପଙ୍କ ସଟ୍‌ଡାଉନ୍ ପାଇଁ କର୍ମଚାରୀଙ୍କ ସଂଖ୍ୟା ହ୍ରାସ

# ଆମେରିକାରେ ୭୦୦ ବିମାନ ଉଡ଼ାଣ ବାତିଲ

ୱାଶିଂଟନ, ୭ ।୧୧(ଏଜେନ୍ସି): ଆମେରିକାରେ ଚାଲିଥିବା ସଟ୍‌ଡାଉନ୍ ୩୭ ଦିନରେ ପହଞ୍ଚିଛି । ଏହା ଦ୍ୱାରା ବିମାନ ଯାତ୍ରା ସବୁଠାରୁ ନକାରାତ୍ମକ ଭାବେ ପ୍ରଭାବିତ ହୋଇଛି । ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫ୍ଏଏ) ଗୁରୁବାର ଦେଶର ୪୦ଟି ବୃହତ୍ ବିମାନ ବନ୍ଦରରେ ଉଡ଼ାଣ ସଂଖ୍ୟାକୁ ହ୍ରାସ କରିଛି । ଶୁକ୍ରବାର ଏହି ପ୍ରକ୍ରିୟାକୁ ଆରମ୍ଭ କରାଯାଇଛି । ଏଥିରେ ନ୍ୟୁୟର୍କ ଓ ୱାସିଂଟନର ବଡ଼ ବିମାନ ବନ୍ଦରଗୁଡିକ ସାମିଲ ରହିଛି । ଏହି ୪୦ଟି ବିମାନ ବନ୍ଦର ଦେଶର ସବୁଠାରୁ ବ୍ୟସ୍ତ ବହୁଳ ରହିଆସିଛି । ଏଥିପାଇଁ 'ଥ୍ୟାଙ୍କସ ଗିଭିଂ ୱିକ୍' ପୂର୍ବରୁ ଛୁଟି ଥିବାରୁ ଯାତ୍ରା କରିବାକୁ ଥିବା ଲୋକଙ୍କ ଚିନ୍ତା ବଢ଼ିଯାଇଛି । ଏକ ଜଣାଶୁଣା ନ୍ୟୁଜ୍ ଏଜେନ୍ସିର ସୂଚନା ଅନୁସାରେ କେତେକ ବଡ଼ ଏୟାର ଲାଇନ୍ସ ଆଗୁଆ ନିଜର ଉଡାଣକୁ ବାତିଲ କରିସାରିଛନ୍ତି । ଏପର୍ଯ୍ୟନ୍ତ ମୋଟ୍ ଉପରେ ୭୦୦ରୁ ଉର୍ଦ୍ଧ୍ୱ ଉଡାଣ ବାତିଲ ହୋଇ ସାରିଛି । ଏଥିରେ ଆଞ୍ଚଳିକ ଓ ମୁଖ୍ୟ ଉଡାଣ ମଧ୍ୟ ସାମିଲ ରହିଛି । କିନ୍ତୁ ଅନ୍ତର୍ଜାତୀୟ ଉଡାଣ ଏହା ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି କୁହାଯାଇଛି । ଏୟାର ଟ୍ରାଫିକ୍ କଣ୍ଟ୍ରୋଲର୍ସଙ୍କ ଅଭାବକୁ କମ୍ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଏଫ୍ଏଏ ତରଫରୁ କୁହାଯାଇଛି । କଣ୍ଟ୍ରୋଲରମାନେ ଗତ ଗୋଟିଏ ମାସ ହେବ ବିନା ଦରମାରେ କାର୍ଯ୍ୟ କରୁଛନ୍ତି ।



ଏହି ପ୍ରକ୍ରିୟା ଧୀରେ ଧୀରେ ଆଗକୁ ବଢ଼ିବ । ଶୁକ୍ରବାରଠାରୁ ୪ ପ୍ରତିଶତ ଉଡାଣ କମ୍ ହୋଇଛି । ନଭେମ୍ବର ୧୪ ବେଳକୁ ଏହା ୧୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିବ । ଉଡାଣ ବାତିଲ ପ୍ରକ୍ରିୟା ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ । ଏହା ଦ୍ୱାରା ଘରୋଇ ଉଡାଣ ପ୍ରଭାବିତ ହେବ । ଏହା ଦ୍ୱାରା ପ୍ରତିଦିନ ୧,୮୦୦ ଉଡାଣ ବାତିଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଫଳରେ ୨.୬୮ ଲୋକ ଏହା ଦ୍ୱାରା ପ୍ରଭାବିତ ହେବେ । ଡେଲ୍ଟା ଏୟାର ଲାଇନ୍ସ ଶୁକ୍ରବାର ୧୭୦ ଉଡାଣ ବାତିଲ କରିଛି । ସେହିପରି ୟୁନାଇଟେଡ ଏୟାର ଲାଇନ୍ସର ୨୦୦ ଉଡାଣ ଓ ଆମେରିକାନ ଏୟାର ଲାଇନ୍ସର ୨୨୦ ଉଡାଣ ବାତିଲ ହୋଇଛି । ସାଉଥୱେଷ୍ଟ ଏୟାର ଲାଇନ୍ସ ୧୦୦ଟି ଉଡାଣକୁ ବାତିଲ କରିଛି । ଏୟାର ଲାଇନ୍ସ ଫର ଆମେରିକା କହିଛି ଯେ, ଆମେ ସରକାରଙ୍କ ସହ ସାଥି ହୋଇ ଯାତ୍ରୀଙ୍କ ସମସ୍ୟା କମ୍ କରିବାକୁ ପ୍ରୟାସ କରୁଛୁ । କେଉଁ ଉଡାଣକୁ ବାତିଲ କରାଯିବ ଏୟାର ଲାଇନ୍ସ ନିଜେ ସ୍ଥିର କରିବେ ବୋଲି ଏଫ୍ଏଏ କହିଛି । ଏହି ସସମ୍ୟାକୁ ଦୃଷ୍ଟିରେ ରଖି ଏୟାରଲାଇନ୍ସଗୁଡିକର ମାର୍ଗ ଦର୍ଶିକା ଜାରି ରହିଛି । ବ୍ୟାକ୍‌ଅପ୍ ଟିକଟ୍ ବୁକ୍ କରିବାକୁ ପରାମର୍ଶ ଦିଆଯାଇଛି । ଆମେରିକାରେ ଚାଲିଥିବା ସଟ୍‌ଡାଉନ୍ କାରଣରୁ ୧୩,୦୦୦ କଣ୍ଟ୍ରୋଲର୍ସ ଓ ୫୦,୦୦୦ ପରିବହନ ସୁରକ୍ଷା ଏଜେଣ୍ଟ (ଟିଏସ୍ଏ) ବିନା ପାଉଣାରେ କାର୍ଯ୍ୟ କରୁଛନ୍ତି । ଉଲ୍ଲେଖଥାଉ କି, ଅକ୍ଟୋବର ପହିଲାରୁ ଲାଗୁ ହୋଇଥିବା ଏହି ସଟ୍‌ଡାଉନ୍ ୩୭ ଦିନରେ ପହଞ୍ଚିଛି । ଆମେରିକା ଇତିହାସର ଏହା ସବୁଠାରୁ ବଡ଼ ସଟ୍‌ଡାଉନ୍ । ଏହାପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ୩୫ ଦିନ ସଟ୍‌ଡାଉନ ଜାରି ହୋଇଥିଲା । ଏହି କାରଣରୁ ୬.୭ ଲକ୍ଷ ସରକାରୀ କର୍ମଚାରୀ ଛୁଟିରେ ଯାଇସାରିଛନ୍ତି । ୭.୩ ଲକ୍ଷ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରୁଛନ୍ତି । ୧୪ ଲକ୍ଷ ଲୋକ ଧାରଉଧାର କରି ଘର ଚଳାଉଛନ୍ତି । ଟ୍ରମ୍ପ ହେଲ୍‌ଥ କେୟାର ପ୍ରୋଗ୍ରାମ୍‌ର ସବସିଡି ବଢ଼ାଇବାକୁ ପ୍ରସ୍ତୁତ ନାହାନ୍ତି । ଏହି କାରଣରୁ ଆମେରିକା ସଂସଦର ଉପର ଗୃହରେ ସିନେଟ୍‌ରେ ଫଣ୍ଡିଂ ବିଲ୍ ପାସ୍ ହୋଇପାରୁନାହିଁ । ଏହି ବିଲ୍‌କୁ ନେଇ ଏପର୍ଯ୍ୟନ୍ତ ୧୪ଥର ଭୋଟିଂ ହୋଇ ସାରିଲାଣି । କିନ୍ତୁ ପ୍ରତ୍ୟେକଥର ବହୁମତ ପାଇଁ ୬୦ଟି ଭୋଟ ମିଳିପାରି ନାହିଁ । ପ୍ରତ୍ୟେକ ଦିନ ୩୩୦୦ କୋଟି ଟଙ୍କାର ଦରମା କ୍ଷତି ହେଉଛି ।

## ସ୍କୁଲ, କଲେଜ, ହସ୍ପିଟାଲରୁ ବୁଲା କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ସ୍କୁଲ, କଲେଜ, ହସ୍ପିଟାଲ ଓ ବସ୍‌ଷ୍ଟାଣ୍ଡରୁ ବୁଲା କୁକୁରଙ୍କୁ ହଟାଇବାକୁ ଅର୍ଥାତ ଦୁରେଇ ନେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି । କୁକୁରଙ୍କୁ ରୋକିବା ପାଇଁ ସ୍କୁଲ୍, କଲେଜ ଓ ହସ୍ପିଟାଲରେ ବାଡ଼ ବସାଯିବାକୁ କୋର୍ଟ କହିଛନ୍ତି । ଧରାଯାଇଥିବା କୁକୁରଙ୍କୁ ଯେଉଁଠାରୁ ଉଠାଯାଉଛି, ସେହି ସ୍ଥାନରେ ପୁଣି ନ ଛାଡିବାକୁ ଓ ଏହି କୁକୁରଙ୍କୁ ଆଶ୍ରୟ ଗୃହରେ ରଖିବାକୁ କୁହାଯାଇଛି । ସେହିପରି ସବୁ ଜାତୀୟ ଓ ରାଜ୍ୟ ରାଜପଥରୁ ବୁଲା ପଶୁଙ୍କୁ ସ୍ଥାନାନ୍ତର କରିବାକୁ ମଧ୍ୟ ଆଦେଶ ଦେଇଛନ୍ତି । ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏହି ଆଦେଶ କଡ଼ାକଡ଼ି ଭାବେ ପାଳନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଆଗାମୀ ୩ ସପ୍ତାହ ମଧ୍ୟରେ ରିପୋର୍ଟ ଓ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କୁହାଯାଇଛି । ଉଲ୍ଲେଖଥାଉ କି, ରାଜସ୍ଥାନ ହାଇକୋର୍ଟ ୩ ମାସ ତଳେ ସରକାରୀ ଏଜେନ୍ସିଗୁଡିକୁ ସଡକରୁ ବୁଲା ପଶୁଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ।



ଏହି କାର୍ଯ୍ୟକ୍ରମକୁ ପ୍ରଭାବିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ଥାନ ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ସାରା ଦେଶରେ ଲାଗୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହାପୂର୍ବରୁ ନଭେମ୍ବର ୩ରେ ସୁପ୍ରିମକୋର୍ଟ କହିଥିଲେ ଯେ, ସରକାରୀ କ୍ୟାମ୍ପସ୍‌ରେ କୁକୁରଙ୍କୁ ଖାଦ୍ୟ ଦେବା ପାଇଁ ନିୟମ ଜାରି ହେବ । ଉଲ୍ଲେଖଥାଉ କି, ଜୁଲାଇ ୨୮ରେ ଏକ ଗଣମାଧ୍ୟମ ରିପୋର୍ଟକୁ ଭିତ୍ତିକରି ସୁପ୍ରିମକୋର୍ଟ ସମସ୍ୟାକୁ ହୃଦୟଙ୍ଗମ କରିଥିଲେ । ବୁଲା କୁକୁରଙ୍କ କାମୁଡାର ଶିକାର ହୋଇ ଜଳାତଙ୍କ ରୋଗରେ ମୃତ୍ୟୁ ସଂଖ୍ୟା କୋର୍ଟଙ୍କ ନଜରକୁ ଆସିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ।

## ଗାଜା ସୁଡ଼ଙ୍ଗରେ ଫସିଛନ୍ତି ୨୦୦ ହମାସ୍ ଯୋଦ୍ଧା

ଗାଜା, ୭ ।୧୧(ଏଜେନ୍ସି): ଗାଜାର ରଫା ସୀମା ନିକଟରେ ୨୦୦ ହମାସ ଯୋଦ୍ଧା ଏକ ସୁଡଙ୍ଗରେ ଫସି ରହିଛନ୍ତି ଓ ସେଠାରୁ ବାହାରକୁ ବାହରି ପାରୁନାହାନ୍ତି । ୨୦୨୫ ମାର୍ଚ୍ଚ ମାସରୁ ଏମାନେ ଏହି ସୁଡଙ୍ଗରେ ଫସି ରହିଛନ୍ତି ବୋଲି ଇସ୍ରାଏଲ ଗଣମାଧ୍ୟମଗୁଡିକ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଇସ୍ରାଏଲ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଏହି ହାମାସ ଯୋଦ୍ଧାମାନେ ଫସି ରହିଛନ୍ତି ବୋଲି ଜଣେ ଅଧିକାରୀ କହିଛନ୍ତି । ଏମାନେ ସମସ୍ତେ ସୁଡଙ୍ଗ ଭିତରରେ ଲୁଚି ରହିଛନ୍ତି । କିନ୍ତୁ ଯଦି ଏମାନେ ପଛକୁ ହଟିବାକୁ ଚେଷ୍ଟା କରନ୍ତି ତେବେ, ଇସ୍ରାଏଲ ସୈନିକ (ଆଇଡିଏଫ୍) ହାତରେ ଧାରା ପଡ଼ିବାର ଆଶଙ୍କା ରହିଛି । ଏମାନଙ୍କୁ ସୁରକ୍ଷିତ ଭାବେ ବାହାରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି । ଏମାନଙ୍କୁ ବାହାର କରିବା ପାଇଁ ହମାସ ସହ କୌଣସି ଚୁକ୍ତି ହୋଇନାହିଁ ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି । ଇସ୍ରାଏଲ ସେନା ସୁଡଙ୍ଗରୁ ବାହାରିବା ରାସ୍ତା ବନ୍ଦ କରିଦେଇଛି । ଏବେ ହମାସ ଯୋଦ୍ଧା ଆତ୍ମସମର୍ପଣ କରିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ନେହେଲେ ସମସ୍ତଙ୍କୁ ମାରି ଦିଆଯିବ ବୋଲି ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଏୟାଲ ଜମୀର କହିଛନ୍ତି । ଯଦି ସେମାନେ ଆତ୍ମସମର୍ପଣ କରନ୍ତି ତେବେ, ସେମାନଙ୍କୁ ତେଇମାନ ମିଲିଟାରୀ ଠିକଣାକୁ ନିଆଯିବ । ଅନ୍ୟପଟେ ଏହି ହମାସ ଯୋଦ୍ଧାଙ୍କୁ ବାହାରକୁ ବାହାର କରାଯାଇଥିବା ରିପୋର୍ଟକୁ ନେତାନ୍ୟାହୁ ଖଣ୍ଡନ କରିଛନ୍ତି । ଫସି ରହିଥିବା ଏହି ଯୋଦ୍ଧା ହମାସ ଓ ଇସ୍ରାଏଲ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତି ବିଷୟରେ କିଛି ଜାଣିନାହାନ୍ତି ବୋଲି କୁହାଯାଇଛି । ଗତ ଦୁଇବର୍ଷ ଧରି ଚାଲିଥିବା ଇସ୍ରାଏଲ- ହମାସ ଯୁଦ୍ଧରେ ଏପର୍ଯ୍ୟନ୍ତ ୬୭ ହଜାରରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ଏକ ଲକ୍ଷ ୭୦ ହଜାର ଲୋକ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୨୦ ହଜାର ଛୋଟପିଲା ସାମିଲ ରହିଛନ୍ତି । ଇସ୍ରାଏଲ ମଧ୍ୟ ଗାଜାର ୭୫ ପ୍ରତିଶତ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଥିଲା ।

**● ପାଇଲଟଙ୍କ ବାପାଙ୍କୁ ସୁପ୍ରିମକୋର୍ଟଙ୍କ ସାନ୍ତ୍ୱନା**

## ଆପଣଙ୍କ ପୁଅର ଦୋଷ ନାହିଁ; ଅପବାଦ ମୁଣ୍ଡାଇବେନି

**ଅହମଦାବାଦ ବିମାନ ଦୁର୍ଘଟଣା**

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ମାମଲାରେ ସୁପ୍ରିମକୋର୍ଟ ପୁଣିଥରେ ପାଇଲଟ୍‌ଙ୍କ କୌଣସି ଭୂମିକା ନାହିଁ ବୋଲି କହିଛନ୍ତି । ଏହି ଦୁର୍ଘଟଣା ପାଇଁ ପାଇଲଟ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ । ପାଇଲଟ୍ ସୁମୀତ ସଭରୱାଲଙ୍କ ୯୧ ବର୍ଷୀୟ ପିତା ପୁଷ୍କର ରାଜ ସଭରୱାଲଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି କଥା କହିଛନ୍ତି । ପୁଷ୍କରଙ୍କୁ କୋର୍ଟ ସାନ୍ତ୍ୱନା ଦେଇଛନ୍ତି । ଆପଣଙ୍କ ପୁଅର କୌଣସି ଦୋଷ ନାହିଁ ଓ ଆପଣ ଅପବାଦ ମୁଣ୍ଡାଇବେନି ବୋଲି କୋର୍ଟ ତାଙ୍କୁ କହିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହି ଦୁର୍ଘଟଣାରେ ପାଇଲଟଙ୍କ ତ୍ରୁଟି ଥିଲା ବୋଲି ଦେଶରେ କେହି ଭାବୁନାହାନ୍ତି । ପୁଣି ଦୁର୍ଘଟଣା ପ୍ରାରମ୍ଭିକ ଯାଞ୍ଚ୍ ରିପୋର୍ଟରେ ମଧ୍ୟରେ ପାଇଲଟ୍‌ଙ୍କ ବରୋଧରେ କୌଣସି ଅଭିଯୋଗ କରାଯାଇନାହିଁ ବୋଲି କୋର୍ଟ କହିଛନ୍ତି । ପୁଷ୍କର ଏହି ବିମାନ ଦୁର୍ଘଟଣାର ସ୍ୱତନ୍ତ୍ର ଯାଞ୍ଚ୍ କରିବାକୁ ଦାବି କରିଛନ୍ତି । ଏହାକୁ ଭିତ୍ତି କରି କୋର୍ଟ କେନ୍ଦ୍ର ସରକାର ଓ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଠାରୁ ଜବାବ ମାଗିଛନ୍ତି । ଏହି ଆବେଦନ ଉପରେ ନଭେମ୍ବର ୧୦ରେ ଅନ୍ୟଏକ ମାମଲା ସହିତ ପୁଣି ଶୁଣାଣି ହେବ । ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଏୟାର ଇଣ୍ଡିଆର ବିମାନ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏଆଇ ୧୭୧ ଟେକ୍‌ଅଫ୍ କରିବାର କିଛି ସମୟ ମଧ୍ୟରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା । ଏଥିରେ ୨୩୦ ଯାତ୍ରୀ ଓ ୧୨ କ୍ରୁ ମେମ୍ବରଙ୍କ ସମେତ ୨୧୪ ଜଣ ଲୋକ ପ୍ରାଣ ହରାଇଥିଲେ । ପୁଣି ଯେଉଁଠାରେ ବିମାନ ଖସିଥିଲା ସେଠାରେ ୨୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ଏହି ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀ ମଧ୍ୟ ପ୍ରାଣ ହରାଇଥିଲେ ।

## ଆବ୍ରାହମ୍ ଚୁକ୍ତିରେ ସାମିଲ ହେବ କାଜାଖସ୍ତାନ

ୱାସିଂଟନ, ୭ ।୧୧(ଏଜେନ୍ସି): ଆଉ ଏକ ମୁସ୍‌ଲିମ ଦେଶ ଇସ୍ରାଏଲ ସହିତ ଆବ୍ରାହମ ଚୁକ୍ତିରେ ସାମିଲ ହେବାକୁ ଯାଉଛି । କେନ୍ଦ୍ର ଏସୀୟ ଦେଶ କାଜାଖସ୍ତାନ ଏହି ଆବ୍ରାହମ ଶାନ୍ତି ଚୁକ୍ତିରେ ସାମିଲ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଘୋଷଣା କରିଛନ୍ତି । ଇସ୍ରାଏଲ ଓ ମୁସ୍‌ଲିମ ବହୁଳ ଦେଶମାନଙ୍କ ମଧ୍ୟରେ ସମ୍ପର୍କକୁ ସାମାନ୍ୟ ଓ ଶତ୍ରୁତା ତଥା ସଂଘର୍ଷକୁ କମ୍ କରିବା ଏହି ଆବ୍ରାହମ ଚୁକ୍ତିର ମୂଳ ଉଦ୍ଦ୍ୟେଶ । ଆବ୍ରାହମ ଇହୁଦୀ, ମୁସଲମାନ ଓ ଖ୍ରୀଷ୍ଟିଆନ ଧର୍ମର ପୈଗମ୍ବର ରହିଥିବାରୁ ତାଙ୍କ ନାମରେ ଏହି ଚୁକ୍ତି ନାମିତ କରାଯାଇଛି । ଏ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଓ କାଜାଖସ୍ତାନ ରାଷ୍ଟ୍ରପତି କାସିମ-ଜୋମାର୍ଟ ତୋକାୟେଭଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଖୁବ୍‌ଶୀଘ୍ର ଏହି ଚୁକ୍ତି ସ୍ୱାକ୍ଷର ନେଇ ତାରିଖ ଘୋଷଣା କରାଯିବ ଓ ଅନ୍ୟ କେତୋଟି ଦେଶ ମଧ୍ୟ ଏହି ଚୁକ୍ତିରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଉଲ୍ଲେଖଥାଉ କି, ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୨୦ରେ ଏହି ଆବ୍ରାହାମ ଚୁକ୍ତିର ଆରମ୍ଭ ହୋଇଥିଲା । ସେତେବେଳେ ଟ୍ରମ୍ପଙ୍କ କହିବା ଅନୁଯାୟୀ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ବାହାରିନ ଭଳି ଆରବ ଦେଶ ଇସ୍ରାଏଲ ସହିତ ସମ୍ପର୍କ ସ୍ଥାପନ କରିଥିଲେ ।

## ଆସନ୍ତା ବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ୱାସିଂଟନ, ୭ ।୧୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବର୍ଷ ଭାରତ ଆସିପାରନ୍ତି । ଟ୍ରମ୍ପ ଏ ନେଇ ଗୁରୁବାର ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତାଙ୍କର ଭଲଭାବେ କଥାବାର୍ତ୍ତା ଚାଲୁ ରହିଛି ଓ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଚର୍ଚ୍ଚା ଗଠନମୂଳକ ଭାବେ ଆଗକୁ ବଢ଼ୁଛି ବୋଲି ସେ କହିଛନ୍ତି । ହ୍ୱାଇଟ ହାଉସ୍‌ର ଓଭାଲ କାର୍ଯ୍ୟାଳୟରେ ଗଣମଧ୍ୟମଗୁଡିକ ସହ କଥା ହେବା ବେଳେ ସେ ପୁଣି ଥରେ ମୋଦୀଙ୍କୁ ନିଜର ଏକ ଭଲ ବନ୍ଧୁ ଓ ଉତ୍ତମ ବ୍ୟକ୍ତି ବୋଲି ଅଭିହିତ କରିଥିଲେ । ଆମ ମଧ୍ୟରେ ପ୍ରାୟ କଥାବାର୍ତ୍ତା ଚାଲିଛି । ସେ ରୁଷଠାରୁ ତୈଳ କ୍ରୟର ପରିମାଣକୁ କମାଇଛନ୍ତି । ଭାରତ ଆସିବାକୁ ସେ ମୋତେ ନିମନ୍ତ୍ରଣ ଦେଇଛନ୍ତି ଓ ଭାରତ ଯିବାକୁ ଚାହୁଁଛି ବୋଲି ଟ୍ରମ୍ପ କହିଛନ୍ତି । ଏକ ପ୍ରଶ୍ନ ଉତ୍ତର ଦେଇ ସେ ଆସନ୍ତାବର୍ଷ ହିଁ ଭାରତ ଆସିପାରିନ୍ତି ବୋଲି କହିଛନ୍ତି ।

## ୧୮୦୦ କୋଟି ଟଙ୍କା ଜମି ଦୁର୍ନୀତିରେ ଫସିଲେ ଅଜିତ ପାୱାରଙ୍କ ପୁଅ

ମୁମ୍ବଇ, ୭ ।୧୧(ଏଜେନ୍ସି): ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ପାୱାରଙ୍କ କମ୍ପାନୀ ସହିତ ଜଡିତ ଏକ ଜମି କିଣାବିକା ଦୁର୍ନୀତିକୁ ସାମ୍ନାକୁ ଆସିଛି । ଏଥିରେ ପାର୍ଥ ଏହି ବିବାଦରେ ଫସିଥିବା ବେଳେ ଅଜିତ ବ୍ୟାକ୍‌ଫୁଟ୍‌କୁ ଆସିଛନ୍ତି । ପାର୍ଥଙ୍କ କମ୍ପାନୀ ଏକ ଜମି କିଣାବିକା ମାମଲାରେ ଅନିୟମିତତା କରିଛି ବୋଲି ଅଭିଯୋଗ ହୋଇଛି । ଅଭିଯୋଗର ଗମ୍ଭୀରତାକୁ ହୃଦୟଙ୍ଗମ କରି ସରକାର ଏକ ଉଚ୍ଚସ୍ତରୀୟ ଯାଞ୍ଚ୍ କମିଟି ଗଠନ କରିଛନ୍ତି । ଆଗାମୀ ୮ ଦିନ ମଧ୍ୟରେ କମିଟି ଅନ୍ତିମ ରିପୋର୍ଟ ଦାଖଲ କରିବ ବୋଲି ଆଶା କରାଯାଉଛି । ଏହି ମାମଲାରେ ସବ-ରେଜିଷ୍ଟ୍ରାରଙ୍କ ତଥାକଥିତ ଭୂମିକାକୁ ନେଇ ତାଙ୍କୁ ନିଲମ୍ବନ କରାଯାଇଛି । ଏବେ ଏହି ମାମଲା ନେଇ ଅଜିତ ସଫେଇ ଦେଇଛନ୍ତି । ପୁଣେରେ ଏହି କୋଟି କୋଟି ଟଙ୍କା ଜମି କିଣା ନେଇ ଆମର କୌଣସି ଯାଏଆସେ ନାହିଁ ବୋଲି ସେ କହିଛନ୍ତି । ନିୟମର ଉଲ୍ଲଂଘନ କରିଥିବା କୌଣସି ବ୍ୟକ୍ତିଙ୍କୁ ସେ ସମର୍ଥନ କରୁନାହାନ୍ତି ବୋଲି କହିଛନ୍ତି ।

୧,୮୦୦ କୋଟି ଟଙ୍କାର ଏହି ଜମି କିଣାବିକାକୁ ନେଇ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ (ଆଇଜିଆର) ଏକ ରିପୋର୍ଟ ମୁମ୍ବଇର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇଥିଲେ । ପୁଣେ ମୁନ୍ଧୱା ଅଞ୍ଚଳରେ ହୋଇଥିବା ଏହି ଜମି କିଣାବିକା ମାମଲାରେ ବ୍ୟାପକ ଅନିୟମିତତା ହୋଇଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା । ୪୩ ଏକର ଅର୍ଥାତ ୧୭.୫



ହେକ୍ଟର ପରିମିତ ଏହି ଜମି ରାଜ୍ୟ ସରକାରଙ୍କର ବୋଲି ଜଣାପଡ଼ିଛି । ଏହାକୁ ପାର୍ଥ ପାୱାରଙ୍କ କମ୍ପାନୀ ଆମେଡିଆ ଏଣ୍ଟରପ୍ରାଇସ୍ ଏଲ୍‌ଏଲ୍‌ପିକୁ ମାତ୍ର ୩୦୦ କୋଟି ଟଙ୍କାରେ ବିକ୍ରି କରାଯାଇଥିଲା । କିନ୍ତୁ ଏହି ଜମିର ପ୍ରକୃତ ମୂଲ୍ୟ ୧,୮୦୦ କୋଟି ଟଙ୍କା ବୋଲି କୁହାଯାଇଛି । ୧୫ ବର୍ଷ ତଳେ ଏହି ଜମିକୁ ଇଣ୍ଡିଆନ ବଟାନିକାଲ ସର୍ଭେକୁ ଲିଜ୍‌ରେ ଦିଆଯାଇଥିଲା । ପରେ ଏହି ଲିଜ୍‌କୁ ୫୦ ବର୍ଷ ପାଇଁ ଅର୍ଥାତ ୨୦୩୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଏହା ସତ୍ତ୍ୱେ ଏହି ଜମି କିପରି କିଣାବିକା ହେଲା ସେ ନେଇ ପ୍ରଶ୍ନ ଉଠିଛି । ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି । ଶାସକ ମହାଯୁତିକୁ ଟାର୍ଗେଟ କରିଛି ବିପକ୍ଷ ଦଳ ।








ନୂଆପଡ଼ାରେ ସ୍ନେହାଙ୍ଗିନୀଙ୍କ ପାଇଁ ପ୍ରଚାର ମଇଦାନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ

### ୮୪ତମ ଭାରତୀୟ ସଡ଼କ କଂଗ୍ରେସ ଉଦ୍‌ଘାଟିତ

# ଦୁର୍ଘଟଣାରେ ଦିନକୁ ୪୨୦ ମୃତ୍ୟୁ: ଗଡ଼କରୀ



**ତ୍ରୁଟିପୂର୍ଣ୍ଣ ଡିପିଆର୍ ବଢ଼ାଉଛି ସଡ଼କ ଦୁର୍ଘଟଣା**

**ବିଶ୍ୱରେ ଏକନମ୍ବର ହେବ ଭାରତର ସଡ଼କ ନେଟୱର୍କ**

**ଗୁଣବତ୍ତା ପାଇଁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥା ଆବଶ୍ୟକ**

**କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠିରୁ ଓଡ଼ିଶା ପାଇଁ ୧୦୦୦ କୋଟି**

**ହାଇଡ୍ରୋଜେନ ଚାଳିତ ୧୦ ପ୍ରକଳ୍ପରୁ ଓଡ଼ିଶାରେ ଗୋଟିଏ**

ଭୁବନେଶ୍ୱର,୭।୧୧(ସମିସ): ପ୍ରତିବର୍ଷ ଦେଶରେ ୧ ଲକ୍ଷ ୮୦ ହଜାର ଦୁର୍ଘଟଣା ମୃତ୍ୟୁ ଘଟୁଛି । ହାରାହାରି ଦିନକୁ ମୃତ୍ୟୁସଂଖ୍ୟା ୪୨୦ । ତେଣୁ ଆମକୁ ପରିବହନ କ୍ଷେତ୍ରରେ ରୂପାନ୍ତରଣ କରିବାର ଆବଶ୍ୟକ ଅଛି । ପ୍ରଦୂଷଣ ମୁକ୍ତ ପରିବହନକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି । ଆମକୁ ସଡ଼କ ସୁରକ୍ଷା, ରୋଡ଼ ଇଞ୍ଜିନିୟରିଂ ପ୍ରତି ଧ୍ୟାନ ଦେବାକୁ ପଡ଼ିବ । ଏଥିରେ ତ୍ରୁଟି ବିଚ୍ୟୁତି ଆଦୌ ଗ୍ରହଣୀୟ ନୁହେଁ । ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ଘଟୁଛି । ଏଥିରେ ସୁଧାର ଆଣିବା ଲାଗି ଇଞ୍ଜିନିୟର ଏବଂ ପେଶାଦାରମାନେ ସମ୍ବେଦନଶୀଳ ହୁଅନ୍ତୁ । ବ୍ଲାକ ସ୍ପଟକୁ ଚିହ୍ନଟ ସହ ଏହାର ମରାମତି କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ।

ଶୁକ୍ରବାର ସ୍ଥାନୀୟ ଜୟଦେବ ଭବନଠାରେ ୮୪ତମ ଭାରତୀୟ ସଡକ କଂଗ୍ରେସ ସମାବେଶକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଶ୍ରୀ ଗଡକରୀ କହିଛନ୍ତି ଯେ ଆମେ ଟେକ୍ନୋଲୋଜି ବ୍ୟବହାର କରି ଉତ୍ତମ ମାନର ସଡ଼କ ନିର୍ମାଣ ପାଇଁ ପ୍ରୟାସ କରୁଛୁ । ଭାରତର ସଡ଼କ ନେଟୱର୍କ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଛି । ଉନ୍ନତ ସଡ଼କ ବିକଶିତ ହେଲେ ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପର ଆଗମନ ହୋଇଥାଏ । ଏସବୁକୁ ପ୍ରୋତ୍ସାହନ ମିଳିଲେ ପୁଞ୍ଜିନିବେଶ, ରୋଜଗାର ସୃଜନ ଏବଂ ଆର୍ଥିକ ଅଭିବୃଦ୍ଧିର ମାର୍ଗ ପ୍ରଶସ୍ତ ହୁଏ । ସଡ଼କ ନିର୍ମାଣ କ୍ଷେତ୍ରରେ ଅର୍ଥ କିମ୍ବା ସମ୍ବଳର ଅଭାବ ନାହିଁ । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହାସଲ କରିଛି । ଅର୍ଥ ଖର୍ଚ୍ଚ କରିବାକୁ ହେଲେ ସକରାତ୍ମକ ଚିନ୍ତା ଓ ଚିନ୍ତା ସହ ଶୀଘ୍ର ନିଷ୍ପତ୍ତି ନେବା ଦରକାର ବୋଲି ଉଲ୍ଲେଖ କରି ସେ ଓଡ଼ିଶା ପାଇଁ ୧୦୦୦ କୋଟି ଟଙ୍କାର କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠି ଘୋଷଣା କରିଛନ୍ତି । ଏହାସହ ସବୁଜ ହାଇଡ୍ରୋଜେନ ଚାଳିତ ବାହନ ଚଳାଚଳ ପାଇଁ ଦେଶରେ ଯେଉଁ ୧୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ସେଥିମଧ୍ୟରୁ ଗୋଟିଏ ଓଡ଼ିଶାରେ ରହିଛି ବୋଲି ସୂଚନା ଦେଇଛନ୍ତି ।

ସେ ଆହୁରି ମଧ୍ୟ କହିଥିଲେ ଯେ ପ୍ରତିବର୍ଷ ଦେଶରେ ୧ ଲକ୍ଷ ୮୦ ହଜାର ଦୁର୍ଘଟଣା ମୃତ୍ୟୁ ଘଟୁଛି । ଗୋଟିଏ ଦିନରେ ୪୨୦ ଜଣଙ୍କର ମୃତ୍ୟୁ ଘଟୁଛି । ମୃତକଙ୍କ ମଧ୍ୟରେ ୬୬ ପ୍ରତିଶତ କେବଳ ୧୮ରୁ ୩୬ ବର୍ଷୀୟ ବୟସ୍କ ରହିଛନ୍ତି । ପରିବହନ କ୍ଷେତ୍ରରେ ରୂପାନ୍ତରଣର ଆବଶ୍ୟକତା ରହିଛି । ଆମକୁ ସଡ଼କ ସୁରକ୍ଷା, ରୋଡ଼ ଇଞ୍ଜିନିୟରିଂ ପ୍ରତି ଧ୍ୟାନ ଦେବାକୁ ପଡ଼ିବ । ଏଥିରେ ତ୍ରୁଟି ବିଚ୍ୟୁତି ଆଦୌ ଗ୍ରହଣୀୟ ନୁହେଁ । ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ଘଟୁଛି । ଏଥିରେ ସୁଧାର ଆଣିବା ଲାଗି ଇଞ୍ଜିନିୟର ଏବଂ ପେସାଦାରମାନେ ସମ୍ବେଦନଶୀଳ ହୁଅନ୍ତୁ । ବ୍ଲାକ ସ୍ପଟକୁ ଚିହ୍ନଟ ସହ ଏହାର ମରାମତି କରିବାକୁ ମୁଁ ହାତଯୋଡି ଅନୁରୋଧ କରୁଛି ବୋଲି ସେ କହିଥିଲେ ।

କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଓଡ଼ିଶାର ଅର୍ଥନୀତିକୁ ମଜବୁତ୍ କରୁଛୁ । ଏଥିପାଇଁ ଆମ ସରକାର ବନ୍ଦର, ସଡ଼କ, ରେଳ ଏବଂ ବିମାନ ପରିବହନ କ୍ଷେତ୍ରର ବିକାଶ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛି । ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୧୩ ହଜାର ୬୯ କୋଟି ଟଙ୍କାର ଜାତୀୟ ରାଜପଥ ମଞ୍ଜୁର କରିଛନ୍ତି । ୫ ବର୍ଷ ମଧ୍ୟରେ ଆମ ସରକାର ୭୫ ହଜାର କିଲୋମିଟର ସଡକ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାରତୀୟ ସଡକ କଂଗ୍ରେସର ସଭାପତି ପ୍ରଫେସର ମନୋରଞ୍ଜନ ପରିଡା, ମହାସଚିବ ରାହୁଲ ଗୁପ୍ତା , ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ ।

### ହେଲିକପ୍ଟର ଉଡ଼ାଣ ଅନୁମତି ପ୍ରଦାନରେ ୨ ଘଣ୍ଟା ବିଳମ୍ବ

# ବିମାନବନ୍ଦରରେ ଅପେକ୍ଷା କଲେ ନବୀନ

ଭୁବନେଶ୍ୱର,୭।୧୧(ସମିସ): ନୂଆପଡ଼ା ଗସ୍ତରେ ଯିବା ପାଇଁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ବିମାନବନ୍ଦରରେ ଅନେକ ସମୟ ଅପେକ୍ଷା କରିବାକୁ ପଡ଼ିଛି । ନୂଆପଡା ଯିବା ପାଇଁ ନବୀନଙ୍କ ପାଇଁ ଯେଉଁ ହେଲିକପ୍ଟର ବ୍ୟବସ୍ଥା ହୋଇଥିଲା, ତାହାକୁ ଅନୁମତି ମିଳିବାରେ ବିଳମ୍ବ ହେତୁ ନବୀନଙ୍କ ଗସ୍ତ ବିଳମ୍ବିତ ହୋଇଥିଲା । ସକାଳ ୯ଟା ୩୦ରେ ନବୀନଙ୍କ ହେଲିକପ୍ଟର ଯିବାକୁ ଥିବା ବେଳେ ଏହାକୁ ଦିନ ୧୧ଟା ୩୦ରେ ଅନୁମତି ଦିଆଯାଇଥିଲା । ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବିଜେଡି ।

ଅନ୍ୟପଟେ ନବୀନଙ୍କ ହେଲକପ୍ଟରକୁ ଜାଣିଶୁଣି କ୍ଲିଅରାନ୍ସ ଦିଆଯାଇ ନଥିବା ନେଇ ବିଜେଡି ଅଭିଯୋଗ କରିଛି । ନବୀନଙ୍କ ଲୋକପ୍ରିୟତା ଦେଖି ବିରୋଧୀ ବିଜେପି ଛାନିଆ ହୋଇଯାଇଛି । ନବୀନଙ୍କ ପ୍ରଥମ ଜନସଭା ତଥା କୋମନା ସଭା ସମୟରେ ବିଜେପି ଏହି ସଭାକୁ ଭଣ୍ଡୁର କରିବା ପାଇଁ ବହୁ ଉଦ୍ୟମ କରିଥିଲା । ଏହା ସତ୍ତ୍ୱେ ହଜାର ହଜାର ଲୋକ ଏକାଠି ହୋଇ ନବୀନଙ୍କ ହାତମୁଠାକୁ ଟାଣ କରିଥିଲେ । ଏହି ହୀନ ଉଦ୍ୟମ ସରକାରଙ୍କର ସଫଳ ହେବ ନାହିଁ ଏହାର ଜବାବ ନୂଆପଡ଼ାବାସୀ ଦେବେ ବୋଲି ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି ।

ଏ ସଂକ୍ରାନ୍ତରେ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି ଯେ ନବୀନଙ୍କ ଫ୍ଲାଇଟ୍ ଅପରେଟର ଫ୍ଲାଇଟ୍ ପ୍ଲାନ୍ ସବମିଟ୍ କରି ନ ଥିବାରୁ ଏୟାର ଡିଫେନ୍ସ କ୍ଲିଅରାନ୍ସମିଳିନଥିଲା । ପରେ କୋଲକତାରୁ ନମ୍ବର ନିଆଯାଇଥିଲା । ଏଥିପାଇଁ ପ୍ରାୟ ୨୫ମିନିଟ୍ ବିଳମ୍ବ ହୋଇଛି ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି ।

### ୧୦ ଦିନରେ ଠକ ଲୁଟିନେଲେ ଦେଢ଼ କୋଟି

# ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦମ୍ପତି ଡିଜିଟାଲ୍ ଆରେଷ୍ଟ

ଭୁବନେଶ୍ୱର, ୭।୧୧ (ସମିସ): ସାଇବର ଅପରାଧୀଙ୍କ ମାୟାଜାଲରେ ପଡ଼ି ୧୦ ଦିନରେ ପ୍ରାୟ ଦେଢ଼ କୋଟି ଟଙ୍କା ହରାଇଛନ୍ତି ଏକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦମ୍ପତି । ଉଭୟଙ୍କୁ ୧୦ଦିନ ଧରି ଡିଜିଟାଲ୍ ଆରେଷ୍ଟ କରି ଅପରାଧୀମାନେ ଯାବତୀୟ ମାନସିକ ନିର୍ଯାତନା ଦେବା ପରେ ଉଭୟ ମାନସିକ ଭାବରେ ଭାଙ୍ଗି ପଡ଼ିଛନ୍ତି । ତେବେ ସ୍ଥାନୀୟ ଲୋକ ଓ ସମ୍ପର୍କୀୟମାନେ ୧୦ଦିନ ଧରି ଯୋଗାଯୋଗ କରିବାରେ ବିଫଳ ହେବା ପରେ ସହିଦ ନଗର ପୁଲିସ ସହାୟତାରେ ଦମ୍ପତିଙ୍କୁ ଉଦ୍ଧାର କରିଛି । ପୁଲିସ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛି । ଏହି ଘଟଣା ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି ।

ସୂଚନା ମୁତାବକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଜୟ କୁମାର ସାହୁ ଏବଂ ତାଙ୍କ ପତ୍ନୀ ଭିଏସ୍ଏସ୍ନଗର ହାଉସିଂ ବୋର୍ଡ କଲୋନୀରେ ରହୁଛନ୍ତି । ସେମାନଙ୍କ ପରିବାର ଅନ୍ୟ ସଦସ୍ୟମାନେ ବିଦେଶରେ ରୁହନ୍ତି । ଘରୋଇ ସହାୟକମାନେ ସବୁ ସମୟରେ ତାଙ୍କ ଘର କାମ କରିବାକୁ ଯିବା ଆସିବା କରନ୍ତି । ପତିପତ୍ନୀ ଘରେ ଥିଲା ବେଳେ ୧୦ଦିନ ତଳେ ବିଜୟଙ୍କ ଫୋନ୍‌କୁ ଏକ ଭିଡିଓ କଲ୍ ଆସିଥିଲା । ନମ୍ବରଟିରେ ଦେଶ ବାହାରର ପିନ୍ କୋଡ୍ ଥିଲା । ପ୍ରଥମେ କୌଣସି ଏକ ବାହାନା ଦେଖାଇ ଅପରାଧୀମାନେ ତାଙ୍କୁ ଡରାଇଥିଲେ । ମାତ୍ର ପରେ ସାଇବର ଅପରାଧୀମାନେ ପୁଣି ଥରେ ଭିଡିଓ କଲ୍ କରିଥିଲେ । ଏଥର କିନ୍ତୁ ସାଇବର ଅପରାଧୀମାନେ ନିଜକୁ କଷ୍ଟମ୍ ବିଭାଗର ଅଧିକାରୀ ବୋଲି ପରିଚୟ ଦେଇଥିଲେ । ବିଜୟଙ୍କ ନାମରେ ବିଦେଶରୁ ଏକ ପାର୍ସଲରେ ଆସିଛି । ଏହି ପାର୍ସଲରେ କିଛି ଡ୍ରଗ୍ସ କିମ୍ବା ଅପରାଧ ସମ୍ବନ୍ଧୀୟ ପଦାର୍ଥ ରହିଛି । ଏଣୁ ଏହି ମାମଲାକୁ ବମ୍ବେ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି ।

ଏହାପରେ ସାଇବର ଅପରାଧୀମାନେ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ବେଶରେ ଥିବା ବସନ୍ତ ନାମକ ଜଣେ ବ୍ୟକ୍ତି ସହ କଥା ହୋଇଥିଲେ । ସେମାନଙ୍କ ପରିଚୟ ପତ୍ର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ବତାଇଥିଲେ । ବିଦେଶରେ ତାଙ୍କ ପରିବାର ଲୋକେ କେଉଁଠି ରହୁଛନ୍ତି । କେଉଁ ବ୍ୟାଙ୍କରେ ତାଙ୍କର ଆକାଉଣ୍ଟ ରହିଛି । ଏଭଳି କିଛି ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରି ସେ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ ବୋଲି ବିଜୟଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସଫଳ ହୋଇଥିଲେ । ପାର୍ସଲଟି ମୁମ୍ବାଇ ସହରରେ ଅପରେଟ୍ କରୁଥିବା କ୍ରାଇମ୍ ସିଣ୍ଡିକେଟ୍‌ର ପାର୍ସଲ । ଏହି ସିଣ୍ଡିକେଟ୍‌ରେ ଥିବା କିଛି ସଦସ୍ୟମାନଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ବିଜୟଙ୍କ ନାମ ନେଇଛନ୍ତି । ଏହାସହ ବିଜୟଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ମଧ୍ୟ ରହିଛି । ଏଣୁ ବିଜୟଙ୍କୁ ମଧ୍ୟ ଗିରଫ କରାଯାଉଛି ବୋଲି କ୍ରାଇମ୍‌ବ୍ରାଞ୍ଚ ବେଶରେ ଥିବା ଅପରାଧୀ କହିଥିଲା । ତତ୍‌କ୍ଷଣାତ୍ ଏକ ଡିଜିଟାଲ ଆରେଷ୍ଟ ୱାରେଣ୍ଟ ଜାରି ହୋଇଥିଲା । ଏହା ଦେଖି ବିଜୟ ଭାଙ୍ଗି ପଡ଼ିଥିଲେ । ମୁଁ କିଛି କରି ନାହିଁ । ମୋର କୌଣସି କ୍ରାଇମ୍ ସିଣ୍ଡିକେଟ୍ ସହ ଲିଙ୍କ୍ ନାହିଁ । ମୋର କିଛି ଦୋଷ ନାହିଁ ବୋଲି ବାରମ୍ବାର ନେହୁରା ହୋଇଥିଲେ ।

ଅପରାଧୀମାନେ ଦମ୍ପତିଙ୍କୁ ନିଜ କବଜାକୁ ନେଇ ଯାଇଥିଲେ । ସେମାନଙ୍କ ଏକାଧିକ ଡକ୍ୟୁମେଣ୍ଟ ଯାଞ୍ଚ କରୁଥିଲେ ଓ ୧୦ଦିନ ମଧ୍ୟରେ ପ୍ରାୟ ଦେଢ଼ କୋଟି ଟଙ୍କା ଲୁଟି ନେଇଥିଲେ । ଗିରଫ ହୋଇଥିବାରୁ ସେମାନେ କାହା ସହ କଥା ହୋଇ ପାରିବେନି ବୋଲି ଧମକ ଦେଇଥିଲେ । ତାଙ୍କ ପରିବାରର ସହାୟକ ଏବଂ ସ୍ଥାନୀୟ ଲୋକେ ଯେତେ ଯୋଗାଯୋଗ କଲେ ମଧ୍ୟ ଉଭୟ ଡରରେ କବାଟ ଖୋଲି ନ ଥିଲେ । ଦିନ ବିତିବା ପରେ ଶେଷରେ ସହାୟକମାନଙ୍କୁ ସନ୍ଦେହ ହେଲା । ଏହାପରେ ସେମାନେ ପଡୋଶୀ ଏବଂ ସମ୍ପର୍କୀୟମାନଙ୍କୁ ଜଣାଇଥିଲେ । ଘଟଣାସ୍ଥଳରେ ସହିଦନଗର ପୁଲିସ ପହଞ୍ଚିଥିଲେ ବି ସେମାନେ କବାଟ ଖୋଲି ନ ଥିଲେ । ଶେଷରେ ଛାତ ଉପରେ ଥିବା ଏକ ଗଳା ବାଟରେ ପୁଲିସ ଘର ଭିତରକୁ ପ୍ରବେଶ କରିଥିଲା । ଅପରାଧୀମାନେ ତୁରନ୍ତ କଲ୍ କାଟି ଦେଇଥିଲେ ।

# ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତ୍ୱର ପ୍ରତୀକ 'ବନ୍ଦେ ମାତରଂ': ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୭।୧୧(ସମିସ): ବନ୍ଦେ ମାତରଂ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତାର ପ୍ରତୀକ । ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ଆନନ୍ଦ ମଠ' ଉପନ୍ୟାସରୁ ଜନ୍ମ ନେଇଥିବା ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ମନରେ ଜାଗୃତି, ଉତ୍ସାହ ଓ ବୈପ୍ଳବିକ ମନୋଭାବ ଜାଗ୍ରତ କରିଥିଲା । ରାଜ୍ୟସ୍ତରୀୟ ରାଷ୍ଟ୍ରଗୀତ 'ବନ୍ଦେ ମାତରଂ'ର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି ।

ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଗୀତର ଲୋକପ୍ରିୟତା ଓ ପ୍ରଭାବକୁ ଦେଖି ବ୍ରିଟିଶ ଶାସକମାନେ ବନ୍ଦେ ମାତରଂକୁ ବ୍ୟାନ୍ କରିଥିଲେ, ଯାହା ଏହି ଗୀତର ଶକ୍ତିର ସ୍ପଷ୍ଟ ପ୍ରମାଣ । ଆମେ କେଉଁ ଭାଷା, କେଉଁ ଧର୍ମ ବା କେଉଁ ଅଞ୍ଚଳର ହେଲେ ବି, ଦେଶପ୍ରେମ ବିନା ଦେଶର ଉନ୍ନତି ଅସମ୍ଭବ । ବନ୍ଦେ ମାତରଂ ଆମ ହୃଦୟରେ ସେହି ଦେଶପ୍ରେମର ଅଗ୍ନିକୁ ପୁନଃଜାଗ୍ରତ କରେ । ଯୁବପିଢ଼ି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏହାକୁ ବର୍ଷବ୍ୟାପୀ ପାଳନ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ଏକବର୍ଷ ଧରି ସମସ୍ତ ଜିଲ୍ଲାରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ସଂଗଠନମାନଙ୍କ ମାଧ୍ୟମରେ ସାମୂହିକ ଗାନ, ସାଂସ୍କୃତିକ ଆୟୋଜନ ଓ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ଯୋଜନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

# ବାର୍ହା ଫାଶରେ ପଡ଼ି ଦୁଇ ଭାଇ ମୃତ

ଲକ୍ଷ୍ମୀପୁର, ୭।୧୧(ସମିସ): ବାର୍ହା ଶିକାର ପାଇଁ ଲାଗିଥିବା ବିଦ୍ୟୁତ୍ ଫାଶରେ ପଡ଼ି ଦୁଇଜଣଙ୍କର ମୃତ୍ୟୁ ଘଟିଛି । କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ପିପଲପଦର ଗ୍ରାମପଞ୍ଚାର କାନାପାଇ ଗାଁ ଜଙ୍ଗଲରେ ଏହି ଅଘଟଣ ଘଟିଛି । ମୃତକଦ୍ୱୟ ହେଲେ, ଘନିଲା ମାଣ୍ଡିଙ୍ଗା (୨୬) ଓ ତାଙ୍କର ସମ୍ପର୍କୀୟ ଭାଇ କୁମ୍ବର ହିକକା । ଗୁରୁବାର ସନ୍ଧ୍ୟାରେ ଦୁଇଭାଇ ଗାଁ ନିକଟ ଜଙ୍ଗଲକୁ ଯାଇଥିବା ବେଳେ ସେଠାରେ ବାର୍ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଯାଇଥିଲେ । ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ଜଳି ଯାଇଥିଲେ । ଆଜି ଏହି ଖବର ପ୍ରଘଟ ହେବା ପରେ ଲକ୍ଷ୍ମୀପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛି । ଶବଦ୍ୱୟକୁ ଜବତ କରି ଲକ୍ଷ୍ମୀପୁର ମେଡିକାଲକୁ ପଠାଇବା ସହ ତଦନ୍ତ ଚଳାଇଛି । ଶୁକ୍ରବାର ବିଳମ୍ବ ହେବା ଯୋଗୁଁ ଶନିବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି । କିଏ ଏହି ଫାଶ ବସାଇଥିଲା, ସେନେଇ ପୁଲିସ ଛିନ୍‌ଭିନ୍ ଚଳାଇଛି ।

ଉଲ୍ଲେଖଯୋଗ୍ୟ, ଏହା ଗୋଟିଏ ଘଟଣା ନୁହେଁ, କିଛି ଦିନ ତଳେ ବାର୍ହା ଫାଶରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା । ଲକ୍ଷ୍ମୀପୁର ବ୍ଲକ୍‌ର କିଛି ଗାଁରେ ଗତ କିଛି ଦିନ ହେଲା ବିଦ୍ୟୁତ୍ ତାର ବିଛାଇ ବାର୍ହା ଶିକାର କରାଯାଉଛି । ଏହା ମଣିଷଙ୍କ ପାଇଁ କାଳ ସାଜୁଥିବା ଦେଖାଯାଉଛି ।

### ଆଇଓସିଏଲ୍ ନାଫ୍‌ଥା କ୍ରାକର୍ ପ୍ରକଳ୍ପ ଜମି ମୂଲ୍ୟାୟନ ବିବାଦ

# ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ପାରାଦୀପ, ୭।୧୧ (ସମିସ): ଆଇଓସିଏଲ୍ ନାଫ୍‌ଥା କ୍ରାକର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ମୂଲ୍ୟାୟନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି । ମା' ବନରାଇ କୃଷକ ଏକତା ସଂଘ ପକ୍ଷରୁ ଆଗତ ଏକ ସ୍ୱତନ୍ତ୍ର ଲିଭ୍ ପିଟିସନର ବିଚାର କରି ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି ।

ସୂଚନା ଅନୁସାରେ ଫତେପୁର ପଞ୍ଚାୟତରେ ଆଇଓସିଏଲ୍ ପ୍ରସ୍ତାବିତ ନାଫ୍‌ଥା କ୍ରାକର୍ ପ୍ରକଳ୍ପ ପାଇଁ ପ୍ରାୟ ୭୨୧.୯୩ ଏକର ଜମି ଅଧିଗ୍ରହଣ ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଜମି ମୂଲ୍ୟାଙ୍କନ ପ୍ରକ୍ରିୟାକୁ ଚାଲେଞ୍ଜ କରିଛି ବନରାଇ କୃଷକ ଏକତା ସଂଘ । ଫତେପୁର ଗ୍ରାମର ୮୬.୬୪ ଏକର ଏବଂ ପ୍ରତାପପୁର ୬୩୫.୨୯ ଏକର ଜମି ଅଧିଗ୍ରହଣ ନିମନ୍ତେ ସରକାର ଯେଉଁ ମୂଲ୍ୟାୟନ କରିଛନ୍ତି, ତାହା ତ୍ରୁଟିପୂର୍ଣ୍ଣ ବୋଲି ଆବେଦନରେ ଦର୍ଶାଯାଇଛି । ଚାଷୀ ସଂଗଠନ ଅନୁସାରେ ଏହି ମୂଲ୍ୟାୟନ ବର୍ତ୍ତମାନର ବଜାର ଦର ତୁଳନାରେ ଯଥେଷ୍ଟ କମ୍ । ତେଣୁ ସମସ୍ତ ପ୍ରଭାବିତ ଜମିମାଲିକଙ୍କ ଅଧିକାରକୁ ବଜାୟ ରଖି ଏକ ନିରପେକ୍ଷ ଏବଂ ସଚ୍ଛ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଆବେଦନକାରୀମାନେ ଦାବି କରିଛନ୍ତି । ଆଜିର ଚାଷୀମାନଙ୍କ ପକ୍ଷରୁ ଆଇନଜୀବୀ ଗୌରବ ଅଗ୍ରୱାଲ, ପ୍ରଣବ ଗୁପ୍ତା, ଅଭିଷେକ ଦାଶ, ଅମ୍ରିତା ମିଶ୍ର, ଆୟୁଷ ଖଣ୍ଡେଲୱାଲ ପ୍ରମୁଖ ମୂଲ୍ୟାଙ୍କନ ପ୍ରକ୍ରିୟା ମନମୁଖୀ, ଅସ୍ୱଚ୍ଛ ଏବଂ ପ୍ରାକୃତିକ ନ୍ୟାୟର ନୀତି ବିରୋଧୀ ବୋଲି ଅଦାଲତରେ ଯୁକ୍ତି ବାଢ଼ିଛନ୍ତି । ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଅଦାଲତ ନିର୍ଦ୍ଦେଶକୁ ମା' ବରନାଇ କୃଷକ ଏକତା ମଞ୍ଚ ସ୍ୱାଗତ କରିଛି ।

# ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ

ପୁରୀ, ୭।୧୧(ସମିସ): ପୁଣି ଶ୍ରୀମନ୍ଦିର ଭିତରୁ ଜବତ ହୋଇଛି ଗୁପ୍ତ କ୍ୟାମେରା । ଗୁଜରାଟର ଜଣେ ଶ୍ରଦ୍ଧାଳୁ ହିଡେନ୍ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିବା ବେଳେ ଜେଟିପି ଏବଂ ସେବାୟତ ତାଙ୍କୁ ଧରିଛନ୍ତି । ଯୁବକଜଣଙ୍କ ହେଲେ, ଗୁଜରାଟ ଅହମ୍ମଦାବାଦର ଭରତ ପାଣ୍ଡେ । ତାଙ୍କଠାରୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଜବତ କରାଯାଇଛି । ଏହି ଘଟଣାରେ ସିଂହଦ୍ୱାର ଥାନା ପୁଲିସ ଭରତଙ୍କୁ ପଚରାଉଚରା କରିଛି । ଅପରପକ୍ଷେ, ଏହି ଘଟଣା ପୁଣିଥରେ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି । ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି । ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ବିଭିନ୍ନ ସମୟରେ ଏହା ଜଣାପଡ଼ିବା ପରେ ମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି । ହେଲେ ବାସ୍ତବତା କିନ୍ତୁ ଭିନ୍ନ । ଶୁକ୍ରବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି ।

**ଚଷମାରେ ଖଞ୍ଜା ହୋଇଥିଲା ଗୁପ୍ତ କ୍ୟାମେରା**

ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଭରତ ଗୁପ୍ତ କ୍ୟାମେରା ସଂଯୋଗ ଥିବା ଚଷମା ପିନ୍ଧି ମନ୍ଦିର ଭିତରକୁ ଯାଇଥିଲେ । ପ୍ରବେଶ ପଥରେ ଏହା ଜଣାପଡ଼ି ନଥିଲା । ତେବେ ଜଗମୋହନ ନିକଟରେ ସନ୍ଦେହ ହେବାରୁ ତାଙ୍କୁ ସେବାୟତ ଓ ଜେଟିପି ଧରିଥିଲେ । ତାଙ୍କୁ ସିଂହଦ୍ୱାର ଥାନାକୁ ହସ୍ତାନ୍ତର କରିଥିଲେ । ସିଂହଦ୍ୱାର ପୁଲିସ ଭରତଙ୍କଠାରୁ ଗୁପ୍ତ କ୍ୟାମେରା ଲାଗିଥିବା ଚଷମାକୁ ଜବତ କରିବା ସହ ତାଙ୍କୁ ପଚରାଉଚରା ମଧ୍ୟ କରାଯାଇଥିଲା । ତେବେ ଏହି ପଚରାଉଚରା କରାଯିବା ପରେ ଆଗାମୀ ଦିନରେ ତଦନ୍ତରେ ସହଯୋଗ କରିବା ସର୍ତ୍ତରେ ତାଙ୍କୁ ଥାନାରୁ ନୋଟିସ୍ ଦେଇ ଛାଡ଼ି ଦିଆଯାଇଛି । ସେପଟେ ଶ୍ରୀମନ୍ଦିର ଭିତରୁ କ୍ୟାମେରା ଜବତ ହେଲେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆଇନ ନାହିଁ । କେବଳ ଜରିମାନା ଦେବାର ନିୟମ ରହିଛି । ଏଣୁ ରାଜ୍ୟ ସରକାର ଶ୍ରୀମନ୍ଦିର ଆଇନରେ ତୁରନ୍ତ ପରିବର୍ତ୍ତନ କରି ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନୂଆ ନିୟମ ଆଣିବାକୁ ସାଧାରଣରେ ଦାବି ହୋଇଛି ।

## ସେବାୟତ ବେଶରେ ଗର୍ଭଗୃହକୁ ପଶିଲେ

ପୁରୀ,୭।୧୧(ସମିସ): ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା । ମାଳମାଳ ସୁରକ୍ଷା କର୍ମୀ ମନ୍ଦିର ଭିତରେ ଏବଂ ବାହାରେ ପଇଁତରା ମାରୁଛନ୍ତି । ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେବା ଭଳି ଘଟଣା ଘଟୁଛି । ଗୁପ୍ତ କ୍ୟାମେରା ମନ୍ଦିର ଭିତରକୁ ବାରମ୍ବାର ଯାଉଥିବା ବେଳେ ପ୍ରାୟ ଅଧିକାଂଶ ଦିନ ଭକ୍ତ ପକେଟ୍‌ମାରର ଶିକାର ହେଉଛନ୍ତି । ଶୁକ୍ରବାର ମନ୍ଦିର ଭିତରେ ଆଉ ଏକ ଅଭାବନୀୟ ଘଟଣା ଘଟିଛି । ସେବାୟତ ବେଶରେ ଜଣେ ଶ୍ରଦ୍ଧାଳୁ ଧୁକୁଡ଼ି ଦ୍ୱାର ଦେଇ ଗର୍ଭଗୃହକୁ ପ୍ରବେଶ କରିଛନ୍ତି । ଯୁବକଜଣକ ହେଉଛନ୍ତି, ଯାଜପୁର ଶାନ୍ତନୁ ମିଶ୍ର । ତାଙ୍କୁ ଅନ୍ୟ ସେବକମାନେ ଧରିବା ପରେ କଥା ପଦାକୁ ଆସିଥିଲା । ତାଙ୍କୁ ସିଂହଦ୍ୱାର ଥାନା ପୁଲିସକୁ ହସ୍ତାନ୍ତର କରାଯାଇଛି । ଶାନ୍ତନୁଙ୍କୁ ପୁଲିସ ପଚରାଉଚରା କରିବା ପରେ ନୋଟିସ୍ ଦେଇ ଛାଡ଼ି ଦେଇଛି । କେଉଁ ପରିସ୍ଥିତିରେ ଏବଂ କାହିଁକି ସେ ଗର୍ଭଗୃହ ଭିତରକୁ ଯାଇଥିଲେ, ସେ ନେଇ ପୁଲିସ ପଚରାଉଚରା କରିଛି । ହେଲେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିବା ସୂଚନା ମିଳିଛି । ଏ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ଗର୍ଭଗୃହକୁ ପ୍ରବେଶ କରିଥିବା ଜଣେ ଯୁବକଙ୍କୁ ଅନ୍ୟ ସେବକମାନେ ଧରିଥିଲେ । ତାଙ୍କୁ ଥାନାକୁ ଆଣି ପଚରାଉଚରା କରାଯିବା ପରେ ନୋଟିସ୍ ଦେଇ ଛାଡ଼ି ଦିଆଯାଇଛି ।

# ସିଂଘାରି ଘାଟି ରାସ୍ତା ମରଣଯନ୍ତା

କଲମପୁର, ୭ ।୧୧(ସମିସ)

କଳାହାଣ୍ଡି ଜିଲ୍ଲା କଲମପୁର-ଥୁଆମୂଳରାମପୁରକୁ ସଂଯୋଗ କରୁଛି ସିଂଘାରି ଘାଟି ରାସ୍ତା। ଏହା ଦୁଇଟି ବ୍ଲକକୁ ସଂଯୋଗ କରୁଥିବା ଏକମାତ୍ର ନିର୍ଭରଯୋଗ୍ୟ ରାସ୍ତା। ଏହି ରାସ୍ତା ଦୀର୍ଘ ଦିନ ହେବ ଶୋଚନୀୟ ହୋଇପଡ଼ିଛି, ଫଳରେ ଯାତାୟାତ କରୁଥିବା ଲୋକେ ଜୀବନକୁ ବାଜି ଲଗାଇ ଯିବା ଆସିବା କରୁଛନ୍ତି। ସୂଚନା ଯେ ରାସ୍ତା ନିର୍ମିତ

## କାମ ଆଗେଇବାରେ ବାଟ ଓଗାଳିଛି କିଏ

ହେବାର ଦୀର୍ଘ ଦଶନ୍ଧି ପରେ ମଧ୍ୟ ଲୋକେ ବସ ଯୋଗେ ଯିବା ଆସିବା କରି ପାରି ନାହାଁନ୍ତି, କିନ୍ତୁ ପ୍ରତି ବର୍ଷ ମରାମତି କାର୍ଯ୍ୟ ହେଉଛି, ହେଲେ ଏହା ଠିକାଦାର ପୋଷା ନିତି ଯୋଗୁଁ ବିଭାଗର ଦୁଧିଆଳି ଗାଇ ପାଲଟିଛି। ଏହି ରାସ୍ତା ମରାମତି ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଛି। କଲମପୁର ଠାରୁ ଥୁଆମୂଳ ରାମପୁର ୧୮ କିଲୋମିଟର ହେବ, ଏଥିରେ ୯କିଲୋମିଟର ଘାଟି ଥିବା ବେଳେ ୯କିଲୋମିଟର ସମତଳ ଅଞ୍ଚଳ ରହିଛି। ସେହି ୯କିଲୋମିଟର ଘାଟିରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏନେଇ ଅଞ୍ଚଳବାସୀ ଦାବି କରିବା ପରେ ଦୁଇ କୋଟି ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ଆହ୍ୱାନ କରାଯାଇ ଥିଲା। ଜନୈକ ବ୍ୟକ୍ତି ଟେଣ୍ଡର ପାଇଥିଲେ ମଧ୍ୟ ବର୍ଷା ଯୋଗୁଁ କାମ କରିବା ସମ୍ଭବ ହେଲାନାହିଁ। ଚୁକ୍ତି ଅନୁସାରେ ଥୁଆମୂଳରାମପୁରରେ ଅବସ୍ଥାପିତ ମାଁ ମାଣିକେଶ୍ୱରୀଙ୍କ ଛତର ଯାତ୍ରା ପୂର୍ବରୁ ରାସ୍ତା ମରାମତି ଶେଷ କରିବାକୁ ନିର୍ଦ୍ଦେଶ ଥିଲା। ହେଲେ ବର୍ଷା ଯୋଗୁଁ ସମ୍ପୃକ୍ତ ଠିକାଦାର କାମ ଆଗେଇ ପାରିଲେ ନାହିଁ, ଫଳରେ ଟେଣ୍ଡର ବାତିଲ କରି ଦିଆଗଲା। ଅକ୍ଟୋବର ୨୫ସୁଦ୍ଧା କାମ ଶେଷ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ଆଜି ଯାଏଁ କାମ ଆରମ୍ଭ ହୋଇ ପାରିନାହିଁ। ଅନ୍ୟପକ୍ଷେ ଏହି ୨କୋଟି କାମକୁ ପୁନର୍ବାର ଟେଣ୍ଡର ନ କରି ବିଭାଗ କେଟୁ ମାଧ୍ୟମରେ ୬ ଜଣକୁ ଭାଗ ଭାଗ କରି ବାଣ୍ଟି ଦେଇଛି, ଶାସକ ଦଳର କର୍ମକର୍ତ୍ତାମାନେ ଏହି କାମ ହାତେଇବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କ ପାଖରେ ବିଭାଗୀୟ ଯନ୍ତ୍ରୀମାନେ ମୁହଁ ଫିଟାଇ ପାରୁନାହାଁନ୍ତି। ଏ ନେଇ କଲମପୁରରେ ଅବସ୍ଥାପିତ ଗୃହ ଓ ପୂର୍ତ୍ତ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ହେବ ବୋଲି କହିଛନ୍ତି। କିନ୍ତୁ ଖୁବଶିଘ୍ର ବେଳେ କେବେ ହେବ ବୋଲି ପଚାରିବାରୁ ସେ ଆସନ୍ତା ରବିବାର ଦିନ ନିଶ୍ଚିତ କାମ ଆରମ୍ଭ ହେବ ବୋଲି କହିଛନ୍ତି।

## ବିନ୍ଧାଣୀ-ସାନଡୁଙ୍ଗୁରିଗୁଡା ରାସ୍ତା ଶୋଚନୀୟ



**କର୍ଲାମୁଣ୍ଡା, ୭ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ପଞ୍ଚାୟତ ବିନ୍ଧାଣୀଗ୍ରାମ (ଘିଭେଲା ପଡ଼ା)ଠାରୁ ସାନ ଡୁଙ୍ଗୁରିଗୁଡା ଯାଇଥିବା ରାସ୍ତା ଅତି ଦୟନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ପ୍ରତ୍ୟେହ ଶତାଧିକ ଛାତ୍ରଛାତ୍ରୀ, ଗ୍ରାମବାସୀ ତେରେସିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ଆରଆଇ ଅଫିସ, ସ୍କୁଲ କଲେଜ, ବ୍ୟାଙ୍କ, ଡାକଘରକୁ ଯିବା ଆସିବା କରିବା ସହ ତେରେସିଂହା ପଞ୍ଚାୟତର ଗୋପାଳନକାରୀ ସାନ ଡୁଙ୍ଗୁରିଗୁଡା ସ୍ଥିତ ଓମଫେଡ଼ କେନ୍ଦ୍ରକୁ ସକାଳେ ଓ ଅପରାହ୍ନରେ ଦୁଗ୍ଧ ଯୋଗାଇଥାନ୍ତି। ପୂର୍ବରୁ ରାସ୍ତାର କିଛି ଅଂଶ କଂକ୍ରିଟ ହୋଇ ଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁଁ ତାହା ଏବେ ସମ୍ପୂର୍ଣ୍ଣ ଭାଙ୍ଗି ମେଟାଲ ଉଠି ଗଲାଣି ଓ ସମଗ୍ର ରାସ୍ତା ଖାଲଖମାରେ ଭରିଯାଇଛି। ବର୍ଷାଦିନେ ରାସ୍ତା ଚଳାଚଳ ଯୋଗ୍ୟ ନ ଥିବାରୁ ଅନେକ ଅଘଟଣ ଘଟୁଛି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ରାସ୍ତା ନିର୍ମାଣ କରିବାକୁ ଜନସାଧାରଣରେ ଦାବି ହେଉଛି।

# ବିଦ୍ୟାଳୟ ବାରଣ୍ଡାରେ ମାତାଲ ଶିକ୍ଷକ



**ମ.ରାମପୁର, ୭ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଗୌଡକେଲା ପ୍ରାଥମିକ ବିଦ୍ୟାଳୟ। ଯାହା କି ଜାତୀୟ ରାଜପଥ ଉପରେ ଅବସ୍ଥିତ। ସେହି ବିଦ୍ୟାଳୟରେ ଆଜି ପୁଣି ଥରେ ମାତାଲ୍ ଶିକ୍ଷକଙ୍କ ଉପସ୍ଥିତି ଦେଖି ବିଦ୍ୟାଳୟ ପରିଚାଳନା କମିଟି ଅତିଷ୍ଠ ହୋଇପଡ଼ିଛନ୍ତି। ପୂର୍ବରୁ ମଧ୍ୟ ଏପରି ଘଟଣା ଦେଖିବାକୁ ମିଳିଥିଲା। ମାତାଲ୍ ଶିକ୍ଷକ ଜଣକ ପରିଚାଳନା କମିଟି ଆଗରେ ଆଉ ଏପରି ଭୁଲ୍ ହେବ ନାହିଁ ବୋଲି କ୍ଷମା ପ୍ରାର୍ଥନା କରିଥିଲେ। କିନ୍ତୁ ମୋତେ ଯେତେ ମାଠିବୁ ମାଠ ମୁଁ ସେଇ ଦରପୋଡା କାଠ ନ୍ୟାୟରେ ଶିକ୍ଷକ ଜଣଙ୍କ ଆଜି ମଧ୍ୟ ବିଦ୍ୟାଳୟ ହତାରେ ମଦ ନିଶାରେ ଶୋଇ

## ଅତିଷ୍ଠ ପରିଚାଳନା କମିଟି

ପଡ଼ିଥିଲେ। ପ୍ରାପ୍ତ ସୂଚନା ମୁତାବକ ବିଦ୍ୟାଳୟର ଶିକ୍ଷକ ଦିଲୀପ କୁମାର ରଣା ଯିଏ ପୂର୍ବରୁ ମଦପିଇ ଭୁଲ୍ କରି କ୍ଷମା ପ୍ରାର୍ଥନା କରିଥିଲେ। କିନ୍ତୁ ଆଜି ପୁଣି ଥରେ ମଦ ନିଶାରେ ଯାଇ ସ୍କଲ ପରିସରରେ ଶୋଇ ପଡ଼ିଲେ। ଘଟଣା ସମ୍ପର୍କ ରେ ପରିଚାଳନା କମିଟି ସଭାପତି ସତ୍ୟ ମହାଖୁଡ଼ ମାତାଲ ହୋଇ ଶିକ୍ଷକ ବିଦ୍ୟାଳୟକୁ ଆସୁଛନ୍ତି, ଏଣୁ ଆମେ ଭୟ ଭୀତ ରହୁଛୁ ଏବଂ ଏଭଳି ମାତାଲ୍ ଶିକ୍ଷକଙ୍କ ଯଦି ବିଦ୍ୟାଳୟ ପରିସରରେ କିଛି ହୁଏ, ଆମେ ହଇରାଣ ହେଇ ଯିବୁ ବୋଲି କହିଛନ୍ତି। ଏଥି ସହିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଳୟ କୁମାର ଭୋଇ, ପୂର୍ବରୁ ମଧ୍ୟ ବିଦ୍ୟାଳୟକୁ ସେ ମଦପିଇ ଆସିବା, କମିଟି ଆଗରେ କ୍ଷମା ପ୍ରାର୍ଥନା ପରେ ବି ଭୁଲ୍ କରିବା ଉଚିତ୍ ନୁହେଁ ବୋଲି କହିଛନ୍ତି। ଏ ନେଇ ଏବିଇ ଓ ଜୟସେନ ନିଆଲଙ୍କୁ ପଚାରିବାରୁ ଗ୍ରାମବାସୀ ଫୋନ୍ ଯୋଗେ ଆମକୁ ସୂଚନା ଦେଇଥିଲେ। କିନ୍ତୁ ଆମେ ଭବାନୀ ପାଟଣା ଆସିଥିବାରୁ ବିଦ୍ୟାଳୟକୁ ଯାଇ ପାରିଲୁ ନାହିଁ।ଆମେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଛନ୍ତି। ଏଭଳି ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ଉଚିତ୍ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଦୁଇ ବାଇକ୍ ଧକ୍କାରେ ୨ ଗୁରୁତର

**ସିନାପାଲି, ୭ ।୧୧(ସମିସ):** ଗପିଗପି ଦୁଇ ବାଇକ୍‌ରେ ଯାଉଥିବା ବେଳେ ଅସାବଧାନତା ଯୋଗୁଁ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ୨ ଜଣ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତର ସିନାପାଲି ବ୍ଲକ କୁସୁମଯୋରପଞ୍ଚାୟତ ନୁଆଗୁଡ଼ା ଗ୍ରାମର ନରସିଂହ ମାଝି (୩୨) ଓ ବୁଢୁ ମାଝି (୫୦) ବୋଲି ଜଣାପଡ଼ିଛି ।ସିନାପାଲିକୁ କୌଣସି କାମରେ ଆସି ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଅସାବଧାନତା ଯୋଗୁଁ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା ।ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦମକଳ ଓ ଆମ୍ବୁଲାନ୍ସ କୁ ଯୋଗାଯୋଗ କରିଥିଲେ ମଧ୍ୟ ଆସିବାରେ ବିଳମ୍ବ ହୋଇଥିଲା। ବ୍ରାହ୍ମଣୀଗୁଡା ଗ୍ରାମର ସୁଶାନ୍ତ ବଞ୍ଜରା ନିଜର ଚାରି ଚକିଆ ଗାଡ଼ିରେ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ସିନାପାଲି ପୁଲିସ ବାଇକ୍‌କୁ ଜବତ କରି ଥାନାକୁ ଆଣିଥିବା ଜଣାପଡ଼ିଛି।

# ମାରୱାଡି ସମାଜର ଦୀପାବଳି ମିଳନ

**ସିନାପାଲି, ୭ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ମାରୱାଡି ସମାଜ ତରଫରୁ ଦୀପାବଳି ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ସ୍ଥାନୀୟ ଅଗ୍ରେସନ ଭବନରେ ଆୟୋଜିତ କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମ ଥର ପାଇଁ ଗାୟତ୍ରୀ ଦୀପଯଜ୍ଞ କରାଯାଇ ଦୀପାବଳି ପାଳନର ମହତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଯଜମାନ ଭାବରେ ମୀନା ଜୈନ ଓ ପ୍ରଦୀପ କୁମାର ଜୈନ ଉପସ୍ଥିତ ଥିବା ବେଳେ ପୂଜକ ଭାବରେ ଯୁଗ ପୁରୋହିତ ଚରଣ ସିଂହ ଯାଦବ ଦାୟିତ୍ୱରେ ଥିଲେ। ମୁଖ୍ୟ ସଂଯୋଜକ ହରିଓମ୍ ଜିନ୍ଦଲ ଓ ଶୈଳେଶ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଏହି ଅବସରରେ ଆଗାମୀ ଜାନୁଆରୀ ମାସରେ ଗଣ୍ଡାବାହାଲୀ ଠାରେ ହେବାକୁ ଥିବା ଗାୟତ୍ରୀ ମହାଯଜ୍ଞ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ସଫଳତାରେ ମାରୱାଡି ସମ୍ପ୍ରଦାୟର ସମସ୍ତ ସଦସ୍ୟା ଓ ସଦସ୍ୟ ସହଯୋଗ କରିଥିଲେ।



# ସାମ୍ବାଦିକ ସତ୍ୟନାରାୟଣ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି



**ଭବାନୀପାଟଣା, ୭ ।୧୧(ସମିସ):** ସାମ୍ବାଦିକ ସତ୍ୟ ନାରାୟଣ ଦାଶଙ୍କ ସଡକ ଦୁର୍ଘଟଣାରେ ଅକାଳ ବିୟୋଗ ଖବର ସମସ୍ତଙ୍କୁ ମର୍ମାହତ କରିଛି। ପେସା ସାମ୍ବାଦିକତା ହୋଇଥିବା ବେଳେ ନିଶା କଳାସଂସ୍କୃତିର ବିକାଶ। କଳାହାଣ୍ଡିର ଗୌରବ ଓ ଗାରିମା ବୃଦ୍ଧି ହିଁ ମୂଳଲକ୍ଷ୍ୟ। ଗତ ୫ତାରିଖରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତେବେ ଗତକାଲି ରାତିରେ ଶବ ସଂସ୍କାର ହୋଇଯାଇଛି। କଳାହାଣ୍ଡି ଜିଲ୍ଲାର ସାମ୍ବାଦିକମାନଙ୍କ ତରଫରୁ ଜିଲ୍ଲା ଅମଲା ଭବନରେ ଶ୍ରଦ୍ଧାଞ୍ଜଳି ସଭା ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶୋକ ସଭାରେ ସମସ୍ତ ସାମ୍ବାଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଶୋକ ସଭାରେ ବିଶିଷ୍ଟ ସାମ୍ବାଦିକ ଉମାଶଙ୍କର କର, ସ୍ୱାଧୀନ ପାତ୍ର, ଦେବେନ୍ଦ୍ର ବିଶି, ସନ୍ତୋଷ ପ୍ରଧାନ, ମନୋଜ ନାୟକ, ଅମିର ମହମ୍ମଦ, ଶିବା ନାୟକ, ଶୁଭମ ରୋହିଲା, ବିକାଶ ଷଡଙ୍ଗୀ, ମନ ମୋହନ ପ୍ରଧାନ, ବିଷ୍ଣୁ ସ୍ୱାଇଁ, ଅଜିତ ସିଂ, ଶାନ୍ତନୁ ବେହେରା, କବିରାଜ ଦୁର୍ଗା, ସମାଜସେବୀ ଶିବରାମ ନାୟକ, ଶିବ ନାୟକ ପ୍ରମୁଖ ସ୍ୱର୍ଗତ ଦାଶଙ୍କ ଅମର ଆତ୍ମାର ସଦଗତି କାମନା ସହ ସ୍ମୃତିଚାରଣ କରିଥିଲେ।

# ଡିଗ୍ରୀ ମହାବିଦ୍ୟାଳୟରେ ସାଇବର ସଚେତନତା



**କୋକସରା, ୭ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର କୋକସରା ବ୍ଲକସଦର ମହକୁମା ଡିଗ୍ରୀ ମହାବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସାଇବର ଥାନା ଅଧିକାରୀ ସର୍ବେଶ୍ୱର ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୋକସରା ଥାନା ଅଧିକାରୀ ଜୟ ପ୍ରକାଶ ନାରାୟଣ ହୋତା, ଘୁମୁରା ଗୁରୁ ହିରାଲାଲ ସରାଫ, ଅଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନ ହେଲେ ସାଇବର ଅପରାଧରୁ ସୁରକ୍ଷା ପାଇ ପାରିବା ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀ ସାଇବର ସଚେତନତା ଉପରେ ସଚେତନତା ଧର୍ମୀ ନାଟକ ଓ ନୃତ୍ୟ ପରିବେଷଣ କରି ସଚେତନତା କରିଥିଲେ। ଛାତ୍ର ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁବ୍ରତ କୁମାର ବେହେରା ସଂଯୋଜନା କରିଥିବାବେଳେ ସାମ୍ବାଦିକ କିଶନ କୁମାର ପଟ୍ଟନାୟକ ସଚେତନତା ଧର୍ମୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ଜଗନ ଚନ୍ଦାନି, ଅଧ୍ୟାପିକା କନକ ମଞ୍ଜରୀ ବେହେରା, ସୁଭଶ୍ରୀ ସାହୁ, ବେଦମୟୀ ବାରିକ, ଖେଳ ଶିକ୍ଷକ ପ୍ରତାପ ବିଶି, ପୁଷ୍ପିତା ବିଶି, ଜିତେନ୍ଦ୍ର ପ୍ରଧାନୀ, ସୁନୀଲ ପ୍ରଧାନୀ, ହୃଦାନନ୍ଦ ଧଙ୍ଗଡ଼ାମାଝୀ, ଉଜାଗର ମାଝୀ, ପିତବାସ ରାଉତ, ତପନ ବିଶି ସମେତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶ୍ରୀକାନ୍ତ କୁମାର ମହାନ୍ତି
କାଳୀମେଘା, ତିହିଡ଼ି, ଭଦ୍ରକ
ଆବିର୍ଭାବ : ୨୫-୦୫-୧୯୬୨ / ତିରୋଧାନ : ୦୮-୧୧-୨୦୨୪
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ: ପୁତ୍ର-ମାନବେଶ, କନ୍ୟା- ଶ୍ରୀବଲ୍ଲୀ, ବନ୍ଧୁ ଓ ପରିବାରବର୍ଗ

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

# 'ଶିକ୍ଷକଙ୍କ ସ୍ଥାନ ନେଇପାରିବନି କୃତ୍ରିମ ବୁଦ୍ଧିମତ୍ତା'

**ଭବାନୀପାଟଣା, ୭ ।୧୧(ସମିସ):** ସାମ୍ପ୍ରତିକ ଯୁଗ ଡିଜିଟାଲ ଯୁଗ, କୃତ୍ରିମ ବୁଦ୍ଧିମତ୍ତାର ଯୁଗ। ହାତରେ ମୋବାଇଲ, ଆଙ୍ଗୁଳିର ଟିପରେ ସାରା ବିଶ୍ୱର ଜ୍ଞାନ ଭଣ୍ଡାର। ତଥାପି ମୋବାଇଲ କିମ୍ବା କମ୍ପ୍ୟୁଟର ଆମକୁ ସମ୍ପୂର୍ଣ୍ଣ ଶିକ୍ଷା ଦେବାରେ ସମର୍ଥ ନୁହେଁ। ଜ୍ଞାନର ଏକମାତ୍ର ବିକଳ୍ପ ହେଉଛନ୍ତି ଶିକ୍ଷକ। କୃତ୍ରିମ ବୁଦ୍ଧିମତ୍ତା କେବେ ବି ଜଣେ ଶିକ୍ଷକଙ୍କ ସ୍ଥାନ ନେଇପାରିବ ନାହିଁ ବୋଲି କଳାହାଣ୍ଡି ଜିଲ୍ଲାସ୍ତରୀୟ 'ସୁରଭି' ଅବସରରେ ଅତିଥି ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ବ୍ରଜମୋହନ ଉଚ୍ଚବିଦ୍ୟାଳୟ ପରିସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ସୁରଭି ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ମୁଖ୍ୟଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ-ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା, ନର୍ଲା ଗୋଷ୍ଠୀ ଶିକ୍ଷାଧିକାରୀ ତପିମଣି ଜାନି, ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଷଷ୍ଠୀ ଝାଙ୍କର, ସମଗ୍ର ଶିକ୍ଷାର ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆୟୋଜକ ବିଦ୍ୟାଳୟର ଛାତ୍ରୀ ଜୁଲି ସାହୁ ଓ ନିତୁ ବେହେରା ସ୍ୱାଗତ ଅଭିବ୍ୟକ୍ତି ପ୍ରଦାନ କରିଥିବା ବେଳେ ଶ୍ରୀଯାଶ୍ରୀ ପଟ୍ଟନାୟକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ।ତଳବେଲଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶିକ୍ଷକ ନୀଳାଞ୍ଚଳ ପାନଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ଜିଲ୍ଲା ଅନ୍ତର୍ଗତ ୧୩ଟି ବ୍ଲକରୁ ପ୍ରଥମ ହୋଇ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ କଣ୍ଠ ସଙ୍ଗୀତ, ପ୍ରବନ୍ଧ, ବକ୍ତୃତା, ବିତର୍କ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, କୁଇଜ୍, ଓଡ଼ିଆ ହସ୍ତାକ୍ଷର ଓ ଶୃତଲିଖନ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ସ୍ୱତନ୍ତ୍ର ଅତିଥି ଭାବେ ଭାରତୀୟ ପ୍ରଶାସନିକ ସେବାର ଶିକ୍ଷାନବୀସ ଅନିମେଷ ପ୍ରଧାନ,





ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ନର୍ଲା ଗୋଷ୍ଠୀ ଶିକ୍ଷାଧିକାରୀ ତପିମଣି ଜାନି, ଜିଲ୍ଲା ଶାରୀରିକ ନିରୀକ୍ଷକ ରୂପସିଂ ରାଉତ, ସମଗ୍ର ଶିକ୍ଷାର ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶଙ୍କ ସମେତ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗଦେଇ ଥିଲେ। ସିଆରସିସି ଡିଲେଶ୍ୱର ରଣା ସଭା ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ଧନ୍ୟବାଦ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଯୋଗଦେବେ ବୋଲି ଜିଲ୍ଲା ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି ।କାର୍ଯ୍ୟକ୍ରମରେ ଆୟୋଜକ କମିଟିର ସମସ୍ତ ସଦସ୍ୟ ସଦସ୍ୟା, ଡିପିସି ଓ ଡିଇଓ ଅଫିସର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଏନ୍‌ଏଚ କଡ଼ରୁ ତାଳଗଛ ଉପାଡୁଛି କିଏ

# ସୁରକ୍ଷା ଦେଇ ପାରୁନାହିଁ ବନ ବିଭାଗ

କେସିଙ୍ଗା, ୭ ।୧୧(ସମିସ)

ପ୍ରତିବର୍ଷ ବଜ୍ରପାତରେ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ରାଜ୍ୟସରକାର ବଜ୍ରପାତରୁ କିଛି ଜୀବନ ବଞ୍ଚାଇବା ଲକ୍ଷ୍ୟ ନେଇ ରାଜ୍ୟରେ ତାଳଗଛ ଲଗାଇବାକୁ ମନସ୍ଥ କରିଛନ୍ତି ।କାରଣ ଓଡ଼ିଶାରେ ତାଳ ଗଛକୁ ବଜ୍ରପାତରୁ ଜୀବନ ରକ୍ଷାର ସହାୟକ ବୋଲି ବିବେଚନା କରାଯାଏ। ଏହାର ବୈଜ୍ଞାନିକ ଦୃଷ୍ଟିକୋଣ ମଧ୍ୟ ରହିଛି ବଜ୍ରପାତ ସାଧାରଣତ ପାଖା ପାଖି ଅଞ୍ଚଳରେ ଥିବା ସବୁଠାରୁ ଉଚ୍ଚ ବସ୍ତୁ ଉପରେ ପଡ଼ିଥାଏ ଖୋଲା ପଡ଼ିଆରେ କିମ୍ବା ରାସ୍ତା କଡ଼ରେ ହେଉ କିମ୍ବା ଗାଁ ଅଞ୍ଚଳରେ ହେଉ ତାଳ ଗଛ ଅନ୍ୟ ଗଛ ତୁଳନାରେ ଅଧିକ ଉଚ୍ଚରେ ଥିବାରୁ ବଜ୍ରପାତକୁ ନିଜ ଆଡକୁ ଆକର୍ଷିତ କରିଥାଏ। ପୁଣି ତାଳ ଗଛର ଡାଳ ଓ କାଣ୍ଡରେ ଅଧିକ ପରିମାଣରେ ଜଳୀୟଅଂଶ ଥାଏ ଏହି ଜଳୀୟଅଂଶ ବିଦ୍ୟୁତ୍‌କୁ ସହଜରେ ମାଟିକୁ ପଠାଇବାରେ ସାହାଯ୍ୟ କରେ। ଓଡ଼ିଶା ସରକାରଙ୍କ ସରକାରୀ ରିପୋର୍ଟ ଅନୁସାରେ ବିଗତ ୫ ବର୍ଷ ମଧ୍ୟରେ ସାରା ଓଡ଼ିଶାରେ ବଜ୍ରପାତରେ ସମୁଦାୟ ୧୬୨୫ ଜଣଙ୍କ ମୃତ୍ୟୁ ଘଟୁଛି। କିନ୍ତୁ ବେସରକାରୀ ହିସାବରେ ମୃତ୍ୟୁ ସଂଖ୍ୟା ଅଧିକ। ଓଡ଼ିଶା ସରକାର ବଜ୍ରପାତ ଜନିତ ମୃତ୍ୟୁ କମ କରିବା ପାଇଁ ବ୍ୟାପକ ଭାବରେ ସାରା ରାଜ୍ୟରେ ତାଳ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଚଳିତ ବର୍ଷ ପ୍ରାୟ ୫ରୁ ୬ କୋଟି ଖର୍ଚ୍ଚ କରି ୧୭ ଲକ୍ଷ ତାଳ ଗଛ ଲଗାଇବାକୁ ଲକ୍ଷ ରଖିଛନ୍ତି। ତାଳଗଛ କାଟିବାକୁ ହେଲେ ବନ ବିଭାଗର ଅନୁମତି ଜରୁରୀ କରିଛନ୍ତି। ହେଲେ କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଏହାର ଓଲଟା ଦେଖିବାକୁ ମିଳୁଛି। ବର୍ଷ ବର୍ଷ ଧରି ଏନ୍‌ଏଚ ୨୬ କଡ଼ରେ କେସିଙ୍ଗା ବ୍ଲକ ର ପାଷ୍ଟିକୁଡିରୁ ଆରମ୍ଭ କରି ଅମାଠ ପର୍ଯ୍ୟନ୍ତ ଶହ ଶହ ସଂଖ୍ୟାରେ ତାଳଗଛ ମୁଣ୍ଡ ଟେକି ଠିଆ



ହେଇଛି। ଲୋକେ ମନଇଛା ହାଣି ପକାଉଛନ୍ତି କିଏ ଜାଳି ଦେଉଛି ବନ ବିଭାଗ ସବୁ ଜାଣି ନ ଜାଣିଲା ପରି ଅଭିନୟ କରୁଛି। ତାଳ ଗଛ ସୁରକ୍ଷାରେ କେସିଙ୍ଗା ବନ ବିଭାଗ ବିଲକୁଲ ଦାୟୀତ୍ୱହିନତାର ପରିଚୟ ଦେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କେସିଙ୍ଗା ବୋରିଂପଦର ଠିପି ଖୋଲା ମଦଦୋକାନକୁ ଯିବା ରାସ୍ତାରେ ଚାରି ପାଞ୍ଚୋଟି ବଡ଼ ବଡ଼ ତାଳ ଗଛ କେହି ଉପାଡ଼ି ଦେଇ ନିଆ ଲଗାଇଦେଇଛି। ଏନ୍ ଏଚ ୨୬କଡ଼ରେ ଗଛ ଗୁଡ଼ାକ ପଡ଼ିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ବନ ବିଭାଗର କର୍ମଚାରୀଙ୍କ ନଜରକୁ ଆସୁନି। ରାସ୍ତା କଡ଼ରେ ଥିବା ବଡ଼ବଡ଼ ତାଳ ଗଛ ଯାହା ମଣିଷକୁ ସୁରକ୍ଷା ଦେଉଛୁ ସେହି ଗଛକୁ ଯଦି ବନ ବିଭାଗ ସୁରକ୍ଷା ଦେଇ ପାରୁନାହିଁ ତାହାହେଲେ ବିଭାଗ ଜଙ୍ଗଲକୁ କିପରି ସୁରକ୍ଷା ଦେଉଥିବ ଚିନ୍ତାର ବିଷୟ। ରାସ୍ତା କଡ଼ରେ କିଏ ତାଳଗଛ ଉପାଡି ନିଆଁ ଲଗାଇଛି ତୁରନ୍ତ ଚିହ୍ନଟ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଷ୍ଟେସନରୁ ଗଞ୍ଜେଇ ଜବତ, ଜଣେ ଗିରଫ



ବଲାଙ୍ଗିର,୭ ।୧୧(ସମିସ): ବଲାଙ୍ଗିର ରେଳ ଷ୍ଟେସନରୁ ପୁଣି ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଗିରଫ ହୋଇଛି। ଅଭିଯୁକ୍ତ ଜଣକ କେରଳର ମୁନସୀର ଅହମ୍ମଦ। ତା ପାଖରୁ ୧୦ କେଜି ୩୪୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ବୌଦ୍ଧ ଅଞ୍ଚଳରୁ ଟ୍ରେନରେ କେରଳକୁ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଆରପିଏଫ ଏହି ଚଢ଼ଉ କରିଥିଲା। ଅଭିଯୁକ୍ତ ମୁନସୀର୍ ଓ ଜବତ ଗଞ୍ଜେଇକୁ ଜିଆରପିକୁ ଆରପିଏଫ ହସ୍ତାନ୍ତର କରିଥିଲା। ତାକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ବଲାଙ୍ଗିର ଜିଆରପି ଇନ୍ସପେକ୍ଟର ପ୍ରବୀଣ କୁଅଁରଙ୍କ ସୂଚନା ଦେଇଛନ୍ତି।

## ଗାଁ ଗାଁରେ ନକଲି ଡାକ୍ତର

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ କ୍ୱାକ୍ ଭରସା

ବଲାଙ୍ଗିର,୭ ।୧୧(ସମିସ)

ସ୍ୱାସ୍ଥ୍ୟସେବା ଯେତେ ସୁଦୃଢ ହେଉ କି ବ୍ୟବସ୍ଥିତ ହେଉ ଏବେ ବି ଗ୍ରାମାଞ୍ଚରେ କ୍ୱାକ ବା ନକଲି ଡାକ୍ତର ଭରସା। ଗାଁରେ ଔଷଧ ଦୋକାନ ଖୋଲି ଡାକ୍ତର ସାଜି ରୋଗୀ ସେବା କରୁଥିବା ବେଳେ ସେମାନଙ୍କୁ ନା ବିଭାଗୀୟ କାର୍ଯ୍ୟାନୁଷ୍ଠାନର ଭୟ ଅଛି ନା ରୋଗୀଙ୍କ ଜୀବନ ଯିବା ଭୟ ରହିଛି। କେବଳ ଲାଭ କମାଇବା ପାଇଁ ପ୍ରତିଦିନ ବଲାଙ୍ଗିର ଜିଲ୍ଲାରେ ବହୁ ସଂଖ୍ୟାରେ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ଏହି କ୍ୱାକ୍ ବା ନକଲି ଡାକ୍ତର। ଏହି ଅବସ୍ଥା ରାଜ୍ୟର ଅନ୍ୟ କେଉଁ ଅଞ୍ଚଳ ନୁହଁ; ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଛତୁ ଫୁଟିଲା ଭଳି ଔଷଧ ଦୋକାନ ଓ କ୍ୱାକମାନଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହାକୁ ସ୍ୱାସ୍ଥ୍ୟ ବିଭାଗ କିମ୍ବା ଔଷଧ ନିୟନ୍ତ୍ରକ ବିଭାଗ ତଦନ୍ତ କରୁଛନ୍ତି ନା କାର୍ଯ୍ୟାନୁଷ୍ଠାନ ନେଉଛି; ଯାହାର ସୁଯୋଗ ନେଇ ଏହି କ୍ୱାକ୍‌ମାନେ ନିଜ ବ୍ୟବସାୟ ଚଳାଇଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ବଲାଙ୍ଗିରରେ ଅସୁରକ୍ଷିତ ହୋଇ ପଡିଛି ରୋଗୀଙ୍କ ଜୀବନ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ପରିଚାଳିତ ହେଉଥିବା ସତ୍ତ୍ୱେ ଜିଲ୍ଲାରେ ଆଜି ବି କ୍ୱାକ୍‌ମାନଙ୍କ ପାଖରେ ରୋଗୀଙ୍କ ଭିଡ ଦେଖିବାକୁ ମିଳିଛି। କିଛି ଦିନ ପୂର୍ବରୁ ଖପ୍ରାଖୋଲ ବ୍ଲକରେ କିଭଳି ଔଷଧ ଦୋକାନୀ

- ଜାଣି ଅଜଣା ସ୍ୱାସ୍ଥ୍ୟ ବିଭାଗ
- ଅସୁରକ୍ଷିତ ରୋଗୀଙ୍କ ଜୀବନ
- ଯାଞ୍ଚ, କାର୍ଯ୍ୟାନୁଷ୍ଠାନ ପାଇଁ ଉପେକ୍ଷା

ନକଲି ଡାକ୍ତର ସାଜି ରୋଗୀଙ୍କ ଔଷଧ ଲେଖୁଥିଲେ ଓ ଇଞ୍ଜେକ୍ସନ ଦେଉଥିଲେ ତାହା ସାମ୍ନାକୁ ଆସିଥିଲା।

ସେହିପରି ଲାଠୋର ଅଞ୍ଚଳରେ ଏକ ଔଷଧ ଦୋକାନରେ ରୋଗୀଙ୍କ ଚିକିତ୍ସା କରାଯାଉଥିବା ଦେଖିବାକୁ ମଳିଛି। ଏହା କେବଳ ଏହି ଦୁଇ ଅଞ୍ଚଳ ନୁହଁ; ବର୍ତ୍ତମାନ ସମୟରେ ଜିଲ୍ଲାରେ ପ୍ରାୟ ସମସ୍ତ ବ୍ଲକ ଏପରିକି ପ୍ରତି ପଞ୍ଚାୟତରେ ଔଷଧ ଦୋକାନା



ଖୋଲି ଦୋକାନୀମାନେ ନିଜକୁ ଡାକ୍ତର ଭାବି ରୋଗଙ୍କ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। କିଛି ସ୍ଥାନରେ ଡାକ୍ତର ବସି ଚିକିତ୍ସା କରୁଛନ୍ତି; କିନ୍ତୁ ଏବେ ବି ଜିଲ୍ଲାରେ ପ୍ରାୟ ଶତାଧିକ କ୍ୱାକ୍ ତଥା ନକଲି ଡିଗ୍ରୀଧାରୀ ଡାକ୍ତର ରହିଛନ୍ତି; ଯେଉଁମାନେ ପ୍ରତିଦିନ ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଅନେକ ସମୟରେ ସେମାନଙ୍କ ଭୁଲ୍ ଚିକିତ୍ସା ଓ ଔଷଧ ଯୋଗୁ ରୋଗୀମାନେ ଗୁରୁତର ହେବା ପରେ ସରକାରୀ ଡାକ୍ତରଖାନାକୁ ଆସି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ଲୋଇସିଂହା ଅଞ୍ଚଳରେ ନିର୍ଦ୍ଦିଷ୍ଟ କିଛି ଔଷଧ ଦୋକାନୀ ନିଜ ଦୋକାନରେ ରୋଗୀମାନଙ୍କୁ ସାଲାଇନ ଲଗାଉଥିବା ମଧ୍ୟ ଦେଖିବାକୁ ମିଳିଥିଲା। ସେହିପରି ଲୋଇସିଂହା ପଣ୍ଡରାନୀଠାରେ ଜଣେ ଔଷଧ ଦୋକାନୀ ବର୍ଷ ବର୍ଷ ହେଲା ରୋଗୀ ସେବା କରୁଥିବା ବେଳେ ଦୋକାନ ଭିତରେ ଡାକ୍ତରଖାନା ଭଳି ବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଛି। ଏମିତି ଅନେକ ସ୍ଥାନରେ କ୍ୱାକମାନେ ନିଜ ଅଘୋଷିତ ଡାକ୍ତରଖାନା ଚଳାଉଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ରାଜ୍ୟ ସରକାର ପ୍ରତିଟି ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ନେଇ ବାହାବା ନେଉଥିବା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏହି କ୍ୱାକ୍ ସ୍ୱାସ୍ଥ୍ୟସେବା ଜିଲ୍ଲାର ଅବ୍ୟବସ୍ଥିତ ସ୍ୱାସ୍ଥ୍ୟସେବାକୁ ପଦାରେ ପକାଇଛି। ମନ୍ତ୍ରୀଙ୍କ ନିଜ ବ୍ଲକରେ ବହୁ ସଂଖ୍ୟାରେ କ୍ୱାକ୍ ବା ନକଲି ଡାକ୍ତର ନିଜ ବ୍ୟବସାୟ ଚଳାଉଥିବା ବେଳେ ଜିଲ୍ଲାର ଅନ୍ୟ ଅଞ୍ଚଳର କଥା ପଚାରେ କିଏ। ତେବେ ଏହିଭଳି ଔଷଧ ଦୋକାନୀ ତଥା କ୍ୱାକ କାରବାର ସଂପୂର୍ଣ୍ଣ ଭାବେ ବେଆଇନ ହୋଇଥିବା ବେଳେ ଏହି କାରବାର ପ୍ରତି ସ୍ୱାସ୍ଥ୍ୟ ବିଭାଗ ନିୟମିତ ଯାଞ୍ଚ କରିବା ଓ ଏହାକୁ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ରହିଛି। କିନ୍ତୁ ଏହା ବଲାଙ୍ଗିର ଜିଲ୍ଲାରେ ସଂପୂର୍ଣ୍ଣ ଭାବେ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ଅନେକ ନକଲି ପ୍ରମାଣପତ୍ରଧାରୀ, ବିନା ପ୍ରମାଣପତ୍ରଧାରୀ ଡାକ୍ତର ରହିଛନ୍ତି ଯେଉଁମାନେ ବିନା ଦ୍ୱିଧାରେ କାରବାର ଚଲାଇଛନ୍ତି; ଅଥଚ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ନାହିଁ। କେବଳ ସ୍ୱାସ୍ଥ୍ୟ ବିଭାଗ କାହିଁକି ଜିଲ୍ଲାରେ ଔଷଧ ନିୟନ୍ତ୍ରକ ବା ଡ୍ରଗ୍ସ ଇନ୍ସପେକ୍ଟର ଅଛନ୍ତି ନା ନାହିଁ ତାହା ମଧ୍ୟ ଜଣାପଡୁନାହିଁ। ଜିଲ୍ଲାରେ ଔଷଧ ଦୋକାନ ଓ ଏହିଭଳି ନକଲି ଡାକ୍ତରମାନଙ୍କ କୌଣସି ପ୍ରକାର ଯାଞ୍ଚ ହେଉନି।

ତେବେ ଏନେଇ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ସାହୁଙ୍କୁ ପଚାରିବାରୁ ଏହା ଜିଲ୍ଲାର ସବୁଆଡେ ଚାଲିଛି; କିନ୍ତୁ ଯେଉଁ ଅଞ୍ଚଳରୁ ଏହିଭଳି ଅଭିଯୋଗ ଆସୁଛି ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଉଛି। ତତସହିତ ସଙ୍ଗେ ସଙ୍ଗେ ତାକୁ ସିଲ୍ କରାଯାଉଥିବା ପ୍ରତିକ୍ରିୟାରେ କହିଛନ୍ତି।

## ୨୫ ବର୍ଜ୍ୟବସ୍ତୁ ସଂଗ୍ରହ ଗାଡ଼ିର ଶୁଭାରମ୍ଭ



ବଲାଙ୍ଗିର,୭ ।୧୧(ସମିସ): ବଲାଙ୍ଗିର ପୌର ପରିଷଦ ତରଫରୁ ଘର ଘର ବୁଲି କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କରିବାପାଇଁ ନୂତନ ଭାବରେ ୨୫ଟି ବର୍ଜ୍ୟବସ୍ତୁ ସଂଗ୍ରହ ଗାଡି ବ୍ୟବସ୍ଥା ହୋଇଛି। ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉପାଧ୍ୟକ୍ଷା ଗାୟତ୍ରୀ ଭୋଇଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ଏବଂ ପୌର କର୍ମଚାରୀ ଉପସ୍ଥିତ ଥିଲେ।

## କ୍ରିକେଟ ମ୍ୟାଚ: ପାତାଳପଡା ଚାମ୍ପିଅନ



ମୁରିବାହାଲ,୭ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ତେନ୍ତୁଳୀଖୁଣ୍ଟି ଗ୍ରାମରେ ସୁନ୍ଦର ଯାନୀ କ୍ରିକେଟ କ୍ଲବ୍ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପାତାଳପଡା ଚାମ୍ପିଅନ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ବିଜେପି ଜିଲ୍ଲା କୋ-ଅପରେଟିଭ ସଂଯୋଜକ ରାଜୀବ ମହାନ୍ତି, ବ୍ଲକ୍ ବିଜେପି ସମ୍ପାଦକ ନାରାୟଣ ସାହୁ, ଜଙ୍ଗଲ ସୁରକ୍ଷା କମିଟି ସଭାପତି କୀର୍ତ୍ତନମଣି ଯାନୀ, ଉମାକାନ୍ତ ଛତ୍ରିଆ, ଗୌରାଙ୍ଗ ପଟ୍ଟନାୟକ, ଚିତ୍ରସେନ ଦାସ, ବେଦପ୍ରକାଶ ମହାକୁର, ଜୟରାମ ପୁଟେଲ, ନାରାୟଣ ଛତ୍ରିଆ, ରସିକ ପୁଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଆମ୍ପିୟାର ଚଉବନ ଧରୁଆ ଓ ବଦେବ ବାଗ ଦାୟିତ୍ୱ ତୁଲାଇଥିଲେ।

## ଫପସି ମହୋତ୍ସବ ଉଦ୍‌ଘାଟିତ




ସଇଁତଲା,୭ ।୧୧(ସମିସ): ଗଣ୍ଡପତ୍ରାପାଲି ପଞ୍ଚାୟତ (ନୂଆଁ ଭଦ୍ରା) ଫପସି ଆରସିବି ଯୁବକ ସଂଘ ଆନୁକୂଲ୍ୟରେ ଫପସି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ସୁରେନ୍ଦ୍ର ସିଂ ଭୋଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପରେ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ଗୁଣଶାଗର ମାଝୀ, ସ୍ଥାନୀୟ ସରପଞ୍ଚ ମନେଶ ସୁନା, ସମିତି ସଭ୍ୟା ଅମ୍ରିତା ଦୀପ, କେରମେଲୀ ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ସଭାପତି ଅଶୋକ ସାହୁ, ଢୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ, ଧରଫଗଡ଼ ସରପଞ୍ଚ ପୁଷ୍ପାଞ୍ଜଳି ପଣ୍ଡା, କୁଇକେଡ଼ା ସରପଞ୍ଚ ଯୁଗଲାଲ ମାଝୀ, ଶିଶକେଲା ସମିତି ସଭ୍ୟ ଉମାକାନ୍ତ ରଣା, ଧରପଗଡ଼ ସମିତି ସଭ୍ୟ ରାକେଶ ନାଏକ, କେରମେଲି ନବୀନ ରଣା, ସାମ୍ବାଦିକ ସଂଘ ସଭାପତି ତରୁଣ ବେହେରା, ସାମ୍ବାଦିକ ପ୍ରଦୀପ ବାଗ, ବିଶ୍ୱାଳ ଅଗ୍ରୱାଲ, ସାମ୍ବାଦିକ ତଥା କଣ୍ଠଶିଳ୍ପୀ ଅଜିତ ସାହୁ, ଆଲୋକ ସାହୁ, କୃଷ୍ଣଗୋପାଳ ଦାଶ, ଗୋକୁଳାନନ୍ଦ ବଗର୍ତ୍ତୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ବଲପୁରୀ ଡାଲଖାଇ, ମାଏଲାଜଡ଼, ରସରକେଲି ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ଏହି କାର୍ଯ୍ୟକ୍ରମକୁ ରୋହିତ ମହାନନ୍ଦ ଓ ତରୁଣ ସୁନା ପରିଚାଳନା କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ବିଳମ୍ବ କୁମ୍ଭାରଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ମନେଶ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଡିଆରଏଫ୍ ଦ୍ୱାରା ସୁରକ୍ଷା ଶିବିର

ମୁରିବାହାଲ, ୭ ।୧୧(ସମିସ): ଲେବଡା ପିଏମ୍ ଶ୍ରୀ ପାଟଣେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏନଡିଆରଏଫ ପକ୍ଷରୁ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏନଡିଆରଏଫ ଇନ୍ସପେକ୍ଟର ରାଜୀବ ଲୋଚନ ଆଚାର୍ଯ୍ୟ, ଟିବି ମଣ୍ଡଳ, ସୁନୀଲ କୁମାର ପ୍ରଶିକ୍ଷଣ ଦେଇଥିଲେ। ଭୂମିକମ୍ପ, ବନ୍ୟା ଭଳି ବିପଦ ସମୟରେ କିଭଳି ନିଜେକୁ ସୁରକ୍ଷିତ ହେବ ଓ ଅନ୍ୟକୁ ରକ୍ଷା କରିହେବ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଧାନଶିକ୍ଷକ ଦୁତିବାହନ ମୁନା, ଭକ୍ତରାମ ସାହୁ, ଉତ୍ତମ ବନଛୋର, ଜୟରାମ ମହାପାତ୍ର, ସୁଶାନ୍ତ ପାଢ଼ୀ, ସରୋଜ ସେଠୀ, ବୀଣାପାଣି ଭୋଇ, ଦୀପା ନାୟକ, ସାଧୁ ଛତର, ରାମକୃଷ୍ଣ ଆଡଜୁଏଡ଼, ଅକୁର ସାହୁଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ଭାରତୀୟ ହକିର ୧୦୦ତମ ଗୌରବମୟ ବର୍ଷ ପୂର୍ତ୍ତି



ବଲାଙ୍ଗିର, ୭ ।୧୧(ସମିସ): ସ୍ଥାନୀୟ ସରକାରୀ ଟାଉନ୍ ହାଇସ୍କୁଲ୍ ପଡ଼ିଆରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ହକି ପରିଷଦ ପକ୍ଷରୁ ଭାରତୀୟ ହକିର ୧୦୦ ତମ ଗୌରବମୟ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏହି ଅବସରରେ ୨ଟି ପୁରୁଷ ଏବଂ ପ୍ରଦର୍ଶନୀ ହକି ମ୍ୟାଚ ଆୟୋଜନ କରାଯାଇଥିଲା। ଏଥିରେ କ୍ରୀଡ଼ା ଛାତ୍ରାବାସ ବଲାଙ୍ଗିର ଦଳ ୧-୦ ଗୋଲ୍‌ରେ ପୃଥ୍ୱିରାଜ ହାଇସ୍କୁଲ୍‌କୁ ଏବଂ ମହିଳା ବର୍ଗରେ ଅଙ୍କରିଆପଦର୍ ଉଚ୍ଚ ବିଦ୍ୟାଳୟ ଦଳ ୧-୦ ଗୋଲରେ ସରକାରୀ ବାଳିକା ବିଦ୍ୟାଳୟକୁ ପରାସ୍ତ କରିଥିଲା। ଉପଜିଲ୍ଲାପାଳ ଆଲୋକ ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟପ୍ରକାଶ ମିଞ୍ଜ, କ୍ରୀଡ଼ା ସଂଗଠକ ସୁମିତ୍ ରଞ୍ଜନ ପୁରୋହିତ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ବୈକୁଣ୍ଠ ଜେନା, ରଞ୍ଜିତ ବେହେରା, ସୌରଭ ପ୍ରଧାନ, ପ୍ରଣତୀ ପାଣିଗ୍ରାହୀ, ଆରତୀ ସାହୁ ଖେଳ ପରିଚାଳନା କରିଥିଲେ। ଟାଉନ୍ ହାଇସ୍କୁଲ ଏବଂ କ୍ରୀଡ଼ା ଛାତ୍ରାବାସର କର୍ମଚାରୀ ମାନେ ସହଯୋଗ କରିଥିଲେ। କ୍ରୀଡ଼ା ଛାତ୍ରାବାସ ଅଧିକ୍ଷକ ପରାଶର ବାଗ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ମୁଖ୍ୟ କିରାଣିଙ୍କ ପରଲୋକ



ବଲାଙ୍ଗିର,୭ ।୧୧(ସମିସ): ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ କିରାଣି ପୂର୍ଣ୍ଣଚନ୍ଦ୍ର ତ୍ରିପାଠି(୮୧)ଙ୍କ ହାତୀଶାଳପଡାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି। ବିଭୁତିପଡାସ୍ଥିତ ଶ୍ମଶାନରେ ତାଙ୍କ ଅନ୍ତିମ ସ୍କାର ହୋଇଥିଲା। ଦୁଇ ପୁଅ ଗୋପାଳ ଓ ସନ୍ତୋଷ ମୁଖାଗ୍ନି ଦେଇଥିଲେ।

## ଜିଲ୍ଲା ବ୍ରାହ୍ମଣ ମହାସଭାର ବୈଠକ

ବଲାଙ୍ଗିର,୭ ।୧୧(ସମିସ): ଶ୍ରୀ ଶ୍ରୀ ନୃସିଂହ ମନ୍ଦିର ବଲାଙ୍ଗିର ପ୍ରାଙ୍ଗଣରେ ଜିଲ୍ଲା ବ୍ରାହ୍ମଣ ମହାସଭାର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଧନଞ୍ଜୟ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ଧର୍ମସିଂହ ମିଶ୍ର, ଗିରିଧାରୀ ଶତପଥୀ, ଗୋପବନ୍ଧୁ ପୁରୋହିତ, ଉପସଭାପତି ବିଶ୍ୱନାଥ ମିଶ୍ର, କୋଷାଧ୍ୟକ୍ଷ ପଞ୍ଚାନନ ବେଦବାକ, କାର୍ଯ୍ୟନିର୍ବାହୀ ସଦସ୍ୟ କେଶବ ଚନ୍ଦ୍ର ମିଶ୍ର, ବାଳକୃଷ୍ଣ ଷଡଙ୍ଗୀ, ଲକ୍ଷ୍ମୀପ୍ରସାଦ .ନ୍ଦ, ପ୍ରଭୁଦତ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସଂପାଦକ ଶ୍ୟାମ ସୁନ୍ଦର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକ ଉତ୍ସବ



କଣ୍ଟାବାଞ୍ଜି,୭ ।୧୧(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ ଏଥିରେ ପୌରୋହିତ୍ୟ କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଛାତ୍ରୀ ସାମୂହିକ ଭାବେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ଗାନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ପୁରୋହିତ ରାଷ୍ଟ୍ରୀୟ ଗୀତ ''ବନ୍ଦେ ମାତରମ୍'ର ଇତିହାସ, ରଚୟିତା ତଥା ଗୀତର ମହତ୍ତ୍ୱ ବିଷୟରେ କହିଥିଲେ। ୧୮୭୫ ମସିହାରେ ସଂସ୍କୃତ ଓ ବଙ୍ଗାଳି ମିଳିତ ଭାଷାରେ ବଂକିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ପୁସ୍ତକ ଆନନ୍ଦମଠରୁ ଏହା ସଂଯୋଜିତ ହୋଇଥିଲା। ଏହା ଭାରତକୁ ସ୍ୱାଧୀନତା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା।

ବେଲପଡା: ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକର ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ମଧ୍ୟ 'ବନ୍ଦେ ମାତରମ୍' ୧୫୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକାରୀ ଅଧ୍ୟକ୍ଷ ତନ୍ମୟ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମନୋଜ ମହାକୁଡ଼, ପ୍ରାଧ୍ୟାପକ ଦୁର୍ବାଦଳ ଘିରେଲା, ଡ. ଗଙ୍ଗାଧର ଦେହେରି, ଅଧ୍ୟାପକ ପ୍ରମୋଦ ବରିହା, ଅଧପକ ବ୍ରଜମୋହନ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସମସ୍ତେ 'ବନ୍ଦେ ମାତରାମ୍' ଗାନ କରିବା ସହ ଭାରତରେ ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଶପଥ ନେଇଥିଲେ। ଏହି ଅବସରରେ ବକ୍ତୃତା, ତର୍କ ସାଧାରଣଜ୍ଞାନ ଆଦି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରମାକାନ୍ତ ପୁଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ରଜମୋହନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ



ବଲାଙ୍ଗିର,୭ ।୧୧(ସମିସ): ସ୍ଥାନୀୟ ପିଏମଶ୍ରୀ ପୃଥ୍ୱିରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲ୍ଲାପାଳ ଆଲୋକ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ବକ୍ତବ୍ୟରେ ସେ ଆଜିର ଶିଶୁ ଶିକ୍ଷିତ, ସଚେତନ ଓ ସଂସ୍କାରୀ ହେଲେ ଆସନ୍ତା କାଲି ଏକ ଉଜ୍ୱଳ ଭବିଷ୍ୟତ ଗଠନ ହେବ ବୋଲି କହିଥିଲେ। ଶିଶୁକୁ ଭଲ ପରିବେଶ, ସୁସ୍ଥ ଜୀବନ ଓ ସୁନିଶ୍ଚିତ ଶିକ୍ଷା ଦେବା ଉଚିତ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଏଡିଇଓ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ପ୍ରବୀର ପଣ୍ଡା, ସଦର ବ୍ଲକ ବିଇଓ ନୀଳମଣି ପଟେଲ, ପିଆର ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଅଧ୍ୟକ୍ଷତା କରିଥିଲେ। ସରକାରୀ ଟାଉନ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ଅବସରରେ ୩୫୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରବନ୍ଧ, ବକ୍ତୃତା, ତର୍କ, କୁଇଜ, ସୃଜନଶୀଳ ଲିଖନ, ସଂଗୀତ, ସୁନ୍ଦର ହସ୍ତାକ୍ଷର, ଶିଳ୍ପକଳା ଓ ଚିତ୍ରକଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମାନେ ହେଉଛନ୍ତି ଜାତିର ସ୍ତମ୍ଭ। ସେମାନଙ୍କୁ ଠିକ୍ ଦିଗ ଦେଖାଇଲେ ସେମାନେ ଦେଶକୁ ଉଚ୍ଚତାକୁ ନେଇଯିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ଶିକ୍ଷକ ସରୋଜ ନାୟକ, ନାରାୟଣ ମିଶ୍ର, ଅଳକା ଦାଶ ଓ ସୈଲେନ୍ଦ୍ରୀ ପରିଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଲୋଇସିଂହା ବ୍ଲକକୁ ପୁରସ୍କୃତ କରାଯିବା ସହ ଶିକ୍ଷକ ଦେବକାନ୍ତ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଘୁନେଶ ପଞ୍ଚାୟତରେ ଦୁର୍ନୀତି

# ନିମ୍ନମାନର ପୋଲ ନିର୍ମାଣ କରି ଟଙ୍କା ହଡ଼ପ

କଣ୍ଟାବାଞ୍ଜି/ତୁରେକେଲା,୭ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲ ବ୍ଲକ୍ ଘୁନେସ ପଞ୍ଚାୟତରେ ନିମ୍ନମାନର କାମ କରି ସରକାରୀ ଅନୁଦାନ ଆତ୍ମସାତ କରାଯାଉଛି। ସୂଚନ ଫଳକରେ ଉଲ୍ଲେଖ ତଥ୍ୟ ଅନୁସାରେ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ପକ୍ଷରୁ କାଦୋବେଡାଠାରୁ ବଡବାଙ୍କି ରାସ୍ତାରେ ପୋଲ ନିର୍ମାଣ ପାଇଁ ୪ ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ପଞ୍ଚାୟତ କର୍ତ୍ତୃପକ୍ଷ ଗତ କିଛି ମାସ ତଳେ ଏହି ରାସ୍ତାରେ ଏକ ପୋଲ ନିର୍ମାଣ କରିଛନ୍ତି। ତାହା କିନ୍ତୁ ଅତି ନିମ୍ନମାନର ବୋଲି ସ୍ଥାନୀୟ ଲୋକଙ୍କ ଅଭିଯୋଗ। ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଓ ଠିକାଦାର ମିଶି ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଅନୁଦାନ ହଡ଼ପ କରିଥିବା

### ସନ୍ଦେହ ଘେରରେ କନିଷ୍ଠ ଯନ୍ତ୍ରୀ

ଭଳି ଅଭିଯୋଗ ହେଉଛି। ଘୁନେଶ ପଞ୍ଚାୟତ ଏକ ପଛୁଆ ଅଞ୍ଚଳ। ଏଠାରେ ଅନେକ ସମୟରେ ସରକାରୀ ଅନୁଦାନ ଦୁରୁପଯୋଗ ହୋଇ ଆସୁଛି। ବାସ୍ତବରେ ଦେଖିବାକୁ ଗଲେ ଯେଉଁ ନୂଆ ପୋଲ ନିର୍ମାଣ କରାଯାଇଛି ସେଥିରେ ୧ ଲକ୍ଷ ଟଙ୍କା ମଧ୍ୟ ଖର୍ଚ୍ଚ ହୋଇ ନ ଥିବା ଅନୁମାନ କରାଯାଉଛି। ସେହି ପୋଲ ନିର୍ମାଣ ନାଁରେ ବିଲ୍ କରି ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ ଓ ଠିକାଦାର ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହେଉଛି। ତେବେ ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନରଞ୍ଜନ ସାହୁଙ୍କୁ ପଚାରିବାରୁ ଏ ବିଷୟରେ ସେ କିଛି କହି ପାରିବେ ନାହିଁ। ସବୁ ତଥ୍ୟ ବିଡିଓ ଦେଇ ପାରିବେ କହି ପ୍ରଶ୍ନକୁ ଏଡେଇ ଦେଇଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ ଉତ୍ତର ଶୁଣିବା ପରେ ତାଙ୍କ ଭୂମିକାକୁ ଏନେଇ ଆହୁରି ସନ୍ଦେହ ବଢିବାରେ ଲାଗିଛି। ଦୁର୍ନୀତି ଲୁଚାଇବାକୁ ଯାଇ ସେ ଏହିଭଳି ପ୍ରତିକ୍ରିୟା ଦେଉଥିବା ସ୍ପଷ୍ଟ ହେଉଛି।

## ୫ ଦିନ ଭିତରେ ୩ ଅଧିକାରୀ

### ଲୋଇସିଂହା ଥାନା

ବଲାଙ୍ଗିର,୭ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନାରେ ୫ ଦିନରେ ୩ ଜଣ ଥାନା ଅଧିକାରୀଙ୍କ ବଦଳି ଚର୍ଚ୍ଚାର ବିଷୟ ପାଲଟିଛି। ୨ ତାରିଖରେ ଏହି ଥାନାରେ ଜଣେ ଅଧିକାରୀଙ୍କୁ ଆଇଆଇସି ଭାବେ ନିଯୁକ୍ତି ଦିଆଯାଇଥଲା। ଏହାର ୪ଦିନ ଭିତରେ ପୁଣି ଜଣେ ଅଧିକାରୀଙ୍କୁ ବଦଳି କରି ଏହି ଥାନାରେ ଅବସ୍ଥାପିତ କରାଯାଇଛି। ଇନ୍ସପେକ୍ଟର ଯାଜ୍ଞସେନୀ ନାୟକ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଗତ କିଛି ଦିନ ଛୁଟିରେ ରହିଛନ୍ତି। ଏହା ଭିତରେ ଏଠାରେ କାର୍ଯ୍ୟରତ ଏସଆଇ ମନୋଜ ମୁଣ୍ଡାଙ୍କ ପଦୋନ୍ନତି ହୋଇଛି। ୨ ତାରିଖରେ ଶ୍ରୀମତି ନାୟକଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇ ମନୋଜ ମୁଣ୍ଡାଙ୍କୁ ନୂତନ ଆଇଆଇସି ଭାବେ ଏସପି ନିୟୋଜିତ କରିଥିଲେ। ଆଇଆଇସି ଭାବେ ଦାୟିତ୍ୱ ନେବା ପରେ ଶ୍ରୀ ମୁଣ୍ଡା ଉସାହିତ ରହିଥିଲେ। ଠିକ ୪ ଦିନ ପରେ ଅର୍ଥାତ ୬ ତାରିଖ ସନ୍ଧ୍ୟାରେ ତାଙ୍କର ବଦଳି ହୋଇଛି। କେବଳ ବଦଳି ନୁହଁ; ତତକ୍ଷଣାତ ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଥିଲା। ଏହାଫଳରେ ୬ ତାରିଖ ସନ୍ଧ୍ୟାରେ ତାଙ୍କ ସ୍ଥାନରେ ସୁଜ୍ଞାନ ବାରିକ ଦାୟିତ୍ୱ ନେଇଛନ୍ତି। ତାଙ୍କୁ ଦାୟିତ୍ୱ ଦେଇ ଶ୍ରୀ ମୁଣ୍ଡା ଟାଉନ ଥାନାରେ ଯୋଗ ଦେଇଛନ୍ତି।


TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2025-26/NIT/11


Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/1000006886 | Rate Contract for Supply of Printing Stationary for 2 Years |
| 2 | TPCODL/CCG/2025-26/1000006925 | PO for supply of MS Windows Licenses |
| 3 | TPCODL/CCG/2025-26/1000006981 | RC for SITC of DC Routers under TPSODL & TPNODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

ସକାଳ
THE SAKALA

# ସମ୍ପାଦକୀୟ



ଜୀବନ ଅତି ସରଳ, ଆମେ ହିଁ ତା'କୁ ଜଟିଳ କରୁଛେ।
-କନ୍‌ଫୁସିୟସ୍

## ଆରମ୍ଭରୁ ବିଲକ୍ଷଣ

ଉତ୍କଳୀୟ ନୌବାଣିଜ୍ୟର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରତୀକାତ୍ମକ ନିଦର୍ଶନ କଟକ ବାଲିଯାତ୍ରା ପ୍ରତିବର୍ଷ ନୂଆ ରୂପ ଓ ରଙ୍ଗରେ ସଂପ୍ରସାରିତ ହୋଇ ଚାଲିଛି। ତେଣୁ କିଛି ନା କିଛି ସମସ୍ୟା ଉପୁଜିବ ଏବଂ ପରବର୍ତ୍ତୀ ବର୍ଷ ତାହାକୁ ସଂଶୋଧନ କରାଯିବ। କିନ୍ତୁ ଏହା ଅର୍ଥ ନୁହେଁ ଯେ ବ୍ୟବସ୍ଥାରେ ସଂକୋଚନ କରି ତାହାର ଗରିମାକୁ କ୍ଷୁଣ୍ଣ କରାଯିବ। ସହରବାସୀ, ଲୋକ ପ୍ରତିନିଧିଙ୍କ ଅନୁରୋଧ ଓ ଅଦାଲତୀୟ ହସ୍ତକ୍ଷେପ ସତ୍ତ୍ୱେ ଏଥର ଉପର ପଡ଼ିଆରେ ଆୟୋଜନକୁ ସଂକୋଚନ କରାଯାଇଛି। ରାଜନୀତିର ରଙ୍ଗ ପରିବର୍ତ୍ତନରେ ମୁଖ୍ୟତୋରଣ ତା'ର ପାରମ୍ପରିକ ଆକର୍ଷଣ ଓ ଚମକ୍ ହରାଇଥିବା ଅଭିଯୋଗ ସହିତ ଜନତାଙ୍କ ମଧ୍ୟରେ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି।

ଅଲିଖିତ ପରମ୍ପରା ଓ ବ୍ୟବସ୍ଥା ଅନୁଯାୟୀ ବାଲିଯାତ୍ରା ଆୟୋଜନରେ ସିଏମ୍‌ସି, ସିଡିଏ ଓ ଜିଲ୍ଲା ପ୍ରଶାସନର ମିଳିତ ଭୂମିକା ରହିଆସିଛି। କିନ୍ତୁ ଏଥର ଉଦ୍‌ଘାଟନ ଉତ୍ସବରେ କଟକ ମହାନଗର ନିଗମର ଭୂମିକାକୁ ଉଦ୍ଦେଶ୍ୟମୂଳକ ଭାବେ ଗୌଣ କରାଯାଇଛି। ମେୟର ଅନୁପସ୍ଥିତ ରହିଥିବା ବେଳେ ସିଏମସି ଓ ସିଡିଏ ଉଭୟକୁ ପ୍ରତିନିଧିତ୍ୱ କରୁଥିବା କମିସନର ନିରବରେ ମଞ୍ଚ ତଳେ ବସି ରହିଥିବା ଦେଖାଯାଇଛି। ଜିଲ୍ଲା ପ୍ରଶାସନ ହିଁ ରାଜ୍ୟ ଉନ୍ନୟନ କମିଶନରଙ୍କ ନିର୍ଦ୍ଦେଶରେ ସବୁକିଛି କରୁଛି। ବାଲିଯାତ୍ରାର ଉଦ୍‌ଘାଟନ ଉତ୍ସବରେ ମେୟରଙ୍କ ଅନୁପସ୍ଥିତିରୁ ବାରି ହୋଇପଡ଼ିଛି କେଉଁଠି ନା କେଉଁଠି ଅସଂଲଗ୍ନ କାର୍ଯ୍ୟଧାରା ନେଇ ଅସନ୍ତୋଷ ମୁଣ୍ଡ ଟେକୁଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କ୍ଷମତା ପରିବର୍ତ୍ତନ ସ୍ୱାଭାବିକ। କିନ୍ତୁ ଏହାର ଅର୍ଥ ନୁହେଁ କଟକର ନଗରପାଳ ବା ମେୟର ବିରୋଧୀଦଳର ହୋଇଥିବାରୁ ଦାୟିତ୍ୱ ନିର୍ବାହରେ କଟକଣା ପ୍ରୟୋଗ କରାଯିବ। ଦୁଇ ଦଳ ମଧ୍ୟରେ ଥିବା ରାଜନୈତିକ ବିରୋଧାଭାସର ପ୍ରତିଫଳନ ବାଲିଯାତ୍ରା ଆୟୋଜନକୁ ପ୍ରଭାବିତ କରିବା ଉଚିତ୍ ହୋଇନାହିଁ। ପ୍ରତିବାଦର ସ୍ୱର କ୍ଷୀଣ ହେଲେ ମଧ୍ୟ ଏହାର ଗୁଞ୍ଜରଣ ସୁଦୂରପ୍ରସାରୀ ହେବା ଅସମ୍ଭବ ନୁହେଁ।

ଚଳିତ ବାଲିଯାତ୍ରା ଉତ୍ସବ ଆୟୋଜନରେ ଲୋକପ୍ରତିନିଧିଙ୍କ ପ୍ରାଧାନ୍ୟ ପରିବର୍ତ୍ତେ ବାବୁରାଜ୍‌ର ଇଙ୍ଗିତ ଓ ନିୟନ୍ତ୍ରଣରେ କାର୍ଯ୍ୟ ଚାଲିଛି। ଏକଥା ସତ ଯେ ବ୍ୟବସ୍ଥାଗତ ଶୃଙ୍ଖଳା ଦାୟିତ୍ୱରେ ସବୁକାଳେ ଅଧିକାରୀମାନେ ରହିଆସିଛନ୍ତି। କିନ୍ତୁ ଏହାର ଅର୍ଥ ନୁହେଁ ଲୋକ ପ୍ରତିନିଧିଙ୍କୁ ସଂପୂର୍ଣ୍ଣ ରୂପେ ଏଡ଼ାଇଯାଇ ପ୍ରଶାସନ ସବୁ ନିଷ୍ପତ୍ତି ଗ୍ରହଣ କରିବ। ମେୟର ଏହି ସହରର ପ୍ରଥମ ନାଗରିକ। ବାଲିଯାତ୍ରା ଭଳି ପାରମ୍ପରିକ ଉତ୍ସବରୁ ସେ କାହିଁକି ଓ କେଉଁ ପରିସ୍ଥିତିରେ ନିଜକୁ ନିବୃତ୍ତ କରାଇଲେ? ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅସମ୍ମାନିତ କରିବାର ଅପଚେଷ୍ଟା ହୋଇନାହିଁ ତ? ନିଜକୁ ନିନ୍ଦା ଓ ଅପବାଦରୁ ଦୂରେଇ ରଖିବା ପାଇଁ ସେ ଶ୍ରେୟ ମଣି ନାହାନ୍ତି ତ? ଏଭଳି ଅନେକ ପ୍ରଶ୍ନ ଉଠିଛି। ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ସେ ବ୍ୟସ୍ତ ଅଛନ୍ତି କହି ମେୟର ଲଘୁ ମନ୍ତବ୍ୟ ଦେବାର ଯଥାର୍ଥତା କେତେ ତାହା ସହରବାସୀ ନିଶ୍ଚୟ ଅନୁଭବ କରୁଥିବେ।

ସଂକୀର୍ଣ୍ଣ ରାଜନୀତି ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ପ୍ରୟୋଗ ଓ ସେମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାର ଯେଉଁ ପ୍ରୟାସ ହୋଇଛି ତାହା ଆଗାମୀ ଦିନର ସହରବାସୀଙ୍କ ବୃହତ୍ତର ସ୍ୱାର୍ଥହାନି. ଘଟାଇବ। ଉଭୟ ନିନ୍ଦା ଓ ପ୍ରଶଂସା ପାଇଁ ଜିଲ୍ଲା ପ୍ରଶାସନ ହିଁ ହକ୍‌ଦାର। ମନେ ରଖିବାକୁ ହେବ ଯେ ପ୍ରଶଂସା ସାଉଁଟିବ କ୍ଷମତା ଏବଂ ନିନ୍ଦାର ନଡ଼ିଆ ଭାଙ୍ଗିବ ପ୍ରଶାସନ ମୁଣ୍ଡରେ। ●

## ଗୁମର ଖୋଲିବ କେବେ?

ଗତ ଜୁନ ମାସରୁ କେନ୍ଦ୍ର ସରକାର ଆସନ୍ତା ଖରିଫ ଓ ରବି ଋତୁରେ ଧାନ ସଂଗ୍ରହର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି। ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ନଭେମ୍ବର ପହିଲାରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବା କଥା। ତାହାକୁ ଦୃଷ୍ଟିରେ ରଖି ସରକାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସଂପର୍କରେ ଅବଗତ କରିଛନ୍ତି। ଧାନର ବର୍ଦ୍ଧିତ ସଂଗ୍ରହ ମୂଲ୍ୟ କ୍ୱିଣ୍ଟାଲ ପିଛା ୨,୩୦୦ରୁ ୨,୩୬୯ ଟଙ୍କାକୁ ବୃଦ୍ଧି ପାଇଛି। ଇଏ ହେଉଛି ସାଧାରଣ କିସମ ଧାନର ଦର। ଗ୍ରେଡ୍ ଏ କିସମ ଧାନର କ୍ୱିଣ୍ଟାଲ ପିଛାମୂଲ୍ୟ ୨,୩୮୯ ଟଙ୍କାକୁ ବୃଦ୍ଧି ପାଇଛି। ଏବର୍ଷର ଖରିଫ ଋତୁରେ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବାତ୍ୟା ସହ କ୍ରମାଗତ ବର୍ଷା ଲାଗି ରହିଥିବାରୁ ଧାନ ଅମଳ ସ୍ୱାଭାବିକ ଭାବେ ବିଳମ୍ବିତ ହେବ। ଯେତେଦୂର ସମ୍ଭବ ଡିସେମ୍ବର ପୂର୍ବରୁ ମଣ୍ଡି ଖୋଲିବା ସମ୍ଭବ ହେବ ନାହିଁ।

ଏ କ୍ଷେତ୍ରରେ ଆମ ରାଜ୍ୟ ପରିସ୍ଥିତି ସଂପୂର୍ଣ୍ଣ ଅଲଗା। କେନ୍ଦ୍ର ନିର୍ଦ୍ଧାରିତ କ୍ୱିଣ୍ଟାଲ୍ ପିଛା ମୂଲ୍ୟ ଉପରେ ସରକାର ୮୦୦ ଟଙ୍କା ବୋନସ ବା ଇନପୁଟ ସହାୟତା ଦେଉଛନ୍ତି। ଗତ ଖରିଫ ଓ ରବି ଋତୁରେ ସରକାର ଦୁଇ କିସମର ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଓ ୩୧୨୦ ଟଙ୍କାରେ ସଂଗ୍ରହ କରିଛନ୍ତି। କିନ୍ତୁ ଏବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଥିବାରୁ ସରକାର ଯଦି ୮୦୦ ଟଙ୍କା ବୋନସ ନିଷ୍ପତ୍ତିରେ ସ୍ଥିର ରହିବେ ତେବେ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ମୂଲ୍ୟ ୩୧୬୯ ଟଙ୍କା ଓ ଏ ଗ୍ରେଡ ଧାନ ମୂଲ୍ୟ ୩୧୮୯ ଟଙ୍କା ଚାଷୀଙ୍କୁ ଦେବାକୁ ପଡ଼ିବ। କିନ୍ତୁ ସରକାର ଏନେଇ କୌଣସି ସ୍ପଷ୍ଟ ନିଷ୍ପତ୍ତି ଗ୍ରହଣ କରିନାହାନ୍ତି। ଯେତେଦୂର ମନେ ହୁଏ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ଠୋସ ନିଷ୍ପତ୍ତି ଗ୍ରହଣକୁ ସରକାର ଏଡ଼ାଇ ଯାଇଛନ୍ତି। ସରକାର ଯଦି ଧାନର ବର୍ଦ୍ଧିତ ମୂଲ୍ୟ ସହ ୮୦୦ ଟଙ୍କା ବୋନସ ଦେବାର ଅଛି ତାହାକୁ ବିଧିବଦ୍ଧ ଭାବେ ଘୋଷଣା କରି ନିର୍ବାଚନ ଫାଇଦା ହାସଲ କରିପାରିଥା'ନ୍ତେ। ଏଥିରେ ମଧ୍ୟ ଆଦର୍ଶ ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ ହେବାର ଆଶଙ୍କା ଊଣା। କାରଣ ଏହା କେନ୍ଦ୍ର ସରକାରଙ୍କ ଜୁନ ମାସର ନିଷ୍ପତ୍ତି। ଯେତେଦୂର ମନେ ହୁଏ ସରକାର ଏ ସଂପର୍କରେ ବିଧିବଦ୍ଧ ବିଜ୍ଞପ୍ତି ଜାରି ନ କରି ଗଣମାଧ୍ୟମ ସହାୟତାରେ ନିଜର ପ୍ରଚାର କରିଛନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ହସ୍ତଗତ ହୋଇଥିବା ତଥ୍ୟ କୁହେ ଯେ ରାଜ୍ୟ ସରକାର ଧାନର ବର୍ଦ୍ଧିତ ମୂଲ୍ୟ ସେହି ୮୦୦ ଟଙ୍କା ବୋନସ୍‌ରୁ କାଟି ଚାଷୀଙ୍କୁ ଦେବେ। କହିବାକୁ ଗଲେ ଦୁଇ କିସମ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ଅପରିବର୍ତ୍ତିତ ରହିବ।

ରାଜ୍ୟ ସରକାରଙ୍କ ପାଇଁ ବାଳକା ଚାଉଳ ଏବେ ବୋଝ ହୋଇ ରହିଛି। ଭାରତୀୟ ଖାଦ୍ୟ ନିଗମ ଚାଉଳ ଉଠାଇବାକୁ ଅରାଜି ହେଉଥିବାରୁ ଏବଂ ପର୍ଯ୍ୟାପ୍ତ ଭଣ୍ଡାରଣ ସୁବିଧା ନଥିବାରୁ ବଳକା ଚାଉଳ ସରକାର ନେବେ କୁଆଡ଼େ? ଏବେ ରାଜ୍ୟରେ ୧୩ ଲକ୍ଷ ଟନ୍ ଚାଉଳ ବଳକା ରହି ଥିବା ବେଳେ ପୂର୍ବବର୍ଷ ଭଳି ଏଥର ମଧ୍ୟ ସରକାରଙ୍କ ପାଇଁ ୯୩ ଲକ୍ଷ ଟନ ଧାନ ସଂଗ୍ରହ କରିବାର ବାଧ୍ୟବାଧକତା ରହିଛି। ଏହା ଉପରେ ପୁଣି ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ଇନ୍‌ପୁଟ୍ ସହାୟତା ରାଜ୍ୟ ସରକାରଙ୍କ ପାଇଁ ବୋଝ ହୋଇଥିବ। ବୋଧହୁଏ ଏହି ଗୁମରକୁ ଲୁଚାଇବା ପାଇଁ କ୍ରୟମୂଲ୍ୟକୁ ଅସ୍ପଷ୍ଟ ରଖାଯାଇଛି। ଗୁମର କେବେ ଖୋଲିବ ତାହାକୁ ଅପେକ୍ଷା! ●

## ଅର୍ଥନୈତିକ ବିକାଶ ଓ ସୁସ୍ଥ ଜୀବନକାଳ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ବିଗତ ବିଂଶ ଶତାବ୍ଦୀରେ ଘଟିଯାଇଛି ଦୁଇଟି ବିଶ୍ୱଯୁଦ୍ଧ। ବ୍ୟାପିଛି ଅନେକ ମହାମାରୀ। ଏହାସତ୍ତ୍ୱେ ମଣିଷର ପ୍ରତ୍ୟାଶିତ ଜୀବନକାଳ ବୃଦ୍ଧି ପାଇଛି ପୃଥିବୀର ସର୍ବତ୍ର। ଏହା ସମ୍ଭବ ହୋଇପାରିଛି ଜୀବନଯାପନ ପ୍ରଣାଳୀରେ ଉନ୍ନତି ଏବଂ ରୋଗ ନିବାରଣ, ରୋଗ ନିର୍ଣ୍ଣୟ ଓ ରୋଗ ଚିକିତ୍ସାରେ ଉନ୍ନତି ଯୋଗୁଁ। ଉପଲବ୍ଧ ହେଲା ବିଶୁଦ୍ଧ ଜଳ। ଉନ୍ନତ ହେଲା ପରିମଳ ବ୍ୟବସ୍ଥା। ଖାଦ୍ୟାଭାବ ଆଉ ଉତ୍କଟ ରୂପ ଧାରଣ କଲାନି। ବୃଦ୍ଧି ପାଇଲା ଶିକ୍ଷାର ପ୍ରସାର। ଜନସାଧାରଣଙ୍କ ଆୟ ବଢ଼ିଲା। ବୃତ୍ତିଗତ ଜୀବନ ହୋଇପାରିଲା ଅଧିକ ନିରାପଦ। ସମାଜରେ ମହିଳାମାନଙ୍କ ସ୍ଥିତିରେ ଉନ୍ନତି ସଂଘଟିତ ହେଲା। ବିଶେଷ କରି ଶିକ୍ଷାଗତ ଓ ଅର୍ଥନୈତିକ ବିକାଶ ହିଁ ସବୁ ସାମ୍ମୁଖ୍ୟରେ ପ୍ରଗତିକୁ ତ୍ୱରାନ୍ୱିତ କରିଦେଲା। ଏହା ମଧ୍ୟ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶରେ ତ୍ୱରକର ଭୂମିକା ନିର୍ବାହ କଲା।

ସେହି ଏକାସମୟରେ ଏସିଆ, ଆଫ୍ରିକା ଓ ଆମେରିକାର ଅଧିକାଂଶ ଅଧିବାସୀ ଔପନିବେଶିକ ଶାସନରୁ ମୁକ୍ତ ହୋଇ ଜୀବନରେ ପ୍ରଥମ ଥର ପାଇଁ ଚାଖିଲେ ସ୍ୱାଧୀନତାର ସ୍ୱାଦ। ସେମାନେ ସ୍ଥିର କଲେ ସେମାନଙ୍କ ପ୍ରଗତିର ଧାରା। ବହୁରୋଗ ନିବାରିତ ହୋଇଗଲା, ବହୁ ଜୀବନ ରକ୍ଷା ପାଇଗଲା। ଫଳରେ ବୃଦ୍ଧି ପାଇଚାଲିଲା ଆୟୁକାଳ। ମାତ୍ର ବହୁ ବ୍ୟାଧି ମଧ୍ୟ ଛାଡ଼ି ଦେଇଗଲା ତା'ର ପାଦଚିହ୍ନ। ତଥାକଥିତ ଆରୋଗ୍ୟ ବ୍ୟକ୍ତିଠାରେ ପରେ ପରିଲକ୍ଷିତ ହେଲା ଅସୁସ୍ଥତା ଜନିତ ଶାରୀରିକ ଅସାମର୍ଥ୍ୟ। ସେ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ରହିପାରିଲାନି। ଅବନତି ଘଟିଲା ତା'ର ଜୀବନ ନିର୍ବାହର ମାନରେ। ଫଳରେ ସେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇ ବଞ୍ଚିବା ପାଇଁ ବାଧ୍ୟ ହେଲା। ଏହି ଦୀର୍ଘକାଳୀନ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ କରିଦେଲା ପରିବାରର ଆର୍ଥିକ ସ୍ଥିତିକୁ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସଂଘଟିତ ହେଲା ଅସାଧାରଣ ପ୍ରଗତି। ହ୍ରାସ ପ୍ରାଇଲା ସଂକ୍ରାମକ ରୋଗଗୁଡ଼ିକର ହାର। କିନ୍ତୁ ଖାଦ୍ୟାଭାବ ଜନିତ ରୋଗ ଏବଂ ମାତୃ ଓ ଶିଶୁସ୍ୱାସ୍ଥ୍ୟରେ ସମାନୁପାତିକ ଉନ୍ନତି ପରିଲକ୍ଷିତ ହୋଇ ନପାରିବା କାରଣରୁ ଅସୁସ୍ଥତା, ଶାରୀରିକ ଅସାମର୍ଥ୍ୟ ଏବଂ ମୃତ୍ୟୁହାର ଆଶାନୁରୂପ ଭାବରେ ହ୍ରାସ ପାଇଲାନି। ବରଂ ରାଜୁତି ଚଳେଇବା ଆରମ୍ଭ କରିଦେଲା ହୃଦ୍‌ଘାତ, ମସ୍ତିଷ୍କାଘାତ, ମଧୁମେହ, ଦୀର୍ଘକାଳୀନ ଶ୍ୱାସତନ୍ତ୍ରୀ ରୋଗ, କର୍କଟ, ଯକୃତ ଓ ବୃକ୍କ ରୋଗ, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଚକ୍ଷୁ-ନାସା-କର୍ଣ୍ଣ ଆଦିର ରୋଗମାନ। ବିଂଶ ଶତାବ୍ଦୀର ଶେଷ ଆଡ଼କୁ ଉଭା ହେଲା ପୃଥୁଳତା ବା ଓବେସିଟି। ପୃଥିବୀର ବହୁ ରାଷ୍ଟ୍ରରେ ଏହି ପୃଥୁଳତା ବଡ଼ ଆତଙ୍କଜନକ ଭାବରେ ବୃଦ୍ଧି ପାଇବା ଆରମ୍ଭ ହୋଇଗଲା।

ଏହିସବୁ ରୋଗର ଅଧିକାଂଶକୁ କୁହାଗଲା ଜୀବନଶୈଳୀ ରୋଗ ବା ଲାଇଫ୍ ଷ୍ଟାଇଲ ଡିଜିଜେସ୍। ମୁଖ୍ୟତଃ ଆର୍ଥିକ ଲାଭକୁ ଦୃଷ୍ଟିରେ ରଖି ବ୍ୟବସାୟୀ ଗୋଷ୍ଠୀ ଏହାକୁ ଜନସାଧାରଣଙ୍କ ଉପରେ ଲଦି ଦେଲେ ଏବଂ ଜନସାଧାରଣ ଏହାକୁ ବିନାଦ୍ୱିଧାରେ ଗ୍ରହଣ କରିନେଲେ। ତମାଖୁଜାତୀୟ ପ୍ରଦାର୍ଥ, ଅତିପ୍ରକ୍ରିୟାକୃତ ଖାଦ୍ୟଦ୍ରବ୍ୟ, ଅଧିକ ଶର୍କରା ପଡ଼ିଥିବା ଖାଦ୍ୟ ଓ ପାନୀୟ, ମଦ୍ୟ, ମାଦକ ଦ୍ରବ୍ୟ ଇତ୍ୟାଦିର ବ୍ୟବହାର ବିପର୍ଯ୍ୟସ୍ତ କରିଦେଲା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ। ଆକର୍ଷଣୀୟ ବିଜ୍ଞାପନଗୁଡ଼ିକ ଦ୍ୱାରା ପ୍ରଲୁବ୍ଧ ହୋଇ ଜନସାଧାରଣ ଏଗୁଡ଼ିକରେ ଜାଲରେ ପଡ଼ିଗଲେ ଏବଂ ବିପତ୍ତିକୁ ଆମନ୍ତ୍ରଣ କରିବସିଲେ ନିଜ ଉପରକୁ। ତା'ସାଙ୍ଗକୁ ବୃଦ୍ଧିପାଇଲା ଯାନବାହନର ସଂଖ୍ୟା। ଘରେ ଘରେ ଶୋଭାପାଇଲା ଟେଲିଭିଜନ। ଇଣ୍ଟରନେଣ୍ଟ ହୋଇପଡ଼ିଲା ହାତବାରିସୀ। ଫଳରେ ଜନସାଧାରଣ ଶାରୀରିକ ଶ୍ରମରୁ ଏକ ରକମର ମୁକ୍ତ ପାଇ ଉପଭୋଗ କରିଚାଲିଲେ ଶ୍ରମବିହୀନ ଜୀବନ। ଡିଜିଟାଲ ଦୁନିଆ ସହ ଜନସାଧାଣଙ୍କ ସଂପୃକ୍ତି ବୃଦ୍ଧି ପାଇଚାଲିବାରୁ ସେମାନେ ଆବେଗିକ ସଂପର୍କ ସ୍ଥାପନରୁ ବିଚ୍ଛିନ୍ନ ହୋଇପଡ଼ିଲେ। ଏପରି ପ୍ରବଣତା ବେଶୀ ବୃଦ୍ଧି ପାଇଛି ମୁଖ୍ୟତଃ ଯୁବଗୋଷ୍ଠୀ ଭିତରେ। ଅଧିକାଂଶ ରାଷ୍ଟ୍ରରେ ସଡ଼କ ଦୁର୍ଘଟଣା ଏକ ପ୍ରଧାନ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଆଶାତୀତ ଭାବରେ ବୃଦ୍ଧି ପାଇ ଚାଲିଛି ହତ୍ୟା ଓ ଆତ୍ମହତ୍ୟା ହାର। ସବୁଠାରେ ଲୋକେ ଏବେ ବାୟୁ ପ୍ରଦୂଷଣରେ ଅତିଷ୍ଠ। ନୂଆ ନୂଆ ବ୍ୟାଧିମାନଙ୍କୁ ଜନ୍ମ ଦେଇଚାଲିଛି ଜଳବାୟୁ ପରିବର୍ତ୍ତନ ଏବଂ ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଆହ୍ୱାନ ରୂପେ ଉଭା ହୋଇପଡ଼ିଲାଣି।

ଏକବିଂଶ ଶତାବ୍ଦୀରେ ସଭ୍ୟତାର ଏହି ବିକୃତ ପ୍ରଗତି ଫଳରେ ପ୍ରତ୍ୟାଶିତ ଆୟୁକାଳ ବା ଜୀବନକାଳ ବୃଦ୍ଧି ପାଇଛି ସିନା, କିନ୍ତୁ ପଛେଇ ଯାଇଛି ସୁସ୍ଥ ପ୍ରତ୍ୟାଶିତ ଆୟୁକାଳ ବା ସୁଦୀର୍ଘ ସୁସ୍ଥ ଆୟୁକାଳ। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଆନୁକୂଲ୍ୟରେ ୧୯୫ଟି ରାଷ୍ଟ୍ରରେ କରାଯାଇଥିବା ଏକ ଅନୁଧ୍ୟାନରୁ ପ୍ରକାଶ ଯେ ୨୦୦୦ ରୁ ୨୦୧୯ ମସିହା ଭିତରେ ପ୍ରତ୍ୟାଶିତ ଆୟୁକାଳ ଏବଂ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିଲା ୯.୬ ବର୍ଷର ବ୍ୟବଧାନ। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ଏହି ବ୍ୟବଧାନ ଥିଲା ୨.୪ ବର୍ଷ ଅଧିକ। ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ସର୍ବାଧିକ ବ୍ୟବଧାନ ପରିଲକ୍ଷିତ ହୋଇଥିଲା ଯୁକ୍ତରାଷ୍ଟ୍ର ଆମେରିକାରେ (୧୨.୪ ବର୍ଷ) ଏବଂ ୟୁକେରେ (୧୧.୩ ବର୍ଷ)। ଅର୍ଥନୈତିକ ପ୍ରଗତି କାରଣରୁ ଏହି ରାଷ୍ଟ୍ର ଦୁଇଟିରେ ପ୍ରତ୍ୟାଶିତ ଆୟୁକାଳ ବୃଦ୍ଧି ପାଇଥିବା ବେଳେ ସେହି ବର୍ଦ୍ଧିତ ଆୟୁକାଳରେ କିନ୍ତୁ ସେମାନେ ସୁସ୍ଥ ଜୀବନ ଉପଭୋଗ କରିପାରି ନଥିଲେ। ଅନ୍ୟପକ୍ଷରେ ଅବିକଶିତ ଦେଶଗୁଡ଼ିକରେ ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ବ୍ୟବଧାନ ଥିଲା ଊଣା। ତେଣୁ ସେହିସବୁ ରାଷ୍ଟ୍ରରେ ଉଭୟ ପରିମାପକରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି।

୨୦୦୦-୨୦୧୯ ମସିହାରେ ଭାରତରେ ପ୍ରତ୍ୟାଶିତ ଆୟୁକାଳ ବର୍ଷକୁ ୦.୪୩ ହାରରେ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ବୃଦ୍ଧି ପାଇଥିଲା ବର୍ଷକୁ ୦.୩୭ ହାରରେ। ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳର ବ୍ୟବଧାନ ବୃଦ୍ଧି କରିବାରେ ଏହା ହିଁ ଥିଲା କାରଣ। ଭାରତରେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ୨୦୨୨ ମସିହାରେ ମୋଟାମୋଟି ଭାବେ ପ୍ରତ୍ୟାଶିତ ଆୟୁକାଳଠାରୁ ଥିଲା ଗୋଟିଏ ଦଶକ ପଛରେ। ଏହି ବ୍ୟବଧାନ ମୋଟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ୧୦.୪୯ ବର୍ଷ ଥିବା ବେଳେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ଥିଲା ୯.୨୨ ବର୍ଷ ଓ ମହିଳାମାନଙ୍କ କ୍ଷେତ୍ରରେ ୧୧.୭୭ ବର୍ଷ। ୨୦୨୭ ମସିହା ସୁଦ୍ଧା ଭାରତରେ ବିକାଶର ସ୍ତରକୁ ଆହୁରି ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରହିଛି। ସୁତରାଂ ଆମ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟର ପ୍ରୋତ୍ସାହନ ଓ ସୁରକ୍ଷା ପାଇଁ ଆହୁରି ଅଗ୍ରାଧିକାର ଦେବାକୁ ପଡ଼ିବ। ଏହା ସାକାର ହୋଇ ନ ପାରିଲେ ଭାରତର ଅଧିକତର ବିକାଶ ଫଳବତୀ ହୋଇପାରିବନି କି ଅର୍ଥନୈତିକ ଅତି ଶକ୍ତିଶାଳୀ ରାଷ୍ଟ୍ର ହେବାର ଆକାଂକ୍ଷା ପୂରଣ ହୋଇପାରିବନି। ଭାରତର ବିପୁଳ ଯୁବଶକ୍ତିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିପାରିଲେ ହିଁ ଏହି ଲକ୍ଷ୍ୟ ହାସଲ ସମ୍ଭବ।

ଭାରତୀୟମାନଙ୍କ ସ୍ୱାସ୍ଥ୍ୟକୁ ବିପନ୍ନ କରିବାରେ ଅସ୍ୱାସ୍ଥ୍ୟକର ଖାଦ୍ୟ ହିଁ ପ୍ରଧାନତଃ ଦାୟୀ। ତେଣୁ ଯୋଜନା ପ୍ରଣୟନ ସମୟରେ ଏଥିପ୍ରତି ସମୁଚିତ ଧ୍ୟାନ ଦେବା ବାଞ୍ଛନୀୟ। ସଂପ୍ରତି ଭାରତର ଲୋକସଂଖ୍ୟା ପୃଥିବୀରେ ସର୍ବାଧିକ। ଏମାନଙ୍କ ଏକ ବିରାଟ ଅଂଶ ସେମାନଙ୍କ ଜୀବନର ବହୁବର୍ଷ ନିମ୍ନ ଧରଣର ସ୍ୱାସ୍ଥ୍ୟ ଓ ନିମ୍ନମାତ୍ରାର କର୍ମଦକ୍ଷତା ମଧ୍ୟରେ ଅତିବାହିତ କରିବା ଦେଶର ପ୍ରଗତି ପାଇଁ ଆଦୌ ଅନୁକୂଳ ନୁହେଁ। ତେଣୁ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ବ୍ୟାଧି ଓ ଶାରୀରିକ ଅସାମର୍ଥ୍ୟର ବୋଝରୁ ମୁକ୍ତ ରହିବା ନିମିତ୍ତ ନିରନ୍ତର ଭାବେ ସ୍ୱାସ୍ଥ୍ୟର ସୁରକ୍ଷା ଆୟୁକାଳ ଏବଂ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନର ଅନେକାଂଶ ଜାତ ହୋଇଥାଏ ଜୀବନକାଳର ଶେଷ ଦୁଇ ଦଶକରେ। କିନ୍ତୁ ସ୍ୱାସ୍ଥ୍ୟର ଅବକ୍ଷୟ ପ୍ରକ୍ରିୟା ଆରମ୍ଭ ହୋଇଯାଏ କମ ବୟସରୁ। ବୟସ୍କମାନଙ୍କଠାରେ ହୃଦଧମନୀ ରୋଗ ଓ ମଧୁମେହରେ ସଂଘଟିତ ହେଉଥିବା ବିକୃତ ଶାରୀରିକ ପ୍ରକ୍ରିୟା ଆଦ୍ୟ ଜୀବନର ଖାଦ୍ୟାଭ୍ୟାସ ଉପରେ ବହୁଳାଂଶରେ ନିର୍ଭରଶୀଳ।

ତେଣୁ ପରିଣତ ବୟସରେ ବ୍ୟାଧିଭାରକୁ ହ୍ରାସ କରିବା ନିମିତ୍ତ ପ୍ରୟାସ ଆରମ୍ଭ କରିବା ପାଇଁ ପଡ଼ିବ ବୟସର ବହୁପୂର୍ବରୁ ଏବଂ ଏହି ପ୍ରୟାସକୁ ଅବ୍ୟାହତ ରଖିବା ପାଇଁ ପଡ଼ିବ ଜୀବନସାରା। ଜନ ସାଧାରଣଙ୍କଠାରେ ଅନୁକୂଳତମ ସ୍ୱାସ୍ଥ୍ୟକୁ ନିଶ୍ଚିତ କରିବା ନିମିତ୍ତ ସେହି ଅନୁଯାୟୀ ପ୍ରସ୍ତୁତ କରିବାକୁ ପଡ଼ିବ ସ୍ୱାସ୍ଥ୍ୟନୀତି ତଥା ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ବ୍ୟବସ୍ଥା। ଏହାକୁ ସୁଚାରୁଭାବେ ରୂପାୟିତ କରିପାରିଲେ ହିଁ ଆମେ ଆୟୁକାଳ ଓ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନକୁ ସଂକୁଚିତ କରିବାରେ ସଫଳ ହୋଇପାରିବା। ●

କଟକ ମୋ: ୯୪୩୭୭୬୬୧୧୭

## ଗଣିତ-ତର୍କର ସଙ୍ଗୀତ

ପୁଣ୍ୟବିନୟ ଦାସ

କିଏ କହେ ଜୀବନ ଏକ ଧୂପକାଠି, ତା'କୁ ସୁଗନ୍ଧିତ କର। କିଏ କହେ ଜୀବନ ଏକ ନାଟକ, ସେଥିରେ ଅଭିନୟ କର। ଆଉ କିଏ କହେ ଜୀବନ ଏକ ଖେଳ, ତା'କୁ ଖେଳ। କିନ୍ତୁ ଜୀବନ ଏକ ଗଣିତ-ତର୍କର ସଙ୍ଗୀତ। ବିନା ଗଣିତରେ ଜୀବନ ନାହିଁ। ବିନା ତର୍କରେ ଜୀବନରେ ସିଦ୍ଧି ନାହିଁ। ଆଉ ସାଙ୍ଗିତିକତା ଜୀବନର ପୁଞ୍ଜି ବା ମୂଳଧନ। ଗାଣିତିକ ନିୟମରେ ସୂର୍ଯ୍ୟ, ଚନ୍ଦ୍ର ଉଦୟ-ଅସ୍ତ ହେବା ପରି ଜୀବନ ଗତିଶୀଳ ହୁଏ। ମଣିଷର ନିତ୍ୟନୈମିତିକ କାର୍ଯ୍ୟଧାରା ଗାଣିତିକ ସୂତ୍ର ଉପରେ ହିଁ ପର୍ଯ୍ୟବସିତ।

ସେହିପରି ତର୍କର ବି ଜୀବନରେ ବହୁଳ ଆବଶ୍ୟକତା ରହିଛି। ବିନା ତର୍କରେ ସିଦ୍ଧି ନାହିଁ। ତର୍କସିଦ୍ଧ ଜୀବନ ହିଁ ଏକ ଶୃଙ୍ଖଳିତ ଜୀବନ। ତର୍କର ପରିଭାଷା ଭିନ୍ନ ଭିନ୍ନ ହୋଇପାରେ। କିନ୍ତୁ ତର୍କ ଆଧାରିତ ଜୀବନ ହେଲେ ମଣିଷ ବୁଦ୍ଧିଦୀପ୍ତ, ଶୃଙ୍ଖଳିତ, ସିଦ୍ଧି ପ୍ରାପ୍ତ ହୋଇପାରେ। ତର୍କରୁ ଦର୍ଶନର ଜନ୍ମ। ଏହି ତର୍କ କରି ମଣିଷ ବିଭିନ୍ନ ଆବିଷ୍କାର ଓ ଉଦଭାବନ କରିପାରିଛି; ସାରା ଦୁନିଆ ସମ୍ପର୍କରେ ଅବଗତ ହୋଇପାରିଛି। ସମଗ୍ର ଜୀବନ ତର୍କସିଦ୍ଧ ଏକ ଗାଣିତିକ ସଙ୍ଗୀତ। ମନ, ବୁଦ୍ଧି, ବିବେକକୁ ନେଇ ଆମେ ପରିଚାଳିତ। ମଣିଷର ମନ ଗଣିତ କରେ। ଭୁଲ ଠିକ ହିସାବ କରେ। ବିଭିନ୍ନ ପ୍ରକାର ସୂତ୍ରକୁ ନେଇ ଗତିଶୀଳ ହୁଏ। ନାନାଦି ପ୍ରୟୋଗ ଜରିଆରେ ଜୀବନକୁ ଗାଣିତିକ ଉପାୟରେ ପରୀକ୍ଷା ନିରୀକ୍ଷା କରେ।

ଗଣିତ ଭିତରେ ତର୍କ ଲୁଚି ରହିଛି। ସେହି ଗାଣିତିକ ସୂତ୍ର ଅନୁସାରେ ଜୀବନରୂପୀ ଗଣିତ ନିଷ୍କର୍ଷରେ ପହଞ୍ଚେ। ଆଉ ଏହି ନିଷ୍କର୍ଷକୁ ନେଇ ମଣିଷ ସଙ୍ଗୀତକୁ ଖୋଜେ। ଖୋଜି ଖୋଜି ଶେଷରେ ସାଙ୍ଗିତିକତା ସିଦ୍ଧାନ୍ତରେ ଉପନୀତ ହୁଏ। ରଙ୍ଗ ରୂପ ରସରେ ଜୀବନକୁ ସଙ୍ଖୋଳେ। ସଙ୍ଗୀତର ମୂର୍ଚ୍ଛନାରେ ଜୀବନକୁ ଉପଭୋଗ କରେ। ନିଜକୁ ଆବିଷ୍କାର କରିବାକୁ ଉଦ୍ୟତ ହୁଏ। ଖୋଜି ଖୋଜି ସେହି ବ୍ରହ୍ମ ସ୍ୱରୂପ ଜୀବନୀ ସତ୍ତାକୁ ଆବିଷ୍କାର କରେ। ନିର୍ଗୁଣ ନିରାକାର ପରଂବ୍ରହ୍ମଙ୍କ ସାକ୍ଷାତରେ ତା'ର ଚକ୍ଷୁ ଉନ୍ମୀଳନ ହୁଏ। ଗଣିତ-ତର୍କର ସଙ୍ଗୀତରେ ଅଭିମନ୍ତ୍ରିତ ଜୀବନଧାରା ପରଂବ୍ରହ୍ମଙ୍କ ସାକ୍ଷାତରେ ସଞ୍ଜୀବନୀ ପାଏ। ଚିଦାନନ୍ଦ ରୂପୀ ସେହି ଶିବଙ୍କ ସାକ୍ଷାତ କରି ଆତ୍ମଦର୍ଶନ କରେ। ଶିବୋହମର ଭାବଧାରାରେ ନିଜର ସାଙ୍ଗିତିକ ଜ୍ୟାମିତିକୁ ସଜାଡ଼େ। ସେ ଭୋଜନ କିମ୍ବା ଭୋକ୍ତା ନୁହେଁ ବୋଲି ହୃଦବୋଧ କରେ। ପୁଣ୍ୟ କିମ୍ବା ପାପ ବି ସେ ନୁହେଁ। ମନ୍ତ୍ର ତୀର୍ଥ କିମ୍ବା ବେଦ କିମ୍ବା ଯଜ୍ଞ ବି ସେ ନୁହେଁ। ମୃତ୍ୟୁ କିମ୍ବା ଶଙ୍କା କିମ୍ବା ଜାତିଭେଦ କିମ୍ବା ପିତା କିମ୍ବା ମାତା କିମ୍ବା ମିତ୍ର କିମ୍ବା ଗୁରୁ କିମ୍ବା ଶିଷ୍ୟ ବି ସେ ନୁହେଁ। ବରଂ ଚିଦାନନ୍ଦ ରୂପୀ ସ୍ୱୟଂ ଶିବ ସ୍ୱରୂପ।

କଲ୍ମଷ ପଙ୍କ ଭିତରେ ରହି ପଦ୍ମ ଯେପରି କୋଟି ଲାବଣ୍ୟନିଧିର ଅଧିକାରୀ ହୋଇଥାଏ, ସେହିପରି ମଣିଷ ପଙ୍କିଳ ସଂସାର ଭିତରେ ରହି ସେହି ଗଣିତ-ତର୍କର ଦୌଡ଼ରେ ନିଜକୁ ହଜାଇ ମଜାଇ ସଙ୍ଗୀତରେ ପାଖୁଡ଼ା ମେଲାଇବା ପରି ଜୀବନକୁ ସଂଚାରିତ କରେ। ଫଳରେ ସସାଗରାଧରା ସେହି ଅଦେଖା ସଂଚରଣ ଭିତରେ ଜୀବନକୁ ସାଉଁଟେ। ଜୀବନସାରା ଦୌଡ଼େ। ଅର୍ଥ ଓ କ୍ଷମତାର ଲୋଭରେ ମଣିଷ ମୋହାବିଷ୍ଟ ହୁଏ। ପଥ ଅପଥ ବିପଥରେ ପଡ଼େ। ମନ ବିମନ କୁମନରେ ପଡ଼ି ସୁମନାଶ୍ରିତ ହୁଏ। ହାନି ଲାଭର ଗୋଲକଧନ୍ଦାରେ ସଙ୍ଗୀତ ଭିତରେ ଆନନ୍ଦ ଖୋଜେ। ଆଉ ସେହି ସଙ୍ଗୀତ ଭିତରେ ଜୀବନ ଜିନ୍ଦାବାଦର ସ୍ୱର ଗୁଣୁଗୁଣାଏ।

ବିନା ସଙ୍ଗୀତରେ ଜୀବନ ନାହିଁ। ବିନା ଗଣିତରେ ତର୍କ ନାହିଁ। ତେଣୁ ଉଭୟ ଗଣିତ ଓ ତର୍କକୁ ନେଇ ସଙ୍ଗୀତର ତାଳେ ତାଳେ ଜୀବନକୁ ଗତିଶୀଳ କରାଇଲେ ସମଗ୍ର ଜୀବନ ଧାରା ନାଚି ଉଠେ। ତାଳ, ଲୟ, ମଣିଷ ସଙ୍ଗୀତ ଗାନ କରେ। କୋମଳ, ଗାନ୍ଧାର, ଭୈରବ ସ୍ୱରରେ ଜୀବନର ତନ୍ତ୍ରୀକୁ ଅଭିମନ୍ତ୍ରିତ କରେ। ଜୀବନର ସଂଜ୍ଞା ଓ ସ୍ୱରୂପ ବୁଝିଗଲେ ମଣିଷ ସଙ୍ଗୀତ ମାଧ୍ୟମରେ ଆତ୍ମଉପଲବ୍ଧି କରିଥାଏ। ସମଗ୍ର ଜୀବନ ଏକ ସଙ୍ଗୀତ ହେଲେ ଏହା ଗଣିତ ଓ ତର୍କ ସିଦ୍ଧ ହେବା ଆବଶ୍ୟକ। କାରଣ ବିନା ଗଣିତରେ ସଙ୍ଗୀତର ସ୍ୱର କିମ୍ବା ତାଳ କିମ୍ବା ଲୟ ସ୍ଥିର ହୋଇନଥାଏ।

ସଙ୍ଗୀତର ବିଭିନ୍ନ ପର୍ଯ୍ୟାୟ ଅନୁରୂପ ଜୀବନ ଗତିଶୀଳ ହେଉଥିବାରୁ ମଣିଷ ସଫଳ ଜୀବନ ଜୀଇଁବାକୁ ଏଥିରେ ହିଁ ସଞ୍ଜୀବନୀ ଖୋଜିବା ଆବଶ୍ୟକ। ତା'ରି ଭିତରେ କିଛି ମୂର୍ଚ୍ଛନା ଦରକାର। ଭକ୍ତି, ପ୍ରେମ, କର୍ମ ପରି ବିଭିନ୍ନ ପର୍ଯ୍ୟାୟରେ ଗତି କରି ମଣିଷ ଗଣିତ-ତର୍କର ସଙ୍ଗୀତ ଗାନ କଲେ ଜୀବନ ମଧୁମୟ ହୋଇପାରିବ। ସାରା ଜୀବନ ସାଙ୍ଗିତିକତାରେ ଭରିଯିବ।

ବେସୁରା ଜୀବନ ଜୀବନ ନୁହେଁ। ସ୍ୱରାବିଷ୍ଟ ହେଲେ ଏହା ଶ୍ରୁତିମଧୁର ହୁଏ। ପଲ୍ଲବିତ ହୁଏ। ସାକାର ହୁଏ। ସାର୍ଥକ ହୁଏ। ତେଣୁ ସେହି ଚିଦାନନ୍ଦରୂପୀ ଶିବ ସ୍ୱରୂପୀ ଆତ୍ମା ଦର୍ଶନ କରିବାକୁ ଯେଉଁ ଗଣିତ-ତର୍କ ଦରକାର ତାକୁ ଆୟତ୍ତ କରିବା ଆବଶ୍ୟକ। ଏଥିଲାଗି ସାଧନା ଦରକାର। ପ୍ରକୃତିର ନିୟମ ଯେପରି ଗଣିତ-ତର୍କ ସିଦ୍ଧାନ୍ତରେ ପର୍ଯ୍ୟବସିତ ସେହି ସାଙ୍ଗିତିକ ନିୟମାନୁସାରେ ମଣିଷ ଜୀବନ ଗତିଶୀଳ ହେଲେ ସଫଳ ହୁଏ। ଦୀର୍ଘସ୍ଥାୟୀ ଓ ଚିରଞ୍ଜୀବୀ ହୁଏ। ସୁଲଳିତ ହୁଏ। ସୁଶ୍ରାବ୍ୟ ହୁଏ। ମନୋରଞ୍ଜନ ସହ କର୍ମ ରଞ୍ଜନ ବି ହୋଇଥାଏ।

ଜନ୍ମରୁ ମୃତ୍ୟୁ ଗଣିତ-ତର୍କର ହିଁ ଏକ ସଙ୍ଗୀତ। କେତେବେଳେ ଗଣିତକୁ ନେଇ ହାନି-ଲାଭ ତ କେବେ ତର୍କକୁ ନେଇ ବାକ-ବିତର୍କ। କିନ୍ତୁ ଏହା ହିଁ ଜୀବନର ସାମ ସଙ୍ଗୀତ। ବିଭିନ୍ନ ଭାବରେ ଗତିଶୀଳ। କେତେବେଳେ ଉତଥିତ କେବେ ନିରବ କେବେ ତଳମୁଖୀ ତ କେବେ ସମାନ୍ତରାଳ। କେବେ ହାସ୍ୟ ତ କେବେ ବୀଭତ୍ସ ତ କେବେ କରୁଣ। ତାରି ଭିତରେ ଜୀବନର ସଙ୍ଗୀତ ଗାନ କରିବାକୁ ପଡ଼େ। ଗଣିତ-ତର୍କର ଜୀବନରେ ହିଁ ଆନନ୍ଦମୁଖୀ ହୁଏ ମଣିଷ। ●

କଟକ, ମୋ: ୯୯୩୮୬୧୧୦୫୩

## ପଦ୍ମପୁର: ପଦ୍ମସମ୍ଭବଙ୍କ ଜନ୍ମସ୍ଥଳ

ପ୍ରବୀର କୁମାର ପଟ୍ଟନାୟକ

ଦ୍ୱିତୀୟ-ବୁଦ୍ଧ କଥା



ତିବ୍ଦତୀୟ କିମ୍ବଦନ୍ତୀ ଦର୍ଶାଇଥାଏ ପ୍ରାଚୀନ ଉଡ୍ଡୀୟାନ ଅନ୍ତର୍ଗତ ସମ୍ଭଳ ରାଜ୍ୟର ଧନକୋଷ ନାମକ ହ୍ରଦରେ ଏକ ଫୁଟନ୍ତା ପଦ୍ମଫୁଲ ଉପରେ ଆଠ ବର୍ଷ ବୟସର ବାଳକ ଭାବେ ବସିଥିବା ଅବସ୍ଥାରେ ତାଙ୍କର ଆର୍ବିଭାବ ହୋଇଥିଲା। ପଦ୍ମ ଫୁଲ ଉପରେ ବସିଥିବା ବେଳେ ତାଙ୍କର ଆବିର୍ଭାବ ଯୋଗୁଁ ତାଙ୍କ ନାମ 'ପଦ୍ମସମ୍ଭବ' ହେଇଛି। ସମ୍ଭଳର ରାଜା ଇନ୍ଦ୍ରଭୂତିଙ୍କ ମନ୍ତ୍ରୀ ପ୍ରଥମେ ତାଙ୍କର ସନ୍ଧାନ ପାଇ ରାଜାଙ୍କୁ ଖବର କଲେ। ସେତେବେଳେ ନିଜ ପୁଅର ବିୟୋଗରେ ରାଜା ଅତ୍ୟନ୍ତ ଦୁଃଖ ଓ ମନସ୍ତାପରେ ଥିଲେ। ମନ୍ତ୍ରୀ ଏହି ବାଳକଟି ପାଖରେ ବହୁ ଶୁଭଲକ୍ଷଣ ଦେଖିଥିବାରୁ ରାଜା ଓ ପ୍ରଜାମାନେ ବହୁସଂଖ୍ୟାରେ ହ୍ରଦ କୂଳରେ ଏକାଠି ହୋଇ ବାଳକଟିକୁ ହ୍ରଦ ମଧ୍ୟରୁ ଉଦ୍ଧାର କରି ମହାସମାରୋହରେ ରାଜପ୍ରସାଦକୁ ନେଲେ।

ଏହି ପ୍ରାଚୀନ ସମ୍ଭଳ ବା ସମ୍ବଲକ ରାଜ୍ୟ ହେଉଛି ବର୍ତ୍ତମାନର ଅବିଭକ୍ତ ତଥା ବୃହତ୍ତର ସମ୍ବଲପୁର ଅଞ୍ଚଳ। ସମ୍ବଲପୁର ଜିଲ୍ଲାଟି ଏବେ ସମ୍ବଲପୁର, ଝାରସୁଗୁଡା, ବରଗଡ଼ ଓ ଦେବଗଡ଼ - ଏପରି ଚାରିଗୋଟି ଜିଲ୍ଲାରେ ବିଭକ୍ତ ହେଇଛି। ଏଥିମଧ୍ୟରୁ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲା ମହାନଦୀର ତଟବର୍ତ୍ତୀ ଅଞ୍ଚଳ। ସମ୍ବଲପୁର ସହର ମହାନଦୀ କୂଳରେ ହିଁ ଅବସ୍ଥିତ। ସମ୍ବଲପୁର ନିକଟରେ ମହାନଦୀରେ ହୀରାକୁଦ ନଦୀବନ୍ଧ ଯୋଗନା କରାଯାଇଛି ଏବଂ ଏହାର ଜଳଭଣ୍ଡାରକୁ ଲାଗି ତିନୋଟି ଯାକ ତଟବର୍ତ୍ତୀ ଜିଲ୍ଲାର ବହୁଅଞ୍ଚଳ ରହିଛି। ଆହୁରି ଅନେକ ଅଞ୍ଚଳ ଜଳଭଣ୍ଡାର ମଧ୍ୟରେ ବୁଡ଼ିଯାଇଛି।

ସ୍ଥାନୀୟ ପରମ୍ପରା ତଥା ଗବେଷଣା ମୁତାବକ ଖ୍ରୀ ୭୧୭ ରୁ ୭୨୨ ମଧ୍ୟରେ ଧନକୋଷ ହ୍ରଦରେ ପଦ୍ମସମ୍ଭବଙ୍କ ଆବିର୍ଭାବ ଘଟିଥିଲା। ଭୁବନେଶ୍ୱର ମହାବୋଧି ସୋସାଇଟି ସହ ସଂପର୍କିତ ଜଣେ ବୟୋଜ୍ୟେଷ୍ଠ ଗବେଷକ ଏହି ଆବିର୍ଭାବ ଖ୍ରୀ ୭୧୭ରେ ହୋଇଥିଲା ବୋଲି ଦର୍ଶାଇଛନ୍ତି। ଆବିର୍ଭାବ ବେଳକୁ ତାଙ୍କର ବୟସ ଆଠ ବର୍ଷ ହୋଇଥିଲା ଏବଂ ରାଜା ଇନ୍ଦ୍ରଭୂତି ତାଙ୍କଠାରୁ ତାଙ୍କ ପିତାମାତାଙ୍କ ନାମ ଆଦି ସଂଗ୍ରହ କରି ତାଙ୍କର ନିଜର ପ୍ରକୃତ ଜନ୍ମସ୍ଥାନକୁ ସେହି ମହାନଦୀ କୂଳରେ ସମ୍ଭଳ ରାଜପ୍ରସାଦ ରହିଥିବା ହୀରାକୁଦ ଅଞ୍ଚଳର ସ୍ଥାନଠାରୁ ମହାନଦୀର ଉପର ମୁଣ୍ଡରେ କିଛି ଦୂରରେ ଅବସ୍ଥିତ ପଦ୍ମପୁର ନଗରକୁ ଚିହ୍ନଟ କରିଥିଲେ। ଏହି ସ୍ଥାନଟି ଏବେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅଞ୍ଚଳରେ ଅବସ୍ଥିତ। ମାତ୍ର ଏହି ସ୍ଥାନ ସହ ସମ୍ବଲପୁର ପାଖକୁ ଧରି ଏକ ବୃହତ୍ ଅଞ୍ଚଳ ହୀରାକୁଦ ନଦୀବନ୍ଧର ଜଳଭଣ୍ଡାର ମଧ୍ୟରେ ବୁଡ଼ି ଯାଇଛି। ଏହି ସ୍ଥାନର ସମସ୍ତ ଲୋକ ଉଠି ଯାଇ ନିକଟସ୍ଥ ଛତିଶଗଡ଼ ଅଞ୍ଚଳରେ ତଥା ପାଖାପାଖି ଅଞ୍ଚଳରେ ବାସ କରୁଛନ୍ତି।

ରାଜା ଇନ୍ଦ୍ରଭୂତିଙ୍କ ଦ୍ୱାରା ପ୍ରତିଷ୍ଠିତ ବୌଦ୍ଧ ଦେବୀ ପଦ୍ମାସିନୀଙ୍କ ମନ୍ଦିର ପୁନରୁଦ୍ଧାର ହୋଇ ଏବେ ମଧ ସେହି ବୁଡ଼ିସ୍ଥାନରେ ରହିଯାଇଛି ଏବଂ ଗ୍ରୀଷ୍ମ ଋତୁରେ ଜଳସ୍ତର ତଳକୁ ଖସିଗଲେ ଏବେ ମଧ୍ୟ ସେହି ପ୍ରାଚୀନ ମନ୍ଦିର ଦୃଶ୍ୟମାନ ହେଉଛି। ମାତ୍ର ଦେବୀଙ୍କୁ ଲୋକମାନେ ଉଠାଇ ନେଇ ନୂଆ ବସବାସ କରୁଥିବା ସ୍ଥାନରେ ରଖି ପୂଜା କରୁଛନ୍ତି। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନବୀନଙ୍କ ହେଲିକପ୍ଟର ବିଳମ୍ବ ପ୍ରସଙ୍ଗ

# ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେଲା ବିଜେଡି



**ଭୁବନେଶ୍ୱର,୭।୧୧(ସମିସ):** ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ହେଲିକପ୍ଟରକୁ ବିମାନ ବନ୍ଦରରେ ଜାଣିଶୁଣି ତଥା ବିନା କାରଣରେ ବିଳମ୍ବ କରାଯିବା ଘଟଣାରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଶାସକ ବିଜେପିର ପ୍ରତ୍ୟକ୍ଷ ପ୍ରଭାବରେ ସରକାରୀ କଳକୁ ଅପବ୍ୟବହାର କରାଯାଇ ଜାଣିଶୁଣି ନବୀନଙ୍କ ହେଲିକପ୍ଟରକୁ ଅନୁମତି ଦିଆଯାଇ ନାହିଁ। ଯାହା ବିଜେଡି ଓ ଏହାର ନେତା ନବୀନ ପଟ୍ଟନାୟକଙ୍କଙ୍କ ମୁକ୍ତ ପ୍ରଚାର ଅଧିକାର ଉପରେ ରାଜନୈତିକ ଭେଦଭାବ ଏବଂ ପ୍ରତିବନ୍ଧକ ସୃଷ୍ଟି କରୁଛି। ତେଣୁ ଏନେଇ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡିର ପ୍ରତିନିଧି ଦଳ ଦାବି କରିଛି।

ପ୍ରତିନିଧି ମଣ୍ଡଳୀର ଅଭିଯୋଗ ଅନୁଯାୟୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୭ ତାରିଖରେ ନୂଆପଡ଼ାରେ ପୂର୍ବ ନିର୍ଦ୍ଧାରିତ ପ୍ରଚାର କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ

### ବିନା କାରଣରେ ଜାଣିଶୁଣି ବିଳମ୍ବ କରାଯାଇଛି

### ବିଳମ୍ବ ପଛରେ ଶାସକ ବିଜେପିର ହାତ ସନ୍ଦେହ

ବିମାନ ବନ୍ଦରରେ ଅଯଥା ଏବଂ ଜାଣିଶୁଣି ବିଳମ୍ବ କରିବା କାରଣରୁ ବାଧାପ୍ରାପ୍ତ ହୋଇଛି। ଏହି ଗସ୍ତ ପାଇଁ କାର୍ଯ୍ୟସୂଚୀ ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟ ଦ୍ୱାରା ଗତ ୫ ତାରିଖରେ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ପୁଲିସ ଡିଜି, ଏସପି(ସିକ୍ୟୁରିଟି) ବିମାନବନ୍ଦର ନିର୍ଦ୍ଦେଶକ ଏବଂ ଡ୍ୟୁଟି ଅଫିସର, ଏୟାର ଟ୍ରାଫିକ କଣ୍ଟ୍ରୋଲ ସମେତ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆଗୁଆ ସୂଚିତ କରାଯାଇଥିଲା। ତେବେ ଶାସକ ବିଜେପିର ପ୍ରତ୍ୟକ୍ଷ ପ୍ରଭାବରେ ସରକାରୀ ବ୍ୟବସ୍ଥାର ଅପବ୍ୟବହାର ଦ୍ୱାରା ଏହି ସୁଚିନ୍ତିତ ବିଳମ୍ବ ଆଦର୍ଶ ଆଚରଣ ବିଧିର ଏକ ଗୁରୁତର ଉଲ୍ଲଂଘନ ଅଟେ। ବିଶେଷକରି ବିମାନ ବନ୍ଦର ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ଭିତ୍ତିଭୂମି ଉପରେ ନିୟନ୍ତ୍ରଣ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ବିଜୁ ଜନତା ଦଳ ଓ ଏହାର ନେତା ନବୀନ ପଟ୍ଟନାୟକଙ୍କଙ୍କ ମୁକ୍ତ ପ୍ରଚାର ଅଧିକାର ଉପରେ ରାଜନୈତିକ ଭେଦଭାବ ଏବଂ ପ୍ରତିବନ୍ଧକ ସୃଷ୍ଟି କରୁଛି। ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ ଏହି ବ୍ୟାଘାତ କାରଣରୁ ବିଜୁ ଜନତା ଦଳ କ୍ଷତି ସହିବ। ପ୍ରଚାର ଅବଧି ଶୀଘ୍ର ସମାପ୍ତ ହେବାକୁ ଯାଉଥିବାରୁ ପ୍ରଚାର କାର୍ଯ୍ୟକ୍ରମ ପୁନଃଧାର୍ଯ୍ୟ କରିବା ଅସମ୍ଭବ ଅଟେ। ଏହା ଦଳର ନିର୍ବାଚନ ପ୍ରଚାରକୁ ସିଧାସଳଖ କ୍ଷତି ପହଞ୍ଚାଉଛି ବୋଲି ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଛି। ନୂଆପଡ଼ାରେ ସରକାରୀ କଳର ଅପବ୍ୟବହାର ନେଇ ବିଜେଡ଼ି ନେତା ଓ କର୍ମୀମାନେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଏନେଇ କୌଣସି ଫଳପ୍ରଦ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଶାସକ ଦଳର ନିର୍ଦ୍ଦେଶରେ ପ୍ରଶାସନିକ ସଂସ୍ଥାଗୁଡ଼ିକ ବିଜେଡ଼ିକୁ ଟାର୍ଗେଟ କରିଚାଲିଛନ୍ତି। ଯାହା ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଏବଂ ବିଶ୍ୱସନୀୟତା ଉପରେପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ବିଜେଡି କ୍ଷୋଭ ପ୍ରକାଶ କରିଛି। ତେଣୁ ନିର୍ବାଚନ ଅଧିକାରୀ ତୁରନ୍ତ ହେଲିକପ୍ଟର ବିଳମ୍ବ ହେବାର କାରଣ ନେଇ ତୁରନ୍ତ ତଦନ୍ତ କରିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ, ସୋଫିଆ ଆଲାମ, ମିହିର ରାୟ, ପ୍ରଦୀପ ପଣ୍ଡା ଓ ସିଦ୍ଧାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆପଡ଼ା ଉପନିର୍ବାଚନରେ ଶିଶୁଙ୍କୁ ବ୍ୟବହାର କରୁଛି ବିଜେପି

## ସିଇଓଙ୍କୁ ଅଭିଯୋଗ କଲା ରାଜ୍ୟ କଂଗ୍ରେସ



**ଭୁବନେଶ୍ୱର, ୭।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ଶିଶୁମାନଙ୍କୁ ନିର୍ବାଚନ ପ୍ରଚାରରେ ବ୍ୟବହାର କରୁଛି ବିଜେପି। ନିର୍ବାଚନ ପ୍ରଚାର ସମୟରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ଦଳ ଜାଣିଶୁଣି ଶିଶୁମାନଙ୍କୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରୁଛି। ଏପରି ସଂଗିନ୍ ଅଭିଯୋଗ ଆଣି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି କଂଗ୍ରେସ। କଂଗ୍ରେସର ଏକ ପ୍ରତିନିଧିଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଭାବେ ଏନେଇ ଅଭିଯୋଗପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ ଏହି ପ୍ରଚାରରେ ନାବାଳିକା ଝିଅମାନେ ମଧ ଅଛନ୍ତି। ୫ ନଭେମ୍ବରରେ ନୂଆପଡା ବିଧାନସଭା ଅନ୍ତର୍ଗତ ଖୁଟାବନ ଭେରା ପଞ୍ଚାୟତରେ ଜଣେ ନାବାଳିକା ବିଜେପି ପତାକା ଧରି 'ଜୟ ଢୋଲକିଆ ଜିତିବେ' ବୋଲି ସ୍ଲୋଗାନ ଦେଉଥିବା ଦେଖାଯାଇଛି। ଏହାସହ ଏହିପରି ଶିଶୁମାନଙ୍କ ଦୁରୁପଯୋଗ ନୂଆପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ହୋଇଥିବା ତଥ୍ୟ ମଧ ମିଳିଛି।

ଓଡ଼ିଶା ପ୍ରଦେଶ କଂଗ୍ରେସ ଏହି ଭିଡିଓ ପ୍ରମାଣ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ ଦେଇଛି। ଏହିପରି କାର୍ଯ୍ୟ ନିର୍ବାଚନ ଆଚରଣ ନିୟମର ଗୁରୁତର ଉଲ୍ଲଂଘନ ଓ ଆଇନ ଅନୁସାରେ ଦଣ୍ଡନୀୟ ଅପରାଧ। ନିର୍ବାଚନ କମିସନର୍ ଆଦେଶ ଅନୁଯାୟୀ ଶିଶୁମାନଙ୍କୁ ନିର୍ବାଚନ ପ୍ରଚାର କାର୍ଯ୍ୟରେ ନିୟୋଜିତ କରିବା ସଂପୂର୍ଣ୍ଣ ନିଷିଦ୍ଧ ଏବଂ ଏହାର ଉଲ୍ଲଂଘନ କଲେ ଅନୁସାରେ ଦଣ୍ଡ ବ୍ୟବସ୍ଥା ରହିଛି। ଶିଶୁମାନଙ୍କ ଦୁରୁପଯୋଗ ହେଉଛି ମାନବତା ବିରୋଧୀ ଓ ଅନୈତିକ କାର୍ଯ୍ୟ, ଯାହା ନିର୍ବାଚନ ପ୍ରକ୍ରିୟାର ସମ୍ମାନ ଓ ନିଷ୍ପକ୍ଷତାକୁ ହ୍ରାସ କରୁଛି। ତେଣୁ ତୁରନ୍ତ ଏହି ମାମଲାରେ ନିର୍ବାଚନ ଅଧିକାରୀ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ଦଳ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଉକ୍ତ ପ୍ରତିନିଧି ଦଳରେ ପ୍ରଦେଶ କଂଗ୍ରେସର ମୁଖପାତ୍ର ସୋନାଲି ସାହୁ, ଡଃ ମନୀଷା ଦାସ ପଟ୍ଟନାୟକ ଓ ମଧୁସ୍ମିତା ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

**AFFIDAVIT**

By virtue of an affidavit sworn before the Notary Public, Cuttack Town on Dt. 01/07/2025. I, **Eram Ahamed Saikh,** W/o- Monazir Akhtar, resident of Village-Sayedpur, Ps- Binjharpur, Dist-Jajpur. My name has been wrongly mentioned as **Eram Mushtaque Ahmed Shaikh** in my Passport bearing No-Y3931701. I declare that my self **Eram Ahmed Shaikh** and **Eram Mushtaque Ahmed Shaikh** is one and same person for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-06/11/2025. I, **Santosh Kumar Majhi** (new name) formerly called as Santosh Majhi (old name), S/o Mahadeba Majhi, permanent resident of AT: Digisira, PO: Kushkela, PS: Sindhekela, Dist: Balangir (Odisha), PIN: 767066 now residing at the same place affirm that I have changed my name from **Santosh Majhi** (old name) to **Santosh Kumar Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Santosh Kumar Majhi** (new name).

**Santosh Kumar Majhi**

**AFFIDAVIT**

I MOHD ABDUL HASIB ABDUL QAIYUM MOHD/MOHAMMED ABDUL HASIB S/O ABDUL QAIYUM AT: AKHUN MOHALLA, PO- PO- KRUSHNANANDAPUR, PS- TIRTOL, JAGATSINGHPUR-754135, ODISHA DECLARE BY THIS AFFIDAVIT NO- 40752, DATE- 6.11.2025, THAT NOW ONWARDS, I SHALL BE KNOWN AS **MOHAMMAD ABDUL HASIB** FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before the Executive Magistrate, Jajpur, dtd.03.11.2025, I, Abhiram Khandai, S/o Giridhari Khandai, At–Kalaspur, Po–Hasinpur, PS–Jajpur Sadar, Dist–Jajpur, Odisha–755017, do hereby declare that I have changed my name from Abhiram Panda to Abhiram Khandai, Date of Birth: 01/07/1963, for all purposes. Henceforth, I shall be known as **Abhiram Khandai.**

**Sd/- Abhiram Khandai**

**AFFIDAVIT**

By virtue of an affidavit sworn before Executive Magistrate, Bhograi, dated: 19/07/2025, I, Malati Jena, Resident of At-Mandarsahi, Po- Sukhasandha Patna, Via- Dehurda, Block-Bhograi, Dist- Balasore, Pin-756036, Odisha declare that I have changed my son name from Pabitra Jen to Ashutosh Jena. Henceforth, he shall be known as **Ashutosh Jena** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhograi, dated 06/11/2025 I, Kalpana Mohapatra, W/o. Padmalochan Mohapatra, At. Ghantilodi, Po. Kumarjalina, Ps. Bhograi, Dist. Balasore, Pin-756036, Odisha declare that I have changed the name of my son from Dibyandhu Mohapatra to Dibyanshu Mohapatra. Henceforth, he will be known as **Dibyanshu Mohapatra** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhograi, dated 04/11/2025 I, Dhananjay Das, S/o. Narayan Prasad Das, At. Deula, Po. Deulahat, Ps. Bhograi, Dist. Balasore, Pin- 756036, Odisha renounce, relinquish and abandon the use of my minor son's former name Manoranjan Das (old name) instead of Madhujit Das (New name). Henceforth, he will be known as **Madhujit Das** for all purposes.

**AFFIDAVIT**

I, Priyadarsini Swain, aged about 41 years, W/o- Subhransu Behura, resident of At- Tinigharia, Nayabazar, Ps- Madhupatna, Cuttack, Dist- Cuttack, Pin-753004, Odisha declare by this affidavit No. 2274, dtd- 07/11/2025, that now onwards I shall be known as **PRIYADARSHINI SWAIN** for all future purposes.

**AFFIDAVIT**

I, Rashmi Rekha Pradhan, aged about 46 years, W/o- Santosh Kumar Pradhan, Resident of Flat No.: 401, Specific Royal Palace, PO:Sailashreevihar, Bhubaneswar, Dist.: Khorda, Odisha, PIN-751021 declared by this Affidavit No.1369, Dated: 07.11.2025. that now onwards I shall be known as **RASHMI REKHA GARNAIK** or all future Purposes.

**AFFIDAVIT**

By virtue of an Affidavit sworn before the Executive Magistrate Sohela dated 07/11/2025 I Babita Sahoo D/O- Chakradhar Sahu resident of village/Ward Mahabir Pada PO/PS.: Bhawanipatna Dist.: Kalahandi declare that I have changed my name from **Babita Kumari Sahoo** to **Babita Sahoo**. Henceforth I shall be known as **Babita Sahoo** for all purposes.

**AFFIDAVIT**

I, Monali Nayak, aged about 39 years, W/o- Partha Pratim Nayak resident of At- Plot No-167/5, Gajapati Nagar, Durga Mandap Lane, Press Chhak, Po- Sainik School, Bhubaneswar, Pin-751005, Odisha declare by this affidavit No.108, dtd-19/07/2025, that now onwards I shall be known as **MONALI MALLICK** for all future purposes.

**AFFIDAVIT**

I RANJIT KUMAR JENA/ RANJIT JENA, S/O.: LATE BISWANATH JENA, PLOT NO.: 4249/9268, PANDAV NAGAR, TANKAPANI ROAD, P.S.: BADAGADA, BHUBANESWAR-751018, ODISHA DECLARE BY THIS AFFIDAVIT NO.: 40750 DATE- 6.11.2025, THAT NOW ONWARDS, I SHALL BE KNOWN AS **RANJEET KUMAR JENA** FOR ALL FUTURE PURPOSES.

**AFFIDAVIT**

I TASNIM ARA ABDUL HASIB MOHD W/O MOHAMMAD ABDUL HASIB AT- AKHUN MOHALLA, PO- PO- KRUSHNANANDAPUR, PS- TIRTOL, JAGATSINGHPUR-754135, ODISHA DECLARE BY THIS AFFIDAVIT NO- 40749, DATE- 6.11.2025, THAT NOW ONWARDS, I SHALL BE KNOWN AS **TASNIM ARA** FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before the Excutive Magistrate and Tahsildar Sohela, on the 30th of October, 2025, I, **Keshaba Sahu,** S/o Suryabali Sahu, resident of Village: Mangalpali, PO: Rengali, PS: Sohela, Dist: Bargarh, PIN-768033, Odisha, declare that I have changed the name of my minor son from **Mukshyajit Sahu** (old name) to **Meyar Sahu** (new name). Henceforth, he shall be known as **Meyar Sahu** for all purposes.

**Keshaba Sahu**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରଙ୍ଗ ମାରିଲେ...

ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବା ସହ ସ୍ନେହାଙ୍ଗିନୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଦୀର୍ଘ ତିନିଘଣ୍ଟା ଧରି ଚାଲିଥିବା ଏହି ରୋଡ ଶୋ'ରେ ହଜାର ହଜାର ଲୋକ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ କରିଥିଲେ। ରୋଡ ଶୋ' ପରେ ଅପରାହ୍ନ ୩ଟାରେ ନୂଆପଡ଼ା ବ୍ଲକ୍ ପରକୋଡ଼ ପଞ୍ଚାୟତରେ ଆୟୋଜିତ ବିଶାଳ ଜନସଭାରେ ଯୋଗଦେଇ ଶ୍ରୀ ପଟ୍ଟନାୟକ ବିଜେପି ସରକାରକୁ କଠୋର ଶବ୍ଦରେ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପାନୀୟଜଳ, ଜଳସେଚନ, ଆଦିବାସୀ କଲ୍ୟାଣ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରଭୁତ ବିକାଶ ଆସିଥିଲା। ନୂଆପଡାରେ ହଜାର ହଜାର ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇଥିଲା। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ପ୍ରଭୂତ ଉନ୍ନତି ଆସିଥିଲା। ତାଙ୍କ ସରକାର ସମୟରେ ହୋଇଥିବା ବିଜୁ ଏକ୍ସପ୍ରେସ ୱେ ଆଜି ନୂଆପଡାର ଆର୍ଥିକ ବିକାଶ ପାଇଁ ସୁଯୋଗ ଆଣିଥିଲା ବୋଲି ନବୀନ କହିଥିଲେ।

ଏହି ଅବସରରେ ୫୦୦ ଦିନ ପୂରଣ କରିଥିବା ବିଜେପି ସରକାର ଲୋକଙ୍କ ପାଇଁ କ'ଣ କରିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ୩୦୦ ୟୁନିଟ୍ ମାଗଣା ବିଜୁଳି, ୩୫୦୦ ଟଙ୍କା ପେନସନ, ଚାଷୀ ଭାଇଙ୍କୁ ୟୁରିଆ ସାର, ଯୁବକଙ୍କୁ ଚାକିରି ଆଦି ପ୍ରତିଶ୍ରୁତି ପୂରଣରେ ସରକାର ବିଫଳ ହୋଇଥିବା କହିଥିଲେ। ମିଶନ ଶକ୍ତି ମା'ମାନଙ୍କୁ ଋଣ ନ ମିଳିବା ଓ ଧାନ କିଣାରେ କଟନିଛଟନି ବନ୍ଦ ହୋଇ ନ ଥିବାର ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଏସକେୱାଇ କାର୍ଡରେ ଲୋକଙ୍କୁ ସେବା ମିଳୁଥିଲା; କିନ୍ତୁ ଏବେ ଆୟୁଷ୍ମାନ କାର୍ଡରେ କେବଳ ଟେନ୍‌ସନ ମିଳୁଛି ବୋଲି ସେ କ୍ଷୋଭର ସହ କହିଥିଲେ। କୋମନା ସଭାରେ ଲୋକଙ୍କ ମନରେ ଯେଉଁ କ୍ରୋଧ ଓ ଦୁଃଖ ସେ ଦେଖିଥିଲେ ଆଜି ମଧ ନୂଆପଡାରେ ଲୋକଙ୍କ ଆଖିରେ ସେହି କ୍ରୋଧ ଓ ଦୁଃଖ ରହିଛି। ନୂଆପଡାରେ ରହି ନୂଆପଡାବାସୀଙ୍କ ସେବା କରିବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନିର୍ଦ୍ଦେଶ ଦେଇଥିବା ଉଲ୍ଲେଖ କରି ତାଙ୍କୁ ବହୁ ଭୋଟ ବ୍ୟବଧାନରେ ବିଜୟୀ କରାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଗତ ତିନି ତାରିଖ ଦିନ ତାଙ୍କ ସଭାକୁ ଯେପରି ଲୋକ ନ ଆସିପାରିବେ, ସେଥିପାଇଁ ଅନେକ ଚେଷ୍ଟା କରାଯାଇଥିଲା ; କିନ୍ତୁ କୋମନାରେ ଭୋଟର ଭାଇ ଭଉଣୀମାନେ ବହୁ ସଂଖ୍ୟାରେ ତାଙ୍କ ସଭାରେ ଯୋଗ ଦେଇଥିବାରୁ ଶ୍ରୀ ପଟ୍ଟନାୟକ ତାଙ୍କ ଭାଷଣରେ ଧନ୍ୟବାଦ ଜଣାଇଥିଲେ।

ଆଜି ରୋଡ ଶୋ' ଅବସରରେ ଶ୍ରୀ ପଟ୍ଟନାୟକ ରାସ୍ତାର ଦୁଇ ପଟରେ ଥିବା ହଜାର ହଜାର ଶୁଭେଚ୍ଛୁଙ୍କୁ ହାତ ହଲାଇ ଅଭିବାଦନ ଜଣାଇବା ସହ ଖରିଆର ରୋଡର ଡାଗା ଛକ, ବିଜୁ ପଟ୍ଟନାୟକ ଛକ ଓ ଲଖନିଆ ପେଟ୍ରୋଲ୍ ପମ୍ପ ଛକ ମାନଙ୍କରେ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ସେହିପରି ନୂଆପଡା ଏନଏସି ଅଞ୍ଚଳର ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ ଓ ଏକତା ଛକରେ ମଧ ଶ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ସ୍ନେହାଙ୍ଗିନୀଙ୍କୁ ଆଶୀର୍ବାଦ କରିବାକୁ ନୁରୋଧ କରିଥିଲେ। ପାରକୋଟ ଜନସଭାରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ସନ୍ତୃପ୍ତ ମିଶ୍ର, ସଂଜୟ ଦାସବର୍ମା, ଅରୁଣ ସାହୁ, ପ୍ରତାପ ଜେନା, ଅରୁଣ ସାହୁ, ଟୁକୁନି ସାହୁ, ଚିନ୍ମୟ ସାହୁ, ଇପ୍ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ଶ୍ରୀକାନ୍ତ ସାହୁ, ପ୍ରଦୀପ ସାହୁ, ନିରଂଜନ ବିଶି, ବର୍ଷା ସିଂ ବରିହା, ମନୋହର ରନ୍ଧାରୀ, ସୁଦର୍ଶନ ହରିପାଲ, ଧ୍ରୁବ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦେବାଶିଷ ମାରାଣ୍ଡି, ସାରଦା ଜେନା, ପ୍ରଶାନ୍ତ ବେହେରା, ନିହାର ବେହେରା, ଦେବାଶିଷ ପଟ୍ଟନାୟକ, ବେଣୁଧର ପ୍ରଧାନ, ସାନନ୍ଦ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### ଦିଲ୍ଲୀରେ ୮୦୦...

ଆସିବା କରୁଥିବା ବିମାନଗୁଡିକ ମଧ ବିଳମ୍ବିତ ହୋଇଛି। ଏହି ସମସ୍ୟା କେବେ ସମାଧାନ ହେବ ଓ ସ୍ଥିତି କେବେ ସାମାନ୍ୟ ହେବ ସେ ନେଇ ଦିଲ୍ଲୀ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନାହାନ୍ତି। ଫ୍ଲାଇଟ୍ ଟ୍ରାକିଂ ପୋର୍ଟାଲରେ ଦିଲ୍ଲୀର ଆକାଶର ଚିତ୍ର ଦେଖିବାକୁ ମିଳୁଛି। ଗୁରୁବାର ସନ୍ଧ୍ୟାଠାରୁ ଏହି ସମସ୍ୟା ଦେଖିବାକୁ ମିଳିଥିଲା। ବିମାନ ବିଳମ୍ବିତ ହେବା କାରଣରୁ ଯାତ୍ରୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚେକ୍ ଇନ୍, ଗେଟ୍ ନିକଟରେ ଅପେକ୍ଷା, ବୋର୍ଡିଓ ଲେଟ୍, କନେକସନ ଫ୍ଲାଇଟରୁ ବଞ୍ଚିତ ହେବାର ସମସ୍ୟା ସୃଷ୍ଟି ହୋଇଛି। ଏହା ଦ୍ୱାରା ମଧ ଅପରେସନ ପ୍ରଭାବିତ ହୋଇଛି। ଦିଲ୍ଲୀ ବିମାନ ବନ୍ଦରରେ ପ୍ରତିଦିନ ୧,୫୦୦ ବିମାନ ଯିବା ଆସିବା କରିଥାଏ। ଏହା ଦ୍ୱାର ଏୟାର ଲାଇନ୍ସ ଓ ବିମାନବନ୍ଦର କାର୍ଯ୍ୟପ୍ରଣାଳୀ ବିଳମ୍ବିତ ହୋଇଛି। ଏହି ସମସ୍ୟା କାରଣରୁ ବେଟିଆ, ଲକ୍ଷ୍ନୌ, ଜୟପୁର, ଚଣ୍ଡିଗଡ଼ ବିମାନ ବନ୍ଦର ମଧ ପ୍ରଭାବିତ ହୋଇଛି। ବିମାନ ବିଳମ୍ବିତ ହେବା କାରଣରୁ ଆଗକୁ ଆସିବାକୁ ଥିବା ବିମାନ ଗୁଡିକର କାର୍ଯ୍ୟସୂଚୀ ବିଳମ୍ବିତ ହୋଇଛି।

### ୪୨ ଦିନରେ ବିକ୍ରି...

ଏଥିରେ ଯାତ୍ରୀବାହୀ କାର ଏବଂ ଦୁଇ ଚକିଆ ଯାନ ପାଇଁ ରେକର୍ଡ ପଞ୍ଜିକରଣ ହୋଇଛି। ଜିଏସ୍ଟି ୨.୦ ଲାଗୁ ହେବା ପରେ ଯାନବାହାନ ମୂଲ୍ୟ ହ୍ରାସର ପ୍ରଭାବ ମଧ ଏଥର ବଜାରରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଫାଡା ସଭାପତି ସି.ଏସ୍. ବିଘ୍ନେଶ୍ୱର କହିଛନ୍ତି ଯେ, ଚଳିତ ପାର୍ବଣ ଋତୁରେ ହୋଇଥିବା ବିକ୍ରି, ଭାରତର ଅଟୋ କ୍ଷେତ୍ରର ଖୁଚୁରା ବିକ୍ରି ଇତିହାସରେ ସବୁଠୁ ବଡ଼। ଜିଏସ୍ଟି ୨.୦ ଯୋଗୁ ମଧବିତ୍ତ ବର୍ଗଙ୍କ ପାଇଁ ଯାନବାହାନ କିଣିବା ସରଳ ଓ ସହଜ ହୋଇଛି। କମ୍ପାକ୍ଟ ଓ ୪ ମିଟରରୁ କମ୍ ଆକାରର ଗାଡ଼ି ଚାହିଦା ସବୁଠୁ ଅଧିକ ରହିଛି। ଗ୍ରାମାଞ୍ଚଳର ମଧ ଗାଡ଼ି ବିକ୍ରି ଆଖିଦୃଶିଆ ଭାବରେ ବଢ଼ିଛି। ଏହା ବାଦ ଇଲେକ୍ଟ୍ରିକ୍ ଗାଡ଼ି ପ୍ରତି ମଧ ଗ୍ରାହକଙ୍କ ଆଗ୍ରହ ବଢ଼ିଛି। ତିନି ଚକିଆ ଏବଂ କର୍ମସିଆଲ ଇଭି ଗାଡ଼ିର ବିକ୍ରି ଯଥାକ୍ରମେ ୯% ଏବଂ ୧୫% ଅଭିବୃଦ୍ଧି ରେକର୍ଡ କରିଛି।

### ଏସ୍ଆଇଟି ବୈଠକରେ...

ବୈଠକରେ ବିଭାଗୀୟ ଅଧିକାରୀ ଉପସ୍ଥାପନ କରିଥିଲେ। ସରକାରଙ୍କ ସୁପାରିସକ୍ରମେ ଏହାର ତଦନ୍ତ ଆଗକୁ ସିବିଆଇ କରିବ। ଏଣୁ, ତଦନ୍ତ ପରେ ଅଧିକ ତଥ୍ୟ ଆସିପାରିବ ବୋଲି ସେ କହିଥିଲେ। ନିକଟ ଅତୀତରେ ଦୁର୍ନୀତି ମାମଲାରେ ବହୁ ସଂଖ୍ୟାରେ ଉଚ୍ଚପଦସ୍ଥ ଅଧିକାରୀ ଧରାପଡ଼ିଛନ୍ତି। ଏପରିକି, ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସରକାରୀ ଅଧିକାରୀ ଧରାପଡ଼ିଥିବା ବେଳେ ଓପିଆରବି ଦ୍ୱାରା ପରିଚାଳିତ ହେଉଥିବା ପୁଲିସ୍ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାରେ ଏଯାଏ କୌଣସି ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଇନାହିଁ। ଏହି ଘଟଣାରେ ନିଯୁକ୍ତି ଆଶାୟୀଙ୍କଠାରୁ ବିପୁଳ ଅର୍ଥ କାରବାର ହୋଇଥିବାରୁ ଇଡି ପକ୍ଷରୁ ଏହି ପ୍ରସଙ୍ଗରେ ନଜର ରଖାଯିବା ପାଇଁ ଜଷ୍ଟିସ ପଶାୟତ ଗୁରୁତ୍ୱାରୋପ କରିଥିଲେ।

ସେହିଭଳି ଦୁର୍ନୀତି ନିବାରଣ ଆଇନ ମାମଲାର ଅନ୍ୟ ଦିଗ ବିଷୟରେ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନେଇ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଯେଉଁ ବିଭାଗରେ ଅଧିକ ଦୁର୍ନୀତି ମାମଲା ଧରାପଡୁଛି, ସେହି ବିଭାଗ ପ୍ରତି ଅଧିକ ଧ୍ୟାନ ଦିଆଯିବାକୁ କୁହାଯାଇଛି। ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ ତାଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ବୈଠକରେ ଇଡି, ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ ଓ ସିବିଆଇ ଅଧିକାରୀମାନେ ଉପସ୍ଥିତ ଥିଲେ। ପରବର୍ତ୍ତୀ ବୈଠକ ମୁମ୍ବଇଠାରେ ଅନୁଷ୍ଠିତ ହେବ।

### ଶଙ୍କର, ସୁରେଶଙ୍କର...

ବର୍ତ୍ତମାନ ବିଚାର ବିଭାଗୀୟ ରିମାଣ୍ଡରେ ଥିବା ଶଙ୍କର ସହ ସିଲିକନ୍-ଟେକ୍‌ର ମାଲିକ ସୁରେଶ ନାୟକଙ୍କ ମଧ ଉକ୍ତ ପରୀକ୍ଷା କରାଯିବ। ଏହି ପରୀକ୍ଷାର ଲକ୍ଷ୍ୟ ବୟାନ ଯାଞ୍ଚ କରିବା ଏବଂ ମାମଲାର ପ୍ରମୁଖ ଦିଗଗୁଡ଼ିକ ଉପରେ ସ୍ପଷ୍ଟତା ସଂଗ୍ରହ କରିବା ବୋଲି କ୍ରାଇମବ୍ରାଞ୍ଚ କହିଛି। ରିମାଣ୍ଡ ଅବଧି ଶେଷ ହେବା ପର ମିଛ ଚିହ୍ନଟ ପରୀକ୍ଷା ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ଜଣାଯାଇଛି। ପ୍ରକାଶଥାଉକି, ଉତ୍ତରାଖଣ୍ଡର ନେପାଳ ସୀମା ନିକଟରୁ ଶଙ୍କରକୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଶଙ୍କର ସହ ଗିରଫ ଆଉ ଜଣେ ଅଭିଯୁକ୍ତ ଅରବିନ୍ଦର ୫ ଦିନିଆ ରିମାଣ୍ଡ ଶନିବାର ଶେଷ ହେଉଛି।

### ହାଇକୋର୍ଟରେ ସତ୍ୟପାଠ...

କରାଯାଇଛି। ପ୍ରକାଶଥାଉକି, ଗତ ଶୁଣାଣି ସମୟରେ ବ୍ରହ୍ମପୁର ଏସ୍‌ପିଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ ହାଇକୋର୍ଟ। ଆଜି ଏସ୍‌ପିଙ୍କ ପକ୍ଷରୁ ଏକ ଲିଖିତ ଜବାବ ଦାଖଲ କରାଯାଇଥିଲା। ଦାଖଲ ଲିଖିତ ଜବାବରେ ଏସପି ସ୍ୱୀକାର କରିଛନ୍ତି ଯେ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାକୁ ଲିଙ୍କ୍ କରି ସେ ଗଣମାଧ୍ୟମରେ ସାର୍ବଜନୀନ ମନ୍ତବ୍ୟ ଦେଇଥିଲେ। ତେବେ ସତ୍ୟପାଠ ଜରିଆରେ ଏହାକୁ ଦେବାକୁ ଅଦାଲତ କହିଛନ୍ତି। ସତ୍ୟପାଠ ଗ୍ରହଣ କରିବା ପରେ ଏସ୍‌ପିଙ୍କ ଉପରୋକ୍ତ ଆଚରଣ ଅଦାଲତ ଅବମାନନା କି ନୁହେଁ, ତାହାର ବିଚାର କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଏସ୍‌ପିଙ୍କ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ କିଭଳି ଓ କେଉଁ କାରଣ ପାଇଁ ଅଦାଲତରେ ବିଚାରାଧୀନ ଥିବା ମକଦ୍ଦମା ଫଳାଫଳ ସମ୍ପର୍କରେ ଏଭଳି ମନ୍ତବ୍ୟକୁ ସାର୍ବଜନୀନ କଲେ, ସେ ସମ୍ପର୍କରେ ଏସ୍‌ପି ସତ୍ୟପାଠ ଦେବେ।

ମାମଲାରୁ ପ୍ରକାଶ, ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ନିର୍ବାଚନୀ ମକଦ୍ଦମାର ସଂଯୋଗ ରହିଛି ବୋଲି ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମା ହତ୍ୟା ଅଭିଯୁକ୍ତ ଶିବଶଙ୍କର ଦାସଙ୍କ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରାଯାଇଥିଲା। ବାସ୍ତବରେ ଏହାକୁ ଶିବଶଙ୍କର ଦାସ ନିଜେ ଦାଖଲ କରିଥିଲେ। ନିର୍ବାଚନୀ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି' ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସ୍‌ପି ଗଣମାଧ୍ୟମରେ କହିଥିଲେ। ହତ୍ୟା ଘଟଣା ସହ ବିଚାରାଧୀନ ନିର୍ବାଚନୀ ମକଦ୍ଦମାକୁ ଯୋଡ଼ିବା ଅଦାଲତ ଅବମାନନା ବୋଲି ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଦର୍ଶାଇଥିଲେ ଯେ ଗତ ୨୦୨୫ ଅକ୍ଟୋବର ୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇ ନେଇଥିଲେ। ଏପରିକି ସେଠାରେ ଅଟକ ରଖି ବିଧାୟକଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚରା କରିଥିଲେ।

### ଇ-କେୱାଇସି ନେଇଛି...

ଅନୁଯାୟୀ ରିସା ମାଙ୍କିଡ଼ିଆଙ୍କର ଅନ୍ତ୍ୟୋଦୟ ଅନ୍ନ ଯୋଜନା (ଏଏୱାଇ) ରାସନ କାର୍ଡ ଥିଲା। ମାତ୍ର ତାଙ୍କର ଆଧାରକାର୍ଡ ହୋଇପାରି ନ ଥିଲା। ବାରମ୍ବାର ଚେଷ୍ଟା ସତ୍ତ୍ୱେ ଇ-କେୱାଇସି ସମ୍ପୂର୍ଣ୍ଣ ନହେବା କାରଣରୁ ତାଙ୍କୁ ଚାଉଳ ମିଳୁ ନ ଥିଲା। ବିନା ନୋଟିସରେ ତାଙ୍କର ଅନ୍ତ୍ୟୋଦୟ କାର୍ଡକୁ ନିଷ୍କ୍ରିୟ କରାଯାଇଥିବା ବେଳେ ସ୍ଥାନୀୟ ସରକାରୀ ଅଧିକାରୀ ମଧ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଓଡ଼ିଶା ରିଲିଫ କୋଡ୍‌ର ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତିର ଅନାହାରରେ ମୃତ୍ୟୁ ହୁଏ ତେବେ ମୃତ୍ୟୁର ୪୮ ଘଣ୍ଟା ମଧ୍ୟରେ ତହସିଲଦାରସ୍ତରର କୌଣସି ସରକାରୀ ଅଫିସର ତଦନ୍ତ କରିବା ବାଧ୍ୟତାମୂଳକ। ହେଲେ ରିସା ମାଙ୍କଡିଆଙ୍କ କ୍ଷେତ୍ରରେ ଏହାକୁ ଅନୁପାଳନ କରାଯାଇ ନାହିଁ। ରିସା ମାଙ୍କିଡିଆଙ୍କ ରାସନ ବହି ଦର୍ଶାଉଛି ଯେ ସେ ଏପ୍ରିଲ୍ ୨୦୨୫ ପର୍ଯ୍ୟନ୍ତ ନିୟମିତ ଭାବରେ ୩୫ କିଲୋ ଚାଉଳ ପାଇଥିଲେ। ମେ' ଏବଂ ଜୁନ୍ ମାସ ପାଇଁ ରାସନ ବହି ପୃଷ୍ଠା ଖାଲି ଥିବାବେଳେ ଜୁଲାଇ ଏବଂ ଅଗଷ୍ଟ ୨୦୨୫ ପାଇଁ ଗୋଟିଏ ବିବାଦୀୟ ଏଣ୍ଟ୍ରି ଅଛି। ପୂର୍ବତନ ସ୍ଥାନୀୟ ୱାର୍ଡମେମ୍ବରଙ୍କ ତଥ୍ୟ ଅନୁଯାୟୀ ତାଙ୍କ ମୃତ୍ୟୁ ପରେ ବ୍ଲକ ଅଧିକାରୀମାନେ କାର୍ଡ ନେଇଛନ୍ତି। ଏହାସହିତ ମିଞ୍ଜରୀ ମାଙ୍କେଡ଼ିଆ (ରିସାଙ୍କ ବୋହୂ)ଙ୍କ ରାସନ କାର୍ଡ ମଧ ବର୍ତ୍ତମାନ ସ୍ଥାନୀୟ ପିଡିଏସ ଡିଲରଙ୍କ ପାଖରେ ଅଛି। ଯାହାକୁ ନେଇ ଏହି ଟିମ୍‌ର ସଦସ୍ୟମାନେ ସନ୍ଦେହ ପ୍ରକଟ କରିଛନ୍ତି। ଅନ୍ୟପଟେ ରିସା ମାଙ୍କିଡିଆଙ୍କ ଅନାହାରଜନିତ ମୃତ୍ୟୁ ଓଡ଼ିଶାରେ ଖାଦ୍ୟ ସୁରକ୍ଷା ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା କେତେ ଦୟନୀୟ ଅବସ୍ଥାରେ ଅଛି, ତାହା ଅନୁମେୟ ବୋଲି ସଂଗଠନଗୁଡ଼ିକ କହିଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ଘଟଣାରେ ନିରପେକ୍ଷ ତଦନ୍ତ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ୩ ସଂଗଠନ ପକ୍ଷରୁ ଗୌରାଙ୍ଗ ମହାପାତ୍ର, ରଞ୍ଜିତ ସୁତାର, ସମୀତ ପଣ୍ଡା ଓ ସାମାଜିକ କର୍ମୀ ମଣ୍ଟୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବ ତଟ ରେଳପଥ

### ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ ସମ୍ବନ୍ଧୀୟ ସାର୍ବଜନୀକ ଅଧିସୂଚନା

ପ୍ରୋଫର୍ମା-10.01

ପୂର୍ବ ତଟ ରେଳପଥର ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ 25,000 ଭୋଲ୍ଟ, 50 Hz, AC ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ କରାଯିବ। ସେହି ତାରିଖ ଦିନ କିମ୍ବା ତା'ପର ଠାରୁ ଓଭରହେଡ ଟ୍ରାକ୍ସନ ଲାଇନ୍‌ରେ ସବୁ ସମୟ ପାଇଁ ବିଦ୍ୟୁତ ପ୍ରବାହିତ ହେବ । ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
| --- | --- | --- |
| ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ତାଳଚେର ରୋଡ଼ ୟାର୍ଡ - ତାଳଚେର ୟାର୍ଡ ଚତୁର୍ଥ ଲାଇନ ଯେଉଁଥିରେ ତାଳଚେର ୟାର୍ଡ (ଓଏଚ୍‌ଇ କି.ମି. 168/14N, ସିଏଚ୍: 168/615.00 (ତାଳଚେର ରୋଡ଼ ୟାର୍ଡ) ଠାରୁ କି.ମି. ତାଳଚେର 1168N, ସିଏଚ୍- (ତାଳଚେର ୟାର୍ଡ) ଅନ୍ତର୍ଭୁକ୍ତ ଅଟେ। | ଖୋର୍ଦ୍ଧା ରୋଡ଼ | 17.11.2025 |

### AC 25 KV ଟ୍ରାକ୍ସନର ପ୍ରଚଳନ "ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା"

ପ୍ରୋଫର୍ମା-10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ତାଳଚେର ରୋଡ଼ ୟାର୍ଡ ଚତୁର୍ଥ ଲାଇନ୍, ତାଳଚେର ୟାର୍ଡ (ସମସ୍ତ ନୂଆ ଲାଇନ, ସିକ୍ ସାଇଡିଂ, ଏଆରଟୀ ସାଇଡିଂ, ଟି-ଆଉଟ୍ / ଏକ୍ସ-ଓଭର ଲାଇନ) ସେକ୍ସନ୍ ଉପରେ 25,000 ଭୋଲ୍ଟ ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍‌ର ଶୁଭାରମ୍ଭ"ସମ୍ବନ୍ଧୀୟ ସମସ୍ତ ଲେଭେଲ କ୍ରସିଂଗୁଡିକ ଠାରେ କୌଣସି ବୋଝେଇ ଯାନ ଜୀବନ୍ତ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସଡ଼କ ସ୍ତର ଠାରୁ 4.78m ଉଚ୍ଚତା ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, ଯାହାର ଉଚ୍ଚତା ଲେଭେଲ କ୍ରସିଙ୍ଗ୍‌ଗୁଡ଼ିକ ଠାରେ ରେଲ ଲେଭେଲ ଠାରୁ ସର୍ବନିମ୍ନ 5.5m ହେବ।

ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ।

ଅଧିକ ଉଚ୍ଚତାରେ ମାଲ୍ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି :

1) ହାଇଟ୍ ଗଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ ।
2) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଯାନ ପ୍ରତି ବିପଦ ।
3) ବିଦ୍ୟୁତ ପରିବାହୀ ସଂସ୍ପର୍ଶରେ ଆସିବା ଫଳରେ ବିପଦର ନିକଟବର୍ତ୍ତୀ ହେବା ସହ ଅଗ୍ନି ଭୟ ସହିତ ଜୀବନ ହାନୀର ଆଶଙ୍କା।

PR-157/CI/25-26

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-II), ପୂର୍ବ ତଟ ରେଳପଥ / ଭୁବନେଶ୍ୱର

ଓଡ଼ିଶା ସରକାର
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଆଖୁଆପଦା ଜଳସେଚନ ବିଭାଗନ
Email: akp.irrigationdivision@gmail.com

A-859

**'e'-Procurement Notice No. 12/2028-26**

| | | |
| --- | --- | --- |
| 1 | କାର୍ଯ୍ୟ ର ନାମ | : ମରାମତି କାର୍ଯ୍ୟ |
| 2 | ମୋଟ କାର୍ଯ୍ୟ ସଂଖ୍ୟା | : ୧୩ ଗୋଟି କାର୍ଯ୍ୟ |
| 3 | ଅଟକଳ ମୂଲ୍ୟ | : ୪୭.୦୪ ଲକ୍ଷ ରୁ ୮୩.୯୦ ଲକ୍ଷ |
| 4 | ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Daled 05.12.2017 as Mentioned in DTCN. |
| 5 | କାର୍ଯ୍ୟ ସମାପ୍ତି ସମୟ | : ୬ ମାସ। |
| 6 | ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ : | |
| | I. Procurement Officer | : ଅଧିକ୍ଷଣ ଯନ୍ତ୍ରୀ,ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| | II.ଅନଲାଇନ Biddingର ସମୟସୀମା | :ତା ୦୭.୧୧.୨୦୨୫ ଦିବା ୧୦ ଘଟିକା ରୁ ତା ୨୧.୧୧.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ। |
| | III. Technical ଏବଂFinancial bid ଖୋଲାଯିବାର ତାରିଖ ଓ ସମୟ। | :ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ ଙ୍କ କାର୍ଯ୍ୟାଳୟ ରେ ତା ୨୪.୧୧.୨୦୨୫ ଦିବା ୧୧.୩୦। |
| | IV. Transparent Lottery ର ତାରିଖ ଓ ସମୟ | : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟ ରେ ତା ୦୫.୧୨.୨୦୨୫ ଦିବା ୧୧.୦୦ ଘଟିକା ସମୟ ରେ। |

ଅନଲାଇନ ତଥ୍ୟ ଏହି ୱେବସାଇଟ ର ପ୍ରଦାନ କରାଯାଇଅଛି ।www.tendersorissa.gov.in.

ଅଧିକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

OIPR-

## ୯ରୁ ବିନିକା ଗୋକୁଳାଷ୍ଟମୀ ମହୋତ୍ସବ



**ବିନିକା,୭।୧୧(ସମିସ):** ଆସନ୍ତା ୯ରୁ ୧୬ ତାରିଖ ପର୍ଯ୍ୟନ୍ତ ଗୋକୁଳାଷ୍ଟମୀ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ବିନିକା ସ୍ପୋର୍ଟସ କ୍ଲବ୍‌ଠାରେ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟି ସଭାପତି ତଥା ଗୁରୁ ମନୋଜ ଦାସ ସୂଚନା ଦେଇଛନ୍ତି। ୯ ତାରିଖରେ ଅଧିବାସ, ୧୦ରେ କୃଷ୍ଣଜନ୍ମ, ୧୧ରେ କୃଷ୍ଣ - ବଳରାମଙ୍କୁ ଗୋବର୍ଦ୍ଧନ ମଲ୍ଲଙ୍କ ଗୋଚାରଣ ବିଦ୍ୟା ପ୍ରଦାନ,୧୨ରେ କୃଷ୍ଣ- ବଳରାମଙ୍କ ବଣଗମନ, ଷଣ୍ଢାସୁର ବଧ,୧୩ରେ କଂସ ଦରବାର, ବକାସୁର ବଧ,୧୪ରେ ଦୋଳଲୀଳା,୧୫ରେ କଂସର ରଙ୍ଗସଭା, ଅର୍ଘାସୁର ବଧ,୧୬ରେ କୃଷ୍ଣ ବଳରାମଙ୍କ ନଗର ପରିକ୍ରମା ଓ କଳାମାଣିକ ଅନୁଷ୍ଠିତ ହେବ। ବିନିକା ଦଧିବାମନ ମନ୍ଦିର ସମ୍ମୁଖ ଗୋପପୁର ଏବଂ ଯୋଗେଶ୍ୱର ମନ୍ଦିର ବନଦୁର୍ଗା ପ୍ରାଙ୍ଗଣ ମଥୁରା ନଗରୀ ଆଖ୍ୟା ଦିଆଯାଇଥିବା ଶ୍ରୀ ଦାସ ସୂଚନା ଦେଇଥିଲେ। ଏଥିରେ କମିଟି ଉପଦେଷ୍ଟା ସୂର୍ଯ୍ୟନାରାୟଣ ଦାସ ଯୋଗଦେଇ ପ୍ରଚାର ପ୍ରସାରରେ ମିଡିଆ ବନ୍ଧୁମାନଙ୍କ ସହଯୋଗ ଯୋଗୁଁ ଏହି ଗୋକୁଳାଷ୍ଟମୀ ଲୀଳା ନାଟକରୁ ଯାତ୍ରା ପରେ ମହୋତ୍ସବରେ ପରିଣତ ହୋଇ ରାଜ୍ୟ ଓ ଦେଶରେ ପରିଚିତ ସୃଷ୍ଟି କଲାଣି। ସାଂସ୍କୃତିକ ସମ୍ପାଦକ ପଦ୍ମଲୋଚନ ସାହୁ(କାହ୍ନା) ମହୋତ୍ସବକୁ ଆକର୍ଷଣୀୟ କରିବା ନେଇ ରାଜ୍ୟର ବିଭିନ୍ନ ସ୍ଥାନରୁ କଳାକାର, ସଙ୍ଗୀତଜ୍ଞ ଆସୁଛନ୍ତି ବୋଲି କହିଥିଲେ। ଶୁଭମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନୂଆଁ ରାମାୟଣ କାହାଣୀ ଶୁଣ' ମଞ୍ଚସ୍ଥ



**ବୌଦ୍ଧ,୭ ।୧୧(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ଗୁଡ଼ିଘର ନିକଟରେ ନାଟକ 'ନୂଆଁ ରାମାୟଣ କାହାଣୀ ଶୁଣ' ମଞ୍ଚସ୍ଥ ହୋଇଛି। କୀର୍ତ୍ତନ ରଣା ଏହି ନାଟକର ରଚନା କରିବା ସହ ନିର୍ଦ୍ଦେଶନା ଦେଇଥିଲେ। ଏହି ଅବସରରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାରୁତି ଯୁବକ ସଂଘର ସଭାପତି ସହସ୍ରାଂଶୁ ମିଶ୍ର, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ପୂର୍ବତନ ଅଧ୍ୟକ୍ଷ ମନରଞ୍ଜନ ପୁରୋହିତ, ମାରୁତି ଯୁବକ ସଂଘର ସମ୍ପାଦକ ଜଗଦୀଶ ବାରିକ, ସହ ସମ୍ପାଦକ ପ୍ରକାଶ ବାରିକ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ କୋଷାଧ୍ୟକ୍ଷ ଦେବ ନାରାୟଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ଦିଲ୍ଲୀପ ପ୍ରଧାନ, ରବି ପ୍ରଧାନ, ବଭ୍ରୁବାହନ ରଣା, ବିମଳ ପ୍ରଧାନ, କରୁଣା ପ୍ରଧାନ, ଈଶ୍ୱର ପ୍ରଧାନ, ମହେନ୍ଦ୍ର ପ୍ରଧାନ, ଦୁଷ୍ମନ୍ତ ବାରିକ, ଶୁଭମ ପ୍ରଧାନ, ଟୁକୁନା ଗଡ଼ନାୟକ, ଚତୁରୁ ପ୍ରଧାନ, ଦୀପକ ପ୍ରଧାନ, ବର୍ଣ୍ଣି ବାରିକ, ସୁନୀଲ ନାଏକ, କାହ୍ନା ଥପା, ଲିକୁନ ବେହେରା, କାହ୍ନା ପ୍ରଧାନ, ରାକେଶ ବେହେରା ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନ ଜିଣିଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ମାରୁତି ଯୁବକ ସଂଘର ସଭ୍ୟ ସୁରେନ୍ଦ୍ର ବେହେରା, ଗଜେନ୍ଦ୍ର ପ୍ରଧାନ, ଗାର୍ଗବ ପ୍ରଧାନ, ଚତୁରୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଦର୍ଶ ସଂସଦ କାର୍ଯ୍ୟକ୍ରମ



**ବୌଦ୍ଧ,୭ ।୧୧(ସମିସ):** ବୌଦ୍ଧ ଟାଉନ ହଲ୍ ପରିସରରେ ଆଦର୍ଶ ସଂସଦ କାର୍ଯ୍ୟାଳୟ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ବୌଦ୍ଧ ବିଇଓ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ବିଇଓ ହାଡ଼ିବନ୍ଧୁ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଦର୍ଶ ସଂସଦ ଅନୁଷ୍ଠିତ ହୋଇଥିଲା।

## ବାଇକରୁ ଗଞ୍ଜେଇ ଜବତ୍, ଜଣେ ଗିରଫ

**ବୌଦ୍ଧ ,୭ ।୧୧(ସମିସ):** ଘଣ୍ଟାପଡା ଥାନା ପୁଲିସ ଏକ ବାଇକରୁ ୭୦ କେଜି ଗଞ୍ଜେଇ ଜବତ କରିବା ସହ ଜଣକୁ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୀରେନ୍ଦ୍ର ପ୍ରଧାନ (୪୫)। ଘଣ୍ଟାପଡ଼ା ପୁଲିସ ସିଲେଟ ପଡ଼ା ଛକରୁ ଉଡେନ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ତାକୁ ଧରିଥିଲା। ସନ୍ଦେହ କରି ଅଟକାଇଥିଲା। ଯାଞ୍ଚ ପରେ ଗଞ୍ଜେଇ ମିଳିଥିଲା।



# ହରଭଙ୍ଗାରେ ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା






**ହରଭଙ୍ଗା,୭ ।୧୧(ସମିସ)**

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଅକ୍ଟୋବର ୯ରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପରୀପ୍ରେକ୍ଷୀରେ ଶୁକ୍ରବାର ବିଜେଡି ପକ୍ଷରୁ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କମିଟି ପକ୍ଷରୁ ହରଭଙ୍ଗାରୁ ପୁରୁଣାକଟକ ପର୍ଯ୍ୟନ୍ତ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ହରଭଙ୍ଗା ହାଇସ୍କୁଲଠାରୁ ଶହ ଶହ କର୍ମୀଙ୍କ ଗହଣରେ ପଦଯାତ୍ରା ଶୁଭାରମ୍ଭ ହୋଇଥିଲା। ଏହା ହରଭଙ୍ଗା ଗ୍ରାମ ଏବଂ ବଜାର ପରିକ୍ରମା ପରେ ଛତ୍ରଙ୍ଗ ଦେଇ ଚାରିଛକ, ପୁରୁଣାକଟକ ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚି ଥବଲା। ବ୍ଲକ ସଭାପତି ପଙ୍କଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ



ଅମାତ, ବୌଦ୍ଧ ଏନଏସି ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଆଇନଜୀବୀ ଅଶୋକ ସାହୁ ,ପୁରୁଣାକଟକ ସରପଞ୍ଚ ଅଶୋକ ସେଠୀ, ସୁବୋଧ ପ୍ରଧାନ, ଯୁବନେତା ଅବକାଶ ସାହୁ, ପ୍ରଦୀପ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସଭାପତି ପ୍ରଦୀପ ଅମାତ୍ ଡବଲ ଇଞ୍ଜିନ ସରକାରଙ୍କୁ କଟାକ୍ଷ କରିଥିଲେ। ବିଜେଡି ସରକାରରେ ୨୪ବର୍ଷ ମଧ୍ୟରେ ଯେଉଁ ବିକାଶର ଗାଡ଼ି ଦ୍ରୁତ ଗତିରେ ଆଗେଇ ଚାଲିଥିଲା ଆଜି ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି। ମାତ୍ର ଦେଢ ବର୍ଷର ମାସର ମୋହନ ସରକାର ରାଜ୍ୟ ଚଳାଇବାରେ ଆଣ୍ଠେଇ ପଡିଛନ୍ତି। ରାଜ୍ୟରେ ଏହି ସମୟ ମଧ୍ୟରେ ଯେଉଁମାତ୍ରାରେ ମହିଳାଙ୍କ ଉପରେ ନିର୍ଯାତନା ବଢିଛି ତାହା ନ କହିବା ଭଲ। ସେହିଭଳି ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଖଣିଜ ସମ୍ପଦ ଲୁଟ୍ ବୃଦ୍ଧି ପାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିଛି ବୋଲି ଶ୍ରୀ ଅମାତ କହିଥିଲେ।

## ସାଇବର ସୁରକ୍ଷା ଅଭିଯାନ ଆରମ୍ଭ



**କଣ୍ଠାମାଳ,୭ ।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଠାମାଳ ବ୍ଲକ୍ ଅଞ୍ଚଳରେ କଣ୍ଠାମାଳ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ରଥ ପରିକ୍ରମା କରିଛି। ପ୍ରଥମେ ରୁଣ୍ଡି ମହୁଲରେ ସ୍ୱାଗତ କରାଯାଇଥିଲା। କଣ୍ଠାମାଳ ବ୍ଲକ୍ ଛକରୁ କଣ୍ଠାମାଳ ଥାନା ଅଧିକାରୀ ରଞ୍ଜିତ ମୁନିଙ୍କ ନେତୃତ୍ୱରେ କଣ୍ଠାମାଳର ହାଇସ୍କୁଲର ଛାତ୍ରଛାତ୍ରୀ, କଣ୍ଠାମାଳ ସରସ୍ୱତୀ ଶିଶୁ ମନ୍ଦିର, ମଧ୍ୟଇଂରାଜୀ ବିଦ୍ୟାଳୟ, କଣାମାଳ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରଛାତ୍ରା, ଶିକ୍ଷତ ଶିକ୍ଷୟିତ୍ରୀ, କଣ୍ଠାମାଳ ଅଞ୍ଚଳର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଯୋଗଦେଇ ପ୍ରଥମେ ବ୍ଲକ୍ ଛକରେ ପୂଜାର୍ଚ୍ଚନା କରି ହାଟପଦା ଛକ ବସ୍‌ଷ୍ଟେଣ୍ଡ ଦେଇ ହାଇସ୍କୁଲ ପଡ଼ିଆରେ ପହଞ୍ଚିଥିଲେ। ଶିଶୁ ବିକାଶ ଅଧିକାରୀ ପଙ୍କଜିନୀ ମିଶ୍ର, ବସନ୍ତ ଖଟୁଆ, ବିଶିକେଶନ ବେହେରା, ଦୀପକ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।

## 'ବନ୍ଦେ ମାତରମ୍'ର ୧୫୦ବର୍ଷ ପୂର୍ତ୍ତି



**ବୌଦ୍ଧ,୭ ।୧୧(ସମିସ):** ବଘିଆପଡା ପାଳଝାରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ବନ୍ଦେ ମାତରମ୍ ସଂଗୀତର ୧୫୦ବର୍ଷ ପୂର୍ତ୍ତି ପାଳନ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ତପନ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ଡା. କବିତା ମିଶ୍ର ଓ ଡା. ମୟୂରୀ ସିଂ ସର୍ଦ୍ଦାର ପରିଚାଳନା କରିଥିଲେ। ଆଗ୍ରୋ ପଲିଟେକନିକର ଛାତ୍ର, ଛାତ୍ରୀ ଓ କର୍ମଚାରୀ, ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ବନ୍ଦେ ମାତରମ୍ ସଂଗୀତ ଗାନ କରିଥଲେ। ଏହି ଅବସରରେ ସମସ୍ତେ ଏହି ସଂଗୀତର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ।

## ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ବିନିକା,୭।୧୧(ସମିସ):** ବିନିକା ସହରକୁ ସୁନ୍ଦର କରିବା ସହ ଅଣଓସାରିଆ ରାସ୍ତା ଗୁଡ଼ିକୁ ପ୍ରଶସ୍ତିକରଣ ପାଇଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବିନିକା ମହିଳା କଲେଜ ଠାରୁ ନେପାକ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ସରକାରୀ ଜମିରେ ଥିବା ଘର, ଦୋକାନ ଗୁଡ଼ିକୁ ଜେସିବି ମେସିନ ସହାୟତାରେ ଉଚ୍ଛେଦ କରାଯାଉଥିବା ଦେଖିବାକୁ ମିଳିଥିଲା । ସୂଚନା ଯୋଗ୍ୟ ଯେ ରାସ୍ତାର ପ୍ରଶସ୍ତିକରଣ ପାଇଁ ମାପ କରାଯାଇ ଜବରଦଖଲକାରୀମାନଙ୍କୁ ସେଠାରୁ ଅପସରି ଯିବାକୁ ପ୍ରଶାସନ ନୋଟିସ କରିଥିଲା। ନିର୍ଦ୍ଧାରିତ ତାରିଖରେ ଉଚ୍ଛେଦ ପୂର୍ବରୁ ଡାକବାଜି ଯନ୍ତ୍ର ସହାୟତାରେ ସୂଚନା ଦିଆଯାଇଥିଲା। ତେବେ ମାଜିଷ୍ଟ୍ରେଟ ଦୟାରାମ୍ ମେହେରଙ୍କ ନେତୃତ୍ୱରେ ପୁଲିସ ଫୋର୍ସ, ଅଗ୍ନିଶମ କର୍ମଚାରୀ, ପରିଷଦ କର୍ମଚାରୀ ଉପସ୍ଥିତିରେ ଦିନ ୧୦ଘଣ୍ଟାରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି।



## ଡ. ସଦାନନ୍ଦ ଅଗ୍ରୱାଲଙ୍କ ଜୟନ୍ତୀ



**ତରଭା,୭।୧୧(ସମିସ):** ଓଡ଼ିଶାର ବିଶିଷ୍ଟ ଐତିହାସିକ, ଲେଖକ, ଲିପିବିତ୍ ସ୍ୱର୍ଗତ ଡ.ସଦାନନ୍ଦ ଅଗ୍ରୱାଲଙ୍କ ୭୩ତମ ଜୟନ୍ତୀ ଶୁକ୍ରବାର ତରଭା ବ୍ଲକ ଅଧୀନ ମେଣ୍ଟା ମହର୍ଷି ବୁଦ୍ଧରାମ ଡିଗ୍ରୀ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ରଥ, ବରିଷ୍ଠ ଅଧ୍ୟାପକ ମଧୁମଙ୍ଗଳ ଖମାରୀ, ଅଧ୍ୟାପିକା ରୋଜି ମାହାଣା ଏବଂ ସ୍ୱର୍ଗତ ଅଗ୍ରୱାଲଙ୍କ ପୁତ୍ର ସିଦ୍ଧାର୍ଥ ଅଗ୍ରୱାଲ, ଧୀରେନ୍ଦ୍ର ଝାଙ୍କର ଡ. ଅଗ୍ରୱାଲଙ୍କ ମେଣ୍ଟା କଲେଜର ପ୍ରତିଷ୍ଠା ସହ ସାହିତ୍ୟ, ଇତିହାସ,ସଂସ୍କୃତି ତଥା ଅଞ୍ଚଳ ପ୍ରତିଥିବା ଅବଦାନ ଉପରେ ଆଲୋକପାତ କରିଥିଲେ। ଇଂରାଜୀ ଅଧ୍ୟାପକ ଉମାକାନ୍ତ ନାଗ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ବିକାଶ ଝାଙ୍କର, ବିଜୟ କୁମାର ନାଗ, ବୈଶାଖୁ ମାଝୀ, ଅଧ୍ୟାପିକା ସସ୍ମିତା ମେହେରଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରତିବର୍ଷ କଲେଜର ଟପ୍ପର ହୋଇଥିବା ଛାତ୍ରଛାତ୍ରୀଙ୍କୁ ସଦାନନ୍ଦ ଅଗ୍ରୱାଲ ମେଧା ଛାତ୍ର ସମ୍ମାନ ପ୍ରଦାନ ପାଇଁ ତାଙ୍କର ପରିବାର ତରଫରୁ ଜମା ଟଙ୍କା ମଧ ଆଜି କଲେଜକୁ ପ୍ରଦାନ କରାଯାଇଥିଲା।

## ବାର୍‌ହା ମାଂସ ଜବତ, ଦୁଇ ଗିରଫ

**ପୁରୁଣାକଟକ/ହରଭଙ୍ଗା,୭ ।୧୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମାଧପୁର ଫରେଷ୍ଟ ରେଞ୍ଜ ଅଧୀନ ରାଣିଗଞ୍ଜ ଜଙ୍ଗଲ ନିକଟରେ ବିଭାଗ ଚଢଉ କରି ୩୪ କେଜି ବାର୍‌ହା ମାଂସ ଜବତ କରିଛି। ଏହି ଘଟଣାରେ ରାଣିଗଞ୍ଜ ଗ୍ରାମର କପିନ୍ଦ୍ର ମାଝୀ (୬୫) ଏବଂ ସତ୍ୟ ବେହେରା (୫୭) ଗିରଫ ହୋଇଛନ୍ତି। ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲରୁ ଏକ ବାର୍‌ହା ଶିକାର କରାଯାଇ ଜଙ୍ଗଲରେ ମାଂସ କଟାଚାଲିଥିବା ସମ୍ପର୍କରେ ବନ ବିଭାଗ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇଥିଲା। ଖବର ପାଇବା ପରେ ମାଧପୁର ରେଞ୍ଜ ଅଫିସର ଆଶିକ ଦିଗାଲଙ୍କ ନେତୃତ୍ୱରେ ଏକ ଟିମ୍ ରାଣିଗଞ୍ଜ ଜଙ୍ଗଲ ନିକଟରେ ଚଢଉ କରିଥିଲା। ଏହି ସମୟରେ ସେଠାରେ ମାଂସ କଟା ଚାଲିଥିଲା। ବନ ବିଭାଗ ୩୪ କେଜି ବାର୍‌ହା ମାଂସ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲା। ଏହି ଚଢଉରେ ବାରିଙ୍ଗ ଫରେଷ୍ଟର ଭକ୍ତବତ୍ସଳ ମଲ୍ଲିକ, ବନରକ୍ଷୀ ସୁବଳ ପ୍ରଧାନ, ମଞ୍ଜୁଲତା ସାହୁଙ୍କ ସମେତ ସ୍କ୍ୱାଡ୍ ସାମିଲ ଥିଲେ।



# ମନମୁଣ୍ଡାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ନାହାନ୍ତି

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ପଦବୀ ଖାଲି

**ଶଗଡ଼ା,୭ ।୧୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ହେବ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ନାହାନ୍ତି। ଏହି ଡାକ୍ତର ନିଯୁକ୍ତି ଦାବିରେ ପୂର୍ବରୁ ଅଞ୍ଚଳବାସୀଙ୍କ ପକ୍ଷରୁ ଅନେକ ଥର କଣ୍ଠାମାଳ ବିଧାୟକ, ମେଡିକାଲ ଇନଚାର୍ଜ, ସିଡିଏମଓ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି; ହେଲେ ଡାକ୍ତର ଅଭାବ ଦର୍ଶାଇ ଏହି ପଦବୀ ପୂରଣ କରାଯାଉନି। ଏଣୁ ମନମୁଣ୍ଡା ଅଞ୍ଚଳର ୫୦ ହଜାରରୁ ଅଧିକ ଲୋକ ହାତ ପାହାନ୍ତାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଥାଇ ମଧ୍ୟ ଏଥିରୁ ବଞ୍ଚିତ ହେଉଛନ୍ତି। ଏଣୁ ବାଧ୍ୟ ହୋଇ ଲୋକଙ୍କୁ ସ୍ଥାନୀୟ କ୍ୱାକ୍ ଓ ପଡୋଶୀ ସୁବର୍ଣ୍ଣପୁର ଜିଲ୍ଲା ଉପରେ ନିର୍ଭର କରିବାକୁ ପଡୁଛି। ଦିନେ ଏହି ମନମୁଣ୍ଡା ମେଡିକାଲ ଜିଲ୍ଲାର ସ୍ୱାସ୍ଥ୍ୟ ମାନଚିତ୍ରରେ ଏକ ନମ୍ବର ଥିଲା। ଡାକ୍ତର ଅଭାବରୁ ଏବେ ଏହା ନିଜର ପରିଚୟ ହରାଇ ବସିଛି। ୨୦୦୯ରୁ ୨୦୨୧ ପର୍ଯ୍ୟନ୍ତ ଏଠାରେ ସୁନାମଧନ୍ୟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଅମିତ ଜେନା ଓ ପରେ ଡାକ୍ତର ମନୋଜ ନାଏକଙ୍କ ବେଶ୍ ନାଁ ରହିଥିଲା। ସେମାନେ ନିରବଚ୍ଛିନ୍ନ ଚିକିତ୍ସା ସୁବିଧା ଦେଉଥିଲେ। ବୌଦ୍ଧ ଜିଲ୍ଲା ସମେତ ପଡୋଶୀ କନ୍ଧମାଳ, ସୁବର୍ଣ୍ଣପୁର ଓ ଅନୁଗୋଳ ଜିଲ୍ଲାରୁ ଗର୍ଭବତୀମାନେ ଆସି ସୁରକ୍ଷିତ ପ୍ରସବ କରି ନିଜ ଘରକୁ ଫେରୁଥିଲେ; ହେଲେ ଏବେ ଡାକ୍ତର ଅଭାବରୁ ମନମୁଣ୍ଡା ଡାକ୍ତରଖାନାକୁ ଆଉ ପ୍ରସୂତିମାନେ ଆସୁ ନାହାନ୍ତି କହିଲେ ଚଳେ। ଏହି ଡାକ୍ତରଖାନା ଏବେ ଖାଁ ଖାଁ ଲାଗୁଛି। ଡାକ୍ତର ପଦବୀ ପୂରଣ ଦିଗରେ ଜିଲ୍ଲା ପ୍ରଶାସନ କି ସ୍ୱାସ୍ଥ୍ୟ ବିଭାଗ କେହି ବି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସରକାର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଅନେକ ଯୋଜନା କରି କୋଟି

ପଡୋଶୀ ଜିଲ୍ଲାକୁ ଯାଉଛନ୍ତି ପ୍ରସୂତି
ଅସମୟରେ କ୍ୱାକ୍ ହିଁ ଲୋକଙ୍କ ଭରସା
ମନ୍ତ୍ରୀ, ବିଧାୟକଙ୍କ କଥାର ମୂଲ୍ୟ ରହୁନି
ତେଜୁଛି ଜନ ଅସନ୍ତୋଷ



କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଠି କିନ୍ତୁ ଦୀର୍ଘ ବର୍ଷ ହେବ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ନ ହେବା ସରକାରଙ୍କ ସ୍ୱାସ୍ଥ୍ୟସେବାକୁ ଉପହାସ କରୁଛି। ସ୍ଥାନୀୟ ଲୋକେ କଣ୍ଠାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ ମଧ୍ୟ ଅନେକ ଥର ସାକ୍ଷାତ କରି ଡାକ୍ତର ପଦବୀ ପୂରଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ବିଧାୟକ ଶ୍ରୀ ଡାଙ୍ଗ ମଧ୍ୟ ବିଧାନସଭାରେ ମନମୁଣ୍ଡା ଓ କଣ୍ଠାମାଳ ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ ଲାଗି ଦାବି କରିଥିଲେ; ହେଲେ ଏହାର କୌଣସି ମୂଲ୍ୟ ରହିନି। ସେହିଭଳି ମନମୁଣ୍ଡାବାସୀ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ମଧ୍ୟ ଲୋକେ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବ ଶୀଘ୍ର ଡାକ୍ତର ପଦବୀ ପୂରଣ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ କଥାର ମୂଲ୍ୟ ମଧ୍ୟ ରହିନାହିଁ। ଇତି ମଧ୍ୟରେ ଏକ ବର୍ଷରୁ ଅଧିକ ସମୟ ବିତି ଗଲାଣି।

ଏଠାରେ ଡାକ୍ତର ପଦବୀ ପୂରଣ ହୋଇ ନ ପାରିବା ପରିତାପର ବିଷୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଖୁବ୍ ଶୀଘ୍ର ମନମୁଣ୍ଡାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ନ କଲେ ଜନ ଆନ୍ଦୋଳନ ମୁଣ୍ଡ ଟେକିବା ଜଳ ଜଳ ଦିଶୁଛି। ସମୟଥାଉ ଥାଉ ଏହା ଉପରେ ସରକାର, ସ୍ଥାନୀୟ ପ୍ରଶାସନ, ଜିଲ୍ଲା ପ୍ରଶାସନ ସମନ୍ୱୟ ରଖି ଏହି ସମସ୍ୟାର ସମାଧାନ କରିବା ଜରୁରି ହୋଇ ପଡିଛି।

### ବଲାସିଙ୍ଗା ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା

# ଆଠମଲ୍ଲିକ, ବୌଦ୍ଧ ବିଜୟୀ



**ବୌଦ୍ଧ,୭ ।୧୧(ସମିସ):** ବୌଦ୍ଧ ବ୍ଲକ ବଢ଼ିଗାଁ ପଞ୍ଚାୟତ ବଲାସିଙ୍ଗା ସାଲୁଙ୍କି ଫୁଟବଲ ପଡିଆରେ ବଲାସିଙ୍ଗା ବାପୁଜୀ ୟୁଥ୍ ଫୁଟବଲ ସଂଘ ଆନୁକୂଲ୍ୟରେ ୩୭ତମ ନକ୍ ଆଉଟ୍ ଫୁଟବଲ କପ୍ ପ୍ରତିଯୋଗିତା ଚାଲିଛି। ପଞ୍ଚମ ଦିନର ପ୍ରଥମ ମ୍ୟାଚ ଆଠମଲ୍ଲିକ ଓ ସରସରା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଠମଲ୍ଲିକ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବୌଦ୍ଧ ଓ ମୁରୁଶୁଣ୍ଢୀ ମଧ୍ୟରେ ଖେଳ ହୋଇଥିଲା। ବୌଦ୍ଧ ୨-୦ ଗୋଲରେ ବିଜୟୀ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କିରଟି ପ୍ରଧାନ ଯୋଗ ଦେଇଥିଲେ। ଖେଳକୁ ଅମିତ ନାଏକ, ମାନଭଞ୍ଜନ ମହାରଣା, ଚନ୍ଦନ ମହାରଣା ଓ ବଳରାମ ବେହେରା ପରିଚାଳନା କରିଥିଲେ। ଶୁକ୍ରବାର ଗିରାସିଙ୍ଗା ଓ ମନୁପାଲି ଏବଂ କନାପଡା ଓ ମୁରୁଶୁଣ୍ଢୀ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପରିମଳ କମିଟି ପୁନର୍ଗଠିତ



**ବୀରମହାରାଜପୁର, ୭ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ଫୁଲା ପଞ୍ଚାୟତ ସଭା ଗୃହରେ ସରପଞ୍ଚ ଶ୍ରୀୟା କର୍ମୀଙ୍କ ପୌରୋହିତ୍ୟରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପରିମଳ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ପରେ କମିଟି ପୁନର୍ଗଠିତ ହୋଇଥିଲା। ଏଥିରେ କମିଟି ସଭାନେତ୍ରୀ ଭାବରେ ସରପଞ୍ଚ ଶ୍ରୀୟା କର୍ମୀ ଓ ସମ୍ପାଦିକା ଭାବରେ ଏମ୍‌ପି. ଏଚ୍‌ଡବ୍ଲୁ (ମହିଳା) ନିରୁପମା ବକଟି, ସଭ୍ୟ ଭାବରେ ଏମପି. ଏଚଡ.ବ୍ଲୁ (ପୁରୁଷ) ପ୍ରଶନ୍ନ କୁମାର ସାହୁ, ଆଶା ପ୍ରତିଭା ଟାଲି, ଦମୟନ୍ତୀ ନାଏକ, ପାର୍ବତୀ ଛନ୍ଦ, ମଧୁସ୍ମିତା ଖମାରୀ, ସୁବର୍ଣ୍ଣ ଖପର୍ଦ୍ଧିଆ, ସବିତା ମଲ୍ଲିକ, ଶିକ୍ଷକ ସୋମନାଥ ମିଶ୍ର, ଅଙ୍ଗନବାଡି କର୍ମୀ ପ୍ରତିଭା ବାରିକ, ଲକ୍ଷ୍ମୀପ୍ରିୟା ଡାଙ୍ଗ ମନୋନୀତ ହୋଇଥିଲେ। ଆଲୋଚନାରେ ଅନଟାଏଇଡ ପାଣ୍ଠି ଉପସ୍ୱାସ୍ଥ୍ୟ କେନ୍ଦ୍ର ମରାମତି, ସ୍ୱାସ୍ଥ୍ୟ ଉପକରଣ କ୍ରୟ, ଭିଏଚ୍‌ଏନ୍‌ଡି ପାଇଁ ପରୀକ୍ଷା ଉପକରଣ, ଯନ୍ତ୍ରପାତି କ୍ରୟ, ଇଣ୍ଟରନେଟ ସୁବିଧା, ଅମ୍ଳାନ ପ୍ରୋଗ୍ରାମ ପାଇଁ ଉପକରଣଚ କିଣିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା।

# ଆରଏସଏସ୍ ଶତାବ୍ଦୀ କାର୍ଯ୍ୟକ୍ରମର ଆଲୋଚନା

**ବୌଦ୍ଧ, ୭ ।୧୧(ସମିସ):** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ଅବସରରେ ଆଲୋଚନା କରାଯାଇଛି। ସମ୍ବଲପୁର ଜିଲ୍ଲା କମ୍ପରା ମଠର ସ୍ୱାମୀ ଜୀବନ ଚୈତନ୍ୟ ଜୀ ମହାରାଜ ବୌଦ୍ଧସ୍ଥିତ ସଂଘ କାର୍ଯ୍ୟାଳୟରେ



ଜିଲ୍ଲାର ସଂଘ କାର୍ଯ୍ୟକର୍ତ୍ତାଙ୍କ ସହ ସପ୍ତସୁତ୍ରୀ କାର୍ଯ୍ୟକ୍ରମ ଓ ପଞ୍ଚ ପରିବର୍ତ୍ତନର କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରିଥିଲେ। ବାଧା, ବିଘ୍ନ ଓ ଘାତ ପ୍ରତିଘାତକୁ ଅତିକ୍ରମ କରି ସଂଘ ଆଗେଇ ଚାଲିଛି। ଲକ୍ଷ୍ୟ ପୂରଣ କରିବା ଦିଗରେ ପ୍ରୟାସ ଜାରି ରହିଛି ବୋଲି ସ୍ୱାମୀଜୀ କହିଥିଲେ। ଜିଲ୍ଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ହରଭଙ୍ଗା ଖଣ୍ଡ ସଙ୍ଘ ଚାଳକ ରାଜକିଶୋର ଅଗ୍ରୱାଲ, ରଘୁନାଥ ଷଡ଼ଙ୍ଗୀ, ନିର୍ଗୁଣ ମହାକୁଡ଼, ଲକ୍ଷ୍ମୀକାନ୍ତ ଜାନୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଘାଟିତ




**ବୌଦ୍ଧ, ୭ ।୧୧(ସମିସ):** ବୌଦ୍ଧ ଟାଉନ ହଲ୍‌ରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଅଧିକାରୀ ଟେମଲାଲ୍ ଦୁବେଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ବୌଦ୍ଧ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ। କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି ଧନ୍ୟବାଦ ଅର୍ପଣ କରିଥିଲେ।

# ଯୌତୁକ ନିଷେଧ ଆଇନ ଉପରେ ପ୍ରଶିକ୍ଷଣ

**ଭବାନୀପାଟଣା, ୭ ।୧୧(ସମିସ) :**ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ କଳାହାଣ୍ଡି ଦ୍ୱାରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହରେ 'ଯୌତୁକ ନିଷେଧ ଆଇନ୧୯୬୧' ବିଷୟରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଶିକ୍ଷଣରେ ଘରୋଇ ହିଂସା (ନିବାରଣ) ଅଧିନିୟମ, ୨୦୦୫, ପୀଡିତାଙ୍କ ପାଇଁ ଉପଲବ୍ଧ ସହାୟତା ସେବା, ପରାମର୍ଶ ପ୍ରକ୍ରିୟା ଏବଂ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହା ସହିତ ଘରୋଇ ହିଂସା ପ୍ରତିରୋଧ ପାଇଁ ସମାଜିକ ସଚେତନତା, ପୀଡିତାଙ୍କ ପକ୍ଷରେ ସମୟୋପଯୋଗୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ମଧ୍ୟ ଆଲୋଚନା କରାଯାଇ ଆଗାମୀ ଦିନ ପାଇଁ ଯୋଜନା ପ୍ରସ୍ତୁତି କରାଯାଇଥିଲା। ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁର, ଜେଜେବି ସଦସ୍ୟ ସ୍ୱର୍ଣ୍ଣଲତା ମହାନ୍ତି, ପୁଲିସ ନିରୀକ୍ଷକ ପ୍ରତିଭା ପାଢି ଉପଖଣ୍ଡ ସ୍ତରୀୟ ପ୍ରୋଗ୍ରାମ ଅଫିସର ଆଶା ରଣୀ ସାହୁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଜିଲ୍ଲା ମହିଳା ହବ୍ ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ ଏଡଏଟ ଆକ୍ସନ ଦିବ୍ୟ ରଞ୍ଜନ ଯୋଶୀ, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ ଏବଂ ଏଫସିସିର ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ମହିଳା ହବ୍ ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ ସମସ୍ତଙ୍କୁ ସ୍ୱାଗତ ଜଣାଇ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ଘରୋଇ ହିଂସା ରୋକିବାରେ ଯୌତୁକ ପ୍ରଥା ନିରାକରଣର ଭୂମିକାକୁ ସମସ୍ତଙ୍କୁ ବୁଝାଇଥିଲେ।ତାଲିମଦାତା ସୁଧାଂଶୁ କୁମାର ନନ୍ଦ ଯୌତୁକ ସମ୍ବନ୍ଧୀୟ ସମସ୍ତ ଆଇନ ଓ ଦଣ୍ଡବିଧାନ ଉପସ୍ଥାପନ କରିଥିଲେ।ପୁଲିସ ନିରୀକ୍ଷକ ପ୍ରତିଭା ପାଢି ଚଳିତ ସମୟରେ ଯୌତୁକ ପ୍ରଥାକୁ ନେଇ ଘଟୁଥିବା ବିଭିନ୍ନ ଘଟଣାବଳି ଉପସ୍ଥାପନ କରିଥିଲେ।ଶେଷରେ ଜିଲ୍ଲା ସଂଯୋଜକ ଏଡଏଟଏଟ୍ ଆକ୍ସନ, ଦିବ୍ୟ ରଞ୍ଜନ ଯୋଷି ଯୌତୁକ ନିବାରଣ ଉପରେ ଆଧାରିତ ଏକ ଶପଥ ପାଠ ସମସ୍ତ ଅଂଶ ଗ୍ରହଣକରିଙ୍କୁ ନେଇ କରାଇଲେ ଏବଂ ଶେଷରେ ଧନ୍ୟବାଦ ଜଣାଇଲେ।

ଲାଞ୍ଜିଗଡ଼ ଓ ତ୍ରିଲୋଚନପୁର ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଗଛକଟା

# ଗ୍ୟାସ୍ ପାଇପ୍ ଲାଇନ ପାଇଁ ଜଙ୍ଗଲ ଧ୍ୱଂସ

**ଲାଞ୍ଜିଗଡ଼, ୭ ।୧୧(ସମିସ)**

ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଜଙ୍ଗଲ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ଠାରୁ ଆରମ୍ଭ କରି ସ୍କୁଲ କଲେଜ ସମେତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ୍ୟ ବୃକ୍ଷ ରୋପଣ କରୁଛନ୍ତି। କିନ୍ତୁ ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳରେ ଗ୍ୟାସ ଲାଇନ ଯିବାକୁ ନେଇ

## ତ୍ରିଲୋଚନପୁର ଗ୍ରାମବାସୀଙ୍କ ବିରୋଧ



ଲାଞ୍ଜିଗଡ଼ ଓ ତ୍ରିଲୋଚନପୁର ରିଜର୍ଭ ଜଙ୍ଗଲରେ ଶତାଧିକ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ କଟା ଚାଲିଛି। ଏହାକୁ ବିରୋଧ କରି ବନ୍ଦ କରିଛନ୍ତି ତ୍ରିଲୋଚନପୁର ଗ୍ରାମବାସୀ। କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ଅଧିନସ୍ଥ ଗନ୍ଧନୀ ରିଜର୍ଭ ଜଙ୍ଗଲରେ ଗଛ କଟାଯାଉଛି। ଏହି ରିଜର୍ଭ ଜଙ୍ଗଲ ଲାଞ୍ଜିଗଡ଼ ବନବିଭାର ଅଧୀନରେ ୩ କିମି ଦୂର ରହିଥିବା ବେଳେ ବିଜେପୁର ବନ ବିଭାଗ ଅଧୀନରେ ୫ କିମି ଦୂର ରହିଛି। ବର୍ତ୍ତମାନ ଏହି ଗ୍ୟାସ ଲାଇନ ପାଇଁ ଓଏଫଡିସି ବିଭାଗ ପକ୍ଷରୁ ୧ କିମି ପର୍ଯ୍ୟନ୍ତ ଶତାଧିକ ବଡ଼ ବଡ଼ ମୂଲ୍ୟବାନ ଗଛ କାଟିଛନ୍ତି। ଏହାକୁ ବିରୋଧ କରି ତ୍ରିଲୋଚନପୁରବାସୀ ଆଜି ଗନ୍ଧନୀ ଗାଁ ନିକଟରେ ଗଛକଟା ସ୍ଥାନକୁ ଯାଇ ଗଛ କାଟିବା ବନ୍ଦ କରିଛନ୍ତି।ତ୍ରିଲୋଚନପୁରବାସୀଙ୍କ କହିବା ଅନୁଯାୟୀ ଲାଞ୍ଜିଗଡ଼ ଠାରୁ ବିଜେପୁରକୁ ସଂଯୋଗ କରୁଥିବା ୧୭ କିମି ରାସ୍ତାରେ ଗଲେ ୮ କିମି ଦୂର ଏହି ରିଜର୍ଭ ଜଙ୍ଗଲ ଦେଇକି ଯିବାକୁ ପଡେ। କିନ୍ତୁ ଏହି ୧୭ କିମି ରାସ୍ତା ନିର୍ମାଣ ପାଇଁ ଆଜିକୁ ୨ ବର୍ଷ ହେଲା ଟେଣ୍ଡର ହୋଇଛି। ରାସ୍ତାଟି ନିର୍ମାଣ କାର୍ଯ୍ୟ ୯ କିମି ଆରମ୍ଭ ହୋଇଛି। କିନ୍ତୁ ଜଙ୍ଗଲ ମଧ୍ୟରେ ରାସ୍ତା କଡରେ ଥିବା ଛୋଟଛୋଟ ଗଛ ରହିଥିବା ବେଳେ ଗଛ କାଟିଲେ କାମ ଆରମ୍ଭ ହେବବୋଲି ଠିକାଦାର ପ୍ରୟାସ ଆରମ୍ଭ କରିଥିବା ବେଳେ ଜଙ୍ଗଲ ବିଭାଗ କଟକଣା ଯୋଗୁଁ କାମ ବନ୍ଦ ରହିଛି ବୋଲି କହୁଛି। କିନ୍ତୁ ଆମ ତ୍ରିଲୋଚନପୁରବାସୀଙ୍କୁ କୌଣସି ସୂଚନା ନଦେଇ ଏବେ ସେହି ରିଜର୍ଭ ଜଙ୍ଗଲକୁ ଗ୍ୟାସ ଲାଇନ ଯୋଗୁଁ ମନଇଚ୍ଛା ଶହ ଶହ ସାଗୁଆନ, ଶାଳ, ହରିଡ଼ା, ବାହାଡା ଭଳି ମୂଲ୍ୟବାନ ଗଛ ରହିଥିବା ବେଳେ ସେହି ମୂଲ୍ୟବାନ ଗଛକୁ ବେଆଇନ ଭାବେ କାଟୁଥିବା ବେଳେ ବନବିଭାଗ କାହିଁକି ନିରବ ସାଜିଛି କହିଛନ୍ତି। ଯାହା ଫଳରେ ବର୍ତ୍ତମାନ ଏକ ବିରାଟ ଧରଣର ରିଜର୍ଭ ଜଙ୍ଗଲରେ ଗଛ କଟା ଚାଲୁଥିବା ବେଳେ ସେଇ ରିଜର୍ଭ ଜଙ୍ଗଲ ବନ୍ୟ ପ୍ରାଣୀଙ୍କ ଆଶ୍ରୟ ମୁଖ୍ୟସ୍ଥଳୀ ହୋଇଛି ବୋଲି ତ୍ରିଲୋଚନପୁରବାସୀ ବିରୋଧ କରି ଗଛ କାଟିବା ସ୍ଥାନକୁ ଆସି ଗଛ କଟା ବନ୍ଦ କରିଛନ୍ତି।ଏନେଇ ବିଶ୍ୱନାଥପୁର ବନାଞ୍ଚଳ ଦାୟିତ୍ୱରେ ଥିବା ଏସିଏଫ୍ ନରୋତ୍ତମ ମାଝୀଙ୍କୁ ପଚାରିବାରୁ ବର୍ତ୍ତମାନ ଗ୍ୟାସ ଲାଇନ ଯିବା ସ୍ଥାନରେ ଗଛ କାଟିବା ପାଇଁ ସରକାରଙ୍କ ତରଫରୁ ଓଏଫଡିସିକୁ ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି।

# ସଞ୍ଚୟ ପକ୍ଷ ଉପଲକ୍ଷେ ଚାରାରୋପଣ ଓ ସଚେତନତା

**ଭବାନୀପାଟଣା, ୭ ।୧୧(ସମିସ):** ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ଶଗଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ ଓ ଆର୍ଥିକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ବିବେକାନନ୍ଦ ମହାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ପୋଷ୍ଟାଲ ସହକାରୀ ସୁପରିଟେଣ୍ଡେଣ୍ଟ ସଞ୍ଜୟ କୁମାର ଦୋରା, ଡିପିଏଲଆଇ. ଅଭିଷେକ ପଣ୍ଡା, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀ କିପରି ଆର୍ଥିକ କ୍ଷେତ୍ରରେ ସଚେତନ ହୋଇ ନିଜର ଆଗାମୀ ଭବିଷ୍ୟତ ପାଇଁ ଆର୍ଥିକ ସ୍ଥିତିର ସୁଧାର ଆଣି ପାରିବେ ସୂଚନା ଦେଇଥିଲେ। ଡାକଘର ମାଧ୍ୟମରେ ଉପଲବ୍ଧ ହେଉଥିବା ବିଭିନ୍ନ ସ୍କିମ୍ ବିଷୟରେ ସୂଚନା ଦେବା ସହିତ ସଞ୍ଚୟ ଖାତା ଖୋଲି କିପରି ଉଠାଇ ପାରିବେ ଅବଗତ କରାଇଥିଲେ।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ଦରୱାନ ଓ ଅନ୍ୟ ଅତିଥିମାନେ ବିଦ୍ୟାଳୟ ପରିସର ମଧ୍ୟରେ ବୃକ୍ଷରୋପଣ କରିଥିଲେ।କାର୍ଯ୍ୟକ୍ରମକୁ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ଶ୍ରୀ ମହାନନ୍ଦ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ବନିତା ସାହୁ ଧନ୍ୟବାଦ ଜଣାଇଥିଲେ।



# କିସ୍ ଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ମାତରମ୍' ଗାନ



**ଭବାନୀପାଟଣା, ୭ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ବାଦିଲିସ୍ଥିତ କିସ୍ ଆବାସିକ ବିଦ୍ୟାଳୟର ଶହ ଶହ ଛାତ୍ରୀଙ୍କୁ ନେଇ ସମୂହ 'ବନ୍ଦେ ମାତରମ୍'ଗୀତ ଗାନ କରାଯାଇଥିଲା। ବନ୍ଦେ ମାତରମ୍ ଗୀତକୁ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ଭାରତ ବର୍ଷରେ ଏହି ଜାତୀୟ ଗୀତକୁ ଗାନ କରାଯାଉଥିବା ବେଳେ କିସ୍ ଛାତ୍ରୀମାନେ ମଧ୍ୟ ସମୂହ ବନ୍ଦେ ମାତରମ୍ ଗାନ କରିଥିଲେ। କିସ୍ ବିଦ୍ୟାଳୟର ଉପକାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ, ଉପପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସୁନିତା ପଣ୍ଡା ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।ଆମର ଜାତୀୟ ଗୀତ 'ବନ୍ଦେ ମାତରମ୍'ଗୀତର ରଚନା କରିଥିଲେ ବଙ୍କିମ ଚନ୍ଦ୍ର ଚାଟାର୍ଜୀ। ଏହି ଗୀତଟି ତାଙ୍କ ଲିଖିତ 'ଆନନ୍ଦ ମଠ'ପୁସ୍ତକରୁ ସଂଯୋଜିତ ଥିଲା। ଏହି ପ୍ରସିଦ୍ଧ ଗୀତଟି ୧୮୭୫ ସେପ୍ଟେମ୍ବର ୭ ତାରିଖରେ ଲେଖାଯାଇ ୧୮୮୨ମସିହାରେ ପ୍ରକାଶ ପାଇଥିଲା। ଶେଷରେ ୧୯୫୦ ମସିହା ଜାନୁଆରୀ ୨୪ତାରିଖରେ ଗୀତଟି ଜାତୀୟ ଗୀତ ଭାବରେ ସ୍ୱୀକୃତି ପାଇଥିଲା।

# କାଶୀବାହାଲ ଚଞ୍ଚରାପଡ଼ାରେ ଭାଲୁ ଆତଙ୍କ

**କୋକସରା, ୭ ।୧୧ (ସମିସ):** ଗତ କିଛିଦିନ ହେଲା କୋକସରା ବ୍ଲକ କାଶୀବାହାଲ ଚଞ୍ଚରାପଡ଼ାରେ ଭାଲୁ ଆତଙ୍କ ଦେଖିବାକୁ ମିଳିଛି। ଭାଲୁ ଗାଁ ମୁହାଁ ହୋଇଥିବାରୁ ଗ୍ରାମବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। କାଶୀବାହାଲ ଚଞ୍ଚରାପଡ଼ା ଠାରୁ ଜୟପାଟଣା ବ୍ଲକ ଗୁନଗୁନିଆ ରାସ୍ତାରେ ଗତ କିଛିଦିନ ହେଲା ଭାଲୁ ଗତିବିଧି ରହିଛି। ଏହି ରାସ୍ତାରେ ଲୋକ ବିଭିନ୍ନ କାର୍ଯ୍ୟରେ ଯାତାୟାତ କରୁଥିଲେ। କିନ୍ତୁ ଭାଲୁର ଆତଙ୍କରେ ଲୋକ ଭୟଭୀତ ହୋଇ ରାସ୍ତାରେ ଯିବା ଆସିବା ଏକ ପ୍ରକାର ବନ୍ଦ କରିଥିବା ବେଳେ କାଁ ଭାଁ ଯାତାୟାତ କରୁଥିବା ଜଣାପଡ଼ିଛି। ଏନେଇ ବନ ଭିବାଗ ଶୀଘ୍ର ଭାଲୁକୁ ଘଉଡେଇବା ପାଇଁ ଜନସାଧାରଣ ଦାବି ହୋଇଛି।

# ରାଧାରାଣୀ ଦାସଙ୍କ ପରଲୋକ



**ଧର୍ମଗଡ଼, ୭ ।୧୧(ସମିସ):** ଧର୍ମଗଡ଼ର ସ୍ୱର୍ଗତ ଆଲୋକ ଦାସଙ୍କ ଧର୍ମପତ୍ନୀ ରାଧାରାଣୀ ଦାସଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥଲା। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ପୁଅ ବୋହୂ, ଝିଅ, ନାତି ନାତୁଣୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସ୍ୱର୍ଗତ ଆଲୋକ ଦାସଙ୍କ ସାନଭାଇ ଆଇନଜୀବୀ ପ୍ରଦୀପ ଦାସଙ୍କ ଠାରୁ ସୂଚନା ମିଳିଛି।ତାଙ୍କ ବିୟୋଗରେ ଧର୍ମଗଡ଼ର ବହୁ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରି ଅତ୍ମାର ସଦଗତି କାମନା କରିଛନ୍ତି।

# ଟ୍ରକ୍ ଧକ୍କାରେ ବ୍ୟବସାୟୀଙ୍କ ମୃତ୍ୟୁ

**ନୂଆପଡ଼ା, ୭ ।୧୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଉଦ୍ୟାନବନ୍ଧ ଆମ୍ବେଦକର ଛକ ନିକଟରେ ଏକ ଟ୍ରକ ଧକ୍କାରେ ଭଗତରାମ ମାଝୀ(୪୫) ନାମକ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଉତ୍ୟକ୍ତ ଗ୍ରାମବାସୀ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରି କ୍ଷତିପୂରଣ ଦାବି କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟାରେ ଛକ ନିକଟରେ ଉଦ୍ୟାନବନ୍ଧରୁ ଲାଠୋର ପଟକୁ ଯାଉଥିବା ଏକ ଟ୍ରକ୍ ବଜାରରେ ବୁଲୁଥିବା ଭଗତ ରାମଙ୍କ ଉପରରେ ଚଢି ଯାଇଥିଲା। ଏହା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଇଥିଲା। ଏହି ଖବର ପ୍ରଚାରିତ ହେବାପରେ ବଜାରର ସମସ୍ତ ଦୋକାନୀ ଠୁଳ ହୋଇଥିଲେ। ଧିରେ ଧିରେ ଅସନ୍ତୋଷ ବଢ଼ିଯିବା ପରେ ଲୋକେ ଜାତୀୟ ରାଜପଥ ଉପରକୁ ଆସି ଅବରୋଧ କରିଥିଲେ। ଏହି ଖବର ପାଇ ଏହି ଅଞ୍ଚଳରେ ପ୍ରଚାରରେ ଥିବା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଆସି ଲୋକଙ୍କୁ ବୁଝା ସୁଝା କରିଥିଲେ; ହେଲେ କେହି ଶୁଣି ନ ଥିଲେ।

# ପୁଲିସ ଅଧିକାରୀସ୍ତରରେ ଅଦଳବଦଳ

**ଶଗଡ଼ା, ୭ ।୧୧(ସମିସ):** ବୌଦ୍ଧ ଜିଲ୍ଲା ପୁଲିସ ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବାଉଁଶୁଣି ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଇନ୍ସପେକ୍ଟର ମନ୍ଦାକିନୀ କହଁରଙ୍କୁ ବାଉଁଶୁଣି ଥାନାକୁ ବଦଳି ହୋଇଛି। ଇନ୍ସପେକ୍ଟର ସସ୍ମିତା ମଗରଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ମନମୁଣ୍ଡା ଥାନାକୁ ବଦଳି ହୋଇଛି। ଘଣ୍ଟାପଡ଼ା ଥାନାରେ ଏସ୍‌ଆଇ ଥିବା ମାଧବ ଚନ୍ଦ୍ର ଟାକ୍ରୀ କଣ୍ଟାମାଳ ଥାନାକୁ ବଦଳି ହୋଇଛନ୍ତି। ଏସ୍‌ଆଇ ସୌମ୍ୟରଞ୍ଜନ ପାତ୍ରଙ୍କୁ ମନମୁଣ୍ଡା ଥାନାରୁ ଘଣ୍ଟାପଡ଼ା ଥାନାକୁ ବଦଳି ହୋଇଛି। ସେହିଭଳି ବୌଦ୍ଧ ଆଦର୍ଶ ଥାନାର ଏସ୍‌ଆଇ ନରସିଂହ ମହାପାତ୍ରଙ୍କୁ ଶଗଡ଼ା ଫାଣ୍ଡିକୁ ବଦଳି କରାଯାଇଛି।

# ନୂଆପଡ଼ା ଉପନିର୍ବାଚନ ଗଣତି ପାଇଁ ପ୍ରଶାସନର ପ୍ରସ୍ତୁତି

**ନୂଆପଡ଼ା, ୭ ।୧୧(ସମିସ)**

ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ ଗଣନା ପ୍ରକ୍ରିୟାକୁ ସୁଚାରୁ ଭାବରେ ସମ୍ପନ୍ନ କରିବାକୁ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ ଓ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶଙ୍କ ଉପସ୍ଥିତିରେ ତାଲିମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଟ ଗଣନାରେ ନିୟୋଜିତ ହେବାକୁ ଥିବା ପୋଲିଂ ସୁପରଭାଇଜର, ସହାୟକ ଏବଂ ମାଇକ୍ରୋ ଅବଜର୍ଭରମାନେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ଭୋଟ ଗଣତି ସମ୍ବନ୍ଧରେ ପ୍ରଶାସନ ଦ୍ୱାରା ଅଦ୍ୟାବଧି ଗ୍ରହଣ କରାଯାଇଥିବା ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ଅବଗତ କରାଇଥିଲେ। ଗଣତି କେନ୍ଦ୍ର ନ୍ୟାସନାଲ କଲେଜରେ ଦୃଢ ସୁରକ୍ଷା ବ୍ୟବସ୍ଥା ସହିତ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଗଣନା ଆରମ୍ଭ ପୂର୍ବରୁ ଷ୍ଟ୍ରଙ୍ଗ ରୁମ ମଧ୍ୟରେ ସୁରକ୍ଷିତ ଥିବା ସମସ୍ତ ଇଭିଏମ ଓ ଭିଭିପାଟ ମେସିନ ଗୁଡ଼ିକ କାଉଣ୍ଟିଙ୍ଗ ହଲକୁ



ଅଣାଯିବ। ଭୋଟ ଗଣନା ପ୍ରକ୍ରିୟା ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପାଳ ସୁର୍ମି ସୋରନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହେବ। ଏଥି ପାଇଁ ୧୪ ଟି ଗଣତି ଟେବୁଲ୍ ଓ ଡାକ ମତପତ୍ର ପାଇଁ ଗୋଟିଏ ଟେବୁଲ ରହିବ। ପ୍ରଥମେ ପୋଷ୍ଟାଲ ବାଲଟ ଗଣାଯିବ। ତା'ପରେ ଇଭିଏମ ମେସିନର ଭୋଟ ଗଣନା ଆରମ୍ଭ ହେବ। ଭୋଟିଂ ମେସିନର ତଥ୍ୟକୁ ଫର୍ମ ୧୭ ସି ସହିତ ମେଳ କରାଯିବ। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଞ୍ଚଟି ପୋଲିଂ ସେଣ୍ଟରର ଭିଭିପାଟ ସ୍ଲିପ୍‌ଗୁଡ଼ିକ ଗଣାଯାଇ ଇଭିଏମ ଫଳାଫଳ ସହ ମେଳ କରାଯିବ, ଯାହା ଫଳାଫଳର ପାରଦର୍ଶିତା ଓ ନିଷ୍ପକ୍ଷତାକୁ ସୁନିଶ୍ଚିତ ହେବ। ସମସ୍ତ ଗଣନା ପ୍ରକ୍ରିୟା ସିସିଟିଭି ନଜରରେ କରାଯିବ ଓ ଏସବୁର ଭିଡିଓ ରେକର୍ଡିଂ ହେବ। ଏହାର ତଦାରଖ ପାଇଁ ପର୍ଯ୍ୟବେକ୍ଷକ, ନିର୍ବାଚନ ଅଧିକାରୀ ଓ ପୋଲିସ ପ୍ରଶାସନ ଉପସ୍ଥିତ ରହିବେ। ଅନ୍ତିମ ରାଉଣ୍ଡ ଶେଷ ହେବା ପରେ ନିର୍ବାଚନ ଅଧିକାରୀ ଦ୍ୱାରା ବିଜେତା ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ଓ ତାଙ୍କୁ ଜୟ ସନଦ ପ୍ରଦାନ କରାଯିବ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ପ୍ରଫୁଲ୍ଲ କୁମ୍ଭର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ରିଟର୍ଣ୍ଣି ଅଫିସର୍ ତଥା ଉପ ଜିଲ୍ଲାପାଳ ସୁର୍ମି ସୋରନ ତଥା ଗଣନା ପ୍ରକ୍ରିୟାରେ ନିଯୁକ୍ତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ନିର୍ବାଚନ, ଶେଖ୍ ନସିମ ପାୱାର ପଏଣ୍ଟ ମାଧ୍ୟମରେ ସମସ୍ତ ଗଣତି ପ୍ରକ୍ରିୟା ପ୍ରଦର୍ଶିତ କରିଥିଲେ।ସମ୍ପୂର୍ଣ୍ଣ ପାରଦର୍ଶିତା ସହ ଶାନ୍ତିପୂର୍ଣ୍ଣ ଭାବରେ ଭୋଟ ଗଣନା ସମ୍ପନ୍ନ ହେବ। ଗଣତି ପ୍ରକ୍ରିୟା ସମୟରେ ଦେଖା ଯାଉଥିବା କିଛି ସାଧାରଣ ସମସ୍ୟା ଓ ଏହାର ସମାଧାନ ସମ୍ବନ୍ଧରେ ସେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଶୃଙ୍ଖଳିତ ଭାବରେ ସମୟାନୁବର୍ତ୍ତିତା ସହିତ ଭୋଟ ଗଣନା କାର୍ଯ୍ୟରେ ଦାୟିତ୍ୱ ନିର୍ବାହ କରିବା ପାଇଁ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ବିନ୍ଦୁ ସମସ୍ତ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।

# ମାଉସୀ ମାଁ ମନ୍ଦିରରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ

**ବୌଦ୍ଧ, ୭୭ ।୧୧(ସମିସ):** ବୌଦ୍ଧ ମାଉସୀ ମାଁ ମନ୍ଦିରରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ମହାସମାରୋହରେ ଏହା ପାଳିତ ହୋଇଯାଇଛି।




ଏହି ଦିବସର ବିଷୟ ବସ୍ତୁ 'କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା' ବିଷୟରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି ଭେଙ୍କଟ ରମଣ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସସ୍ମିତା ପାଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମାଣ୍ଡିଆ ଓ ବିଭିନ୍ନ ଶସ୍ୟ, ପାରମ୍ପରିକ ଖାଦ୍ୟ ପଦାର୍ଥର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ମହାବୀର ଦାସକାଠିଆ ଦଳ କଳାକାରମାନେ ମିଲେଟ ଉପରେ ଦାସକାଠିଆ ପରିବେଷଣ କରିଥିଲେ। ସହକାରୀ କୃଷି ଅଧିକାରୀ ଉତ୍କଳ କେଶରୀ ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସହକାରୀ କୃଷି ଅଧିକାରୀ ମଧୁସୂଦନ ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ମିଲେଟ ମିଶନ ଜିଲ୍ଲା ସଂଯୋଜକ ଜିତେନ୍ଦ୍ର କାର୍ଜୀ ସହଯୋଗ କରିଥିଲେ। ଶ୍ରେଷ୍ଠ ମିଲେଟ ଚାଷୀ ଭାବେ କଣ୍ଟାମାଳର ସୁପ୍ରଭା ପଣ୍ଡା, ହରଭଙ୍ଗାର ପ୍ରଭାତୀ ପ୍ରଧାନ, ଶ୍ରେଷ୍ଠ କଷ୍ଟୋଡିଆନ ଚାଷୀ ଭାବେ ହରଭଙ୍ଗାର ପୂର୍ଣ୍ଣଚନ୍ଦ୍ର ସାହୁ, ବୌଦ୍ଧର ଦଶରଥ ରଣା, ଏ ବର୍ଷର ଶ୍ରେଷ୍ଠ ମିଲେଟ ଚାଷୀ କଣ୍ଟାମାଳର ବିଶ୍ୱେଶ୍ୱର ମହାକୁଡ ପୁରସ୍କୃତ ହୋଇଥିଲେ।

# ନବୀନଙ୍କ ରୋଡ୍ ଶୋ'ରେ ଅଭୂତପୂର୍ବ ଦୃଶ୍ୟ







**ନୂଆପଡ଼ା, ୭ ।୧୧(ସମିସ)**

ନିର୍ବାଚନ ଆସେ, ଯାଏ । କିନ୍ତୁ ନିଜ ନେତାଙ୍କ ପ୍ରତି ଭଲ ପାଇବା କ'ଣ, ନୀତି ନୈତିକତାର ରାଜନୀତି କ'ଣ, ଓଡ଼ିଶା ବିକାଶର ବିନ୍ଧାଣୀଙ୍କ ପ୍ରତି ସମର୍ପଣ ଭାବ କ'ଣ, ତାହା ନୂଆପଡ଼ାରେ ଦେଖିବାକୁ ମିଳିଛି ।ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ରୋଡ ଶୋ'ରେ ଦେଖିବାକୁ ମିଳିଛି ଅଭୂତପୂର୍ବ ଦୃଶ୍ୟ । ନବୀନଙ୍କ କ୍ରେଜ୍ କ'ଣ ତାହାର ନିଛକ ନିଦର୍ଶନର ସାକ୍ଷୀ ବନିଥିଲା ନୂଆପଡ଼ା ଖରିଆରରୋଡ୍ । ନୂଆପଡ଼ା ବ୍ଲକ, ନୂଆପଡ଼ା ଏନ୍ଏସିର ଯୁଆଡେ ନଜର ଯାଉଥିଲା, ସିଆଡେ ହଜାର ହଜାର ଲୋକ । ପିଲା, ବୁଢ଼ା, ମହିଳା, ଯୁବ, ସମସ୍ତେ ନିଜ ପ୍ରିୟ ନେତାଙ୍କର ଗୋଟିଏ ଝଲକ ପାଇବା ପାଇଁ ସତେ ଯେପରି ପାଗଳ ହୋଇ ଉଠିଥିଲେ । ସବୁଠୁ ଅଧିକ ଉତ୍ସାହିତ ଥିଲେ ସେଠାକାର ମହିଳାମାନେ । ରୋଡ୍ ଶୋ' ପାଇଁ ନିର୍ଦ୍ଧାରିତ ସମୟ ଠାରୁ ଦୁଇ ଘଣ୍ଟା ବିଳମ୍ବ ହୋଇଥିଲା । କିନ୍ତୁ ଏହି ବିଳମ୍ବ ଜନମାନସର ନେତାଙ୍କ ସାମାନ୍ୟ ଦୃଶ୍ୟ ଟିକିଏ ପାଇବା ପାଇଁ ନୂଆପଡ଼ାବାସୀଙ୍କୁ ବିଚଳିତ କରିପାରି ନଥିଲା । ଲୋକେ ସ୍ୱତଃପ୍ରବୃତ୍ତ ଭାବେ ଧାଇଁ ଆସିଥିଲେ ନବୀନ ବାବୁଙ୍କୁ ସମର୍ଥନ ଜଣାଇବା ପାଇଁ । ସେ କରି ଯାଇଥିବା ବିକାଶ କାର୍ଯ୍ୟର ପ୍ରତିଦାନ ପ୍ରତି ସମ୍ମାନ ଜଣାଇଥିଲେ ନୂଆପଡ଼ାବାସୀ । ସ୍ୱଭାବ ସୁଲଭ ଢ଼ଙ୍ଗରେ ହାତ ହଲାଇ ଅଭିବାଦନ ଗ୍ରହଣ କରୁଥିବା ନବୀନ ବାବୁଙ୍କୁ ଦେଖିବା ପାଇଁ ଲୋକେ ସତେ ଯେପରି ପାଗଳ ପାଲଟି ଯାଇଥିଲେ । ଆଜିର ଏହି ଦୃଶ୍ୟ ବୟାନ କରୁଥିଲା ବିଜେପିର ବଢ଼ି ଯାଇଥିବା ହୃଦସ୍ପନ୍ଦନର ଚିତ୍ର । ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ନ ୧୨ଟା ୩୦ରେ ଖରିଆରରୋଡ୍ ଥାନା ନିକଟସ୍ଥ ପଡ଼ିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ସ୍ୱତନ୍ତ୍ର ବସ୍‌ରେ ବସି ରୋଡ୍ ଶୋ' ଆରମ୍ଭ କରିଥିଲେ । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ବିଜେଡିର ବରିଷ୍ଠ ନେତାମାନେ ନବୀନଙ୍କୁ ପାଛୋଟି ନେଇଥିଲେ । ପ୍ରଥମେ ଖରିଆରରୋଡ୍ ଏନ୍ଏସି, ପରେ ନୂଆପଡ଼ା ଏନ୍ଏସିରେ ରୋଡ୍ ଶୋ' ପହଞ୍ଚିଥିଲା । ଦୁଇ ଏନ୍ଏସିର ବିଭିନ୍ନ ସ୍ଥାନରେ ବହୁ ସମୟ ପର୍ଯ୍ୟନ୍ତ ଲୋକେ ନବୀନଙ୍କୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରି ରହିଥିଲେ । ଉଭୟ ଏନ୍ଏସିରେ ପ୍ରାୟ ୨୫ ହଜାର ଲୋକ ସମବେତ ହୋଇଥିଲେ । ରାସ୍ତାର ଉଭୟ ପାର୍ଶ୍ୱର ଠାରୁ ନେଇ ଛାତ ଉପରେ, ପଡ଼ିଆରେ, ଝରକାରେ, ଦୋକାନ ବାହାରେ ନବୀନଙ୍କୁ ଦେଖିବା ପାଇଁ ଆତୁର ନୟନ ଅପେକ୍ଷା କରି ରହିଥିଲା । ସବୁଠି ଭିନ୍ନ ଏକ ପରିବେଶ, ନିଆରା ଏକ ଦୃଶ୍ୟ । ଖରିଆରରୋଡ୍ ଏନ୍ଏସିର ଡାଗାଛକ, ବିଜୁ ପଟ୍ଟନାୟକ ଛକ ଓ ଲଖମାନିଆ ପେଟ୍ରୋଲ ପମ୍ପ ଛକରେ ଉପସ୍ଥିତ ଜନତାଙ୍କୁ ନବୀନ ସମ୍ବୋଧିତ କରି ବିଜେଡି ସପକ୍ଷରେ ଭୋଟ ନିବେଦନ କରିଥିଲେ । ଏହା ପରେ ନୂଆପଡ଼ା ଏନ୍ଏସିର ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ ଏବଂ ଏକତା ଛକରେ ଶ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇଥିଲେ । ଏହି ବିଶାଳ ରୋଡ ଶୋ'ରେ ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ ପ୍ରଣବ ପ୍ରକାଶ ଦାସ, ସନ୍ତୃପ୍ତ ମିଶ୍ର, ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ଅରୁଣ ସାହୁ, ଅତନୁ ସାବ୍ୟସାଚୀ ନାୟକ, ଦେବୀ ରଞ୍ଜନ ତ୍ରିପାଠୀ, ପ୍ରୀତି ରଞ୍ଜନ ଘଡେଇ, ହିମାଂଶୁ ବେହେରା, ଆଦମ୍ ଖାନ, ସୁବାସ ପଣ୍ଡା, ଦୀପିକ ଦୀପ, ଭୀଷ୍ମଦେବ ସରଫ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁଦାମ ମାରାଣ୍ଡି, ରାଧାରାଣୀ ପଣ୍ଡା, ଆୟୁବ୍ ଖାନ, ରଘୁନାଥ ସାହୁ, ସୁବାଶ ପଣ୍ଡା, ପ୍ରମିଳା ମଲ୍ଲିକ, ଟୁକୁନୀ ସାହୁ, ସ୍ନେହାଙ୍ଗିନୀ ଛୁରିଆ, ଅଧିରାଜ ପାଣିଗ୍ରାହୀ, ଅବନୀ ରଞ୍ଜନ୍ ଜୋଷୀ, ରାଜେଶ ନିଗମ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ଦୀପାଳୀ ଦାସ, ସ୍ୱରୂପ ଦାସ, ବର୍ଷା ସିଂହ ବରିହା, ଶାରଦା ନାୟକ, ରିତା ସାହୁ, ପ୍ରଶାନ୍ତ ସେଠୀ, ଗୌତମବୁଦ୍ଧ ଦାସ, ତୁଷାରକାନ୍ତି ବେହେରା, ଶ୍ରୀକାନ୍ତ ସାହୁ, ରମେଶ ମାଝୀ, ରାଜେନ୍ଦ୍ର ସାହୁ, ଗଣେଶ୍ୱର ବେହେରା, ଅନନ୍ତ ନାରାୟଣ ଜେନା, ରୁଦ୍ର ମହାରଥୀ, ମନ୍ମଥ ରାଉତରାୟ, ଅଲକା ମହାନ୍ତି, ସୁବାସ ସିଂହ, ମୁନା ଖାନ, ରାଜେନ୍ଦ୍ର ପ୍ରତାପ ସ୍ୱାଇଁ, କଳିକେଶ୍ ସିଂହଦେଓ, ଦେବେଶ ଆଚାର୍ଯ୍ୟ, ମାନସ ମନ୍ଧାନୀ, ରୋହିତ ପୂଜାରୀ ଓ ବିଜୟ ନାୟକ ପ୍ରମୁଖ ସାମିଲ ଥିଲେ ।

**ଜନନେତାଙ୍କ ଗୋଟେ ଝଲକ ପାଇଁ ଲୋକଙ୍କ ଅସମ୍ଭବ ଭିଡ଼**

**ଦୁଇ ବ୍ଲକ୍‌ରେ ସମବେତ ହେଲେ ୨୫ ହଜାରରୁ ଅଧିକ ଜନତା**

## ନବୀନଙ୍କୁ ଜଗି ରହିଥିଲେ ଫ୍ୟାନ୍

ଶୁକ୍ରବାର ୧୧ଟାବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସ୍ଥାନୀୟ ଖରିଆରରୋଡ୍ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଏକ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବାର କାର୍ଯ୍ୟକ୍ରମ ଥିଲା । ପ୍ରବଳ ଖରା ହେଉଥିଲା ମଧ୍ୟ ନବୀନଙ୍କ ସମର୍ଥକମାନେ ତାଙ୍କ ଆସିବା ବାଟକୁ ଚାହିଁ ରହିଥିଲେ । ଆମେ ଗତ ୨୦୨୪ ନିର୍ବାଚନରେ ନବୀନ ବାବୁଙ୍କୁ ଦେଖିଥିଲୁ । ଏତେଦିନ ପରେ ଆମର ପ୍ରୀୟ ନେତା ନବୀନଙ୍କ ସ୍ୱାସ୍ଥ୍ୟ କେମିତି ଅଛି ଦେଖିବାକୁ ଆସିଛୁ ବୋଲି ଭୋଟାମାନେ କହିଛନ୍ତି ।

## ପ୍ରଚାର ଗାଡ଼ି ଆଗରେ ନାଚିଲେ ସମର୍ଥକ

ଜାତୀୟ ରାଜପଥ ୩୫୩ ରେ ଖରିଆରରୋଡ୍ ଏବଂ ନୂଆପଡ଼ା ସହର । ଦୀର୍ଘ ୧୦କିମି ଦୂର ରାସ୍ତାରେ ନବୀନ ପଟ୍ଟନାୟକ ବସ୍‌ରେ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ । ନବୀନଙ୍କ ପ୍ରଚାର ଗାଡ଼ି ଆଗରେ ବହୁ ସମର୍ଥକ ନାଚି ନାଚି ସ୍ୱାଗତ କରିଥିଲେ । ନବୀନଙ୍କୁ ଦେଖିବାକୁ ଛାତ ଉପରେ ରହି ଭୋଟର ବାଜା ବଜାଇ ସ୍ୱାଗତ କରୁଥିବା ଦେଖାଯାଇଥିଲା ।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଭୋଟର

ଦୀର୍ଘ ଦଶ କିମି ଦୂର ଦୁଇଟି ସହର ମଧ୍ୟରେ ନବୀନଙ୍କ କାଫିଲା ରୋଡ୍ ଶୋ'ସମୟରେ ଭିନ୍ନ ଭିନ୍ନ ଜାଗାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷିତ ହେଉଥିଲା । ଏସବୁ ବେଶ ଚିତାକର୍ଷକ ଥିଲା ।ବିଭିନ୍ନ ଗ୍ରାମାଞ୍ଚଳରୁ କଳାକାରମାନେ ନିଜର କଳା ପ୍ରଦର୍ଶନ କରିଥିଲେ ।








## କଂଗ୍ରେସ ଛାଡ଼ି ବିଜେଡିରେ ମିଶିଲେ ମହମ୍ମଦ ଜୁନେଦ୍

**ନୂଆପଡ଼ା, ୭ ।୧୧ (ସମିସ):** ନୂଆପଡ଼ା କଂଗ୍ରେସ ଟାଣୁଆ ନେତା ଭାବେ ଜଣାଶୁଣା ତଥା ଖରିଆରରୋଡ୍ ନଗର କଂଗ୍ରେସର ପୂର୍ବତନ ସଭାପତି ମହମ୍ମଦ ଜୁନେଦ ଆଜି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି । ପରକୋଡଠାରେ ଆୟୋଜିତ ବିଜେଡିର ଜନସଭା ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଛନ୍ତି । ତାଙ୍କର ଶତାଧିକ ସମର୍ଥକ ମଧ୍ୟ ବିଜେଡିରେ ମିଶିଛନ୍ତି । ନିଜ ପ୍ରତିକ୍ରିୟାରେ ଜୁନେଦ କହିଛନ୍ତି, ମୁଁ ଦୀର୍ଘ ୧୭ ବର୍ଷରୁ ଅଧିକ ସମୟ ଧରି କଂଗ୍ରେସ ଦଳରେ ନିଷ୍ଠାର ସହ କାମ କରି ଆସୁଥିଲି । କିନ୍ତୁ କଂଗ୍ରେସ କେବଳ ନିର୍ବାଚନ ସମୟରେ ସକ୍ରିୟ ହୋଇଯାଏ ଏବଂ ନିର୍ବାଚନ ସରିବା ପରେ ସମସ୍ତେ ଚୁପ ବସି ଯାଉଛନ୍ତି । ଲୋକଙ୍କ ସହ ଦଳର ସମ୍ପର୍କ ରହୁନାହିଁ । ଅପରପକ୍ଷେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରା ଓ ଆଦର୍ଶ ମୋତେ ସର୍ବଦା ପ୍ରଭାବିତ କରିଥିଲା । ବିଜେଡି ସରକାର ଅମଳରେ ଓଡ଼ିଶାରେ ଯେଉଁ ଅଭୂତପୂର୍ବ ବିକାଶ ହୋଇଛି ତାହା ପୂର୍ବରୁ କେବେ ହୋଇନଥିଲା । ସେ ସାରା ଦେଶର ଜଣେ ଅପ୍ରତିଦ୍ୱନ୍ଦୀ ନେତା । ତେଣୁ ଆଜି ମୁଁ ବିଧିବଦ୍ଧ ଭାବେ ବିଜେଡିରେ ମିଶିବା ପାଇଁ ନିଷ୍ପତ୍ତି ନେଇଥିଲି ବୋଲି କହିଛନ୍ତି ।



## କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଆହ୍ୱାନ

**ନୂଆପଡ଼ା, ୭ ।୧୧(ସମିସ):** ଓଡ଼ିଶାର ସମସ୍ତ ସମ୍ପ୍ରଦାୟର ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ଭୋଟ ଦେବା ପାଇଁ କଂଗ୍ରେସ ଏବଂ ସିପିଆଇ (ଏମ୍)ରାଜ୍ୟ ନେତୃବୃନ୍ଦ ଆହ୍ୱାନ ଦେଇଛନ୍ତି । ନୂଆପଡ଼ାରେ କଂଗ୍ରେସ ନିର୍ବାଚନ ଅଫିସ ଖୁଣ୍ଟିଆ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଭୟ ଦଳର ନେତୃବୃନ୍ଦ କହିଛନ୍ତି ଯେ ଗଣତନ୍ତ୍ର ବିରୋଧୀ, ଭୋଟ ଚୋର ବିଜେପିକୁ ପରାସ୍ତ କରିବା ଅଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଆବଶ୍ୟକତା । କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ସିପିଆଇ(ଏମ)ର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ବଦ୍ରି ନାରାୟଣ ଦାଶ ପ୍ରମୁଖ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ ।ଶ୍ରୀକାନ୍ତ ଜେନା କହିଲେ ଯେ କଂଗ୍ରେସ ନୂଆପଡ଼ାର ବିକାଶ ପାଇଁ ଯାହା ଉନ୍ନୟନମୂଳକ କାମ କରିଛି, ତା'ର ହିସାବ ଦେଇ ଇସ୍ତାହାର ପ୍ରକାଶ କରିଛି । ଓଡ଼ିଶାରେ ଡବଲ ଇଞ୍ଜିନ ବିଜେପି ସରକାର ସମୟ ରେ ସାମ୍ପ୍ରଦାୟିକ ହିଂସା, ସାମାଜିକ ବିଦ୍ୱେଷ, ଦଳିତ ଉତ୍ପୀଡନ, ଆଦିବାସୀ ବିସ୍ଥାପନ ଏବଂ ମହିଳା ନିର୍ଯାତନା ଅତ୍ୟନ୍ତ ଉଦବେଗଜନକ ଭାବେ ବୃଦ୍ଧି ପାଇଛି । ୧୬ ମାସର ଶାସନ ରେ ବିଜେପି ନିର୍ବାଚନ ପ୍ରତିଶ୍ରୁତିକୁ ଭୁଲି ଯାଇ ରାଜ୍ୟବାସୀଙ୍କୁ ପ୍ରତାରିତ କରିଛି । ମାଟିର ମଣିଷ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ଭୋଟ ଦେବା ପାଇଁ ଆହ୍ୱାନ ଦେଇଛନ୍ତି ।




## କଂଗ୍ରେସର ଇସ୍ତାହାର: ଦାଦନମୁକ୍ତ ହେବ ନୂଆପଡ଼ା

**ନୂଆପଡ଼ା, ୭ ।୧୧(ସମିସ):** ନୂଆପଡ଼ା ବିକାଶ ଧାରାରେ ସବୁବେଳେ କଂଗ୍ରେସ ସାମିଲ ହୋଇ ରହିଛି । ମାତ୍ର ବିଜେପି କେବଳ ପ୍ରତାରଣା ଦେଇ ଆସିଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ଶ୍ରୀ ଦାସ ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସର ନିର୍ବାଚନୀ ଇସ୍ତାହର ଉନ୍ମୋଚନ କରି କହିଲେ ନୂଆପଡ଼ା ଦାଦନ ମୁକ୍ତ ହେବ ।କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବା ସହିତ କୃଷିର ଉନ୍ନତିକରଣ କରାଯିବ । ଜିଲାରେ ଦାଦନ ଶ୍ରମିକ ସମ୍ପୂର୍ଣ୍ଣ ଭାବେ ରୋକାଯିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନା ଗମନ କ୍ଷେତ୍ରରେ ବ୍ୟାପକ ଉନ୍ନତି ଅଣାଯିବ ବୋଲି କହିଥିଲେ ।ଏହାସହିତ ଶୀତଳଭଣ୍ଡାର ପ୍ରତିଷ୍ଠା, ପାତୋରୋ ଡ୍ୟାମ୍ ଏବଂ ତିଖାଲି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଏବଂ ଆଦିବାସୀଙ୍କୁ ଜମି ଉପରେ ହକ ପ୍ରଦାନ କରାଯିବ । ସବୁ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ସୁନିଶ୍ଚିତ କରିବୁ ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଶିବାନନ୍ଦ ରାୟ, ସମୀର ରାଉତରାୟ, ଜୟଶ୍ରୀ ପଟ୍ଟନାୟକ, ମନୀଷା ଦାସପଟ୍ଟନାୟକ, ସୁଜିତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପିର ପଦଯାତ୍ରା ଓ ନିର୍ବାଚନୀ ସଭା

**ନୂଆପଡ଼ା, ୭ ।୧୧(ସମିସ)**

ନୂଆପଡ଼ା ଜିଲ୍ଲା ଲଖନାପଞ୍ଚାୟତ ମୁରଲିବାହାଲ ବୁଥ୍ ନମ୍ବର ୨୧୬ରେ ବିଜେପି ପକ୍ଷରୁ ପଦଯାତ୍ରା ଓ ନିର୍ବାଚନୀ ସଭା ଆୟୋଜିତ ହୋଇଥିଲା । ପଦଯାତ୍ରାରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ସରପଞ୍ଚ ଗିଡୁ ଜୈନ, ପଞ୍ଚାୟତ ସଭାପତି ନରେନ ହଂସ, ପୂର୍ବତନ ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଇ, ପ୍ରିତେଶ ବୋହିଦାର, ସମ୍ବଲପୁର ଜିଲ୍ଲା ବିଜେଏମ ସଭାପତି ଅଶ୍ୱନି ମାଝୀ, ଏବଂ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠି ପ୍ରମୁଖ ଉପସ୍ଥିତ ଥିଲେ ।ପଦଯାତ୍ରା ବସ୍ତିପଡ଼ାରୁ ଆରମ୍ଭ ହୋଇ, ମନ୍ଦିରପଡ଼ା ଏବଂ ଦୁମେରପଡ଼ା ଦେଇ ଲଖନା ପୁରୁଣାବସ୍ତି ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ବିଜେପି ନେତୃବୃନ୍ଦ ଭୋଟରଙ୍କୁ ସହ ସାକ୍ଷାତ ହୋଇ ବିଜେପି ପ୍ରାର୍ଥୀ ଜୟ ଢୋଲକିୟାଙ୍କ ପକ୍ଷରେ ଭୋଟ ଦେବାକୁ ଅନୁରୋଧ କରିଛନ୍ତି ।ସେହିପରି କୋମନା ବ୍ଲକ ସୋସେଙ୍ଗ ଓ ସୁନାବେଡା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରିଛନ୍ତି ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ । ମନ୍ତ୍ରୀଙ୍କ ସହ ଚଳଚ୍ଚିତ୍ର ଅଭିନେତା ତଥା ବିଜେପି ନେତା ଅରିନ୍ଦମ ଦାସ ସାମିଲ ହୋଇଥିଲେ ।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ । ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।


**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୪୫- ହଂକଂରେ ନୌକା ଦୁର୍ଘଟଣାରେ ୧୫୫୦ ଲୋକଙ୍କ ମୃତ୍ୟୁ।
- ୧୯୬୫- ବ୍ରିଟେନରେ, ହତ୍ୟା ମାମଲାରେ ମୃତ୍ୟୁଦଣ୍ଡକୁ ଉଠାଇ ଦିଆଗଲା।
- ୧୯୮୮-ଚୀନ୍‌ରେ ବିନାଶକାରୀ ଭୂମିକମ୍ପ ଯୋଗୁଁ ୯୦୦ ଲୋକଙ୍କ ମୃତ୍ୟୁ।
- ୨୦୦୦- ବିଲ୍ କ୍ଲିଣ୍ଟନ୍‌ଙ୍କ ପତ୍ନୀ ହିଲାରି କ୍ଲିଣ୍ଟନ୍ ନ୍ୟୁୟର୍କ ସିଟ୍‌ରୁ ଜିତି ରେକର୍ଡ କଲେ।
- ୨୦୦୮ - ଭାରତର ପ୍ରଥମ ମାନବ ରହିତ ମହାକାଶଯାନ ଚନ୍ଦ୍ରଯାନ-୧ ଚନ୍ଦ୍ର କକ୍ଷରେ ପହଞ୍ଚିଲା।



## ହୀରା ଖଚିତ ଆଖି

ଫିଲ୍ମ ତଥା ଟିଭିରେ ବେଳେ ବେଳେ ଏମିତି ଚରିତ୍ର ନଜର ଆସିଛନ୍ତି, ଯେଉଁମାନଙ୍କ ଦାନ୍ତ ସୁନାର ହୋଇଥାଏ। ସେହିପରି ବାସ୍ତବ ଜୀବନରେ ବି କିଛି ଧନୀ ଲୋକ ଏମିତି ଥାନ୍ତି, ଯେଉଁମାନେ ସୁନାର ଦାନ୍ତ ଲଗାଇଥାନ୍ତି। ଏହି କ୍ରମରେ ଏବେ ଜଣେ ବ୍ୟକ୍ତି ସୁନା ନୁହେଁ, ବରଂ ହୀରା ଖଚିତ ଆଖି ପାଇଁ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଆଲବାମା ନିବାସୀ ସେଲ୍ଟର ଜୋନ୍ସଙ୍କ ପାଖରେ ବିଶ୍ୱର ସବୁଠୁ ଦାମୀ କୃତ୍ରିମ ଆଖି ଅଛି। ଜୋନ୍ସ ଜଣେ ଗହଣା ଦୋକାନର ମାଲିକ। ସେ ତାଙ୍କ କୃତ୍ରିମ ଆଖିରେ ୨ କ୍ୟାରେଟ୍‌ର ହୀରା ଲଗାଇଛନ୍ତି। ସେ ଡାହାଣ ଚକ୍ଷୁର ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ହରାଇବା ପରେ ତାଙ୍କ କୃତ୍ରିମ ଆଖିରେ ହୀରା ଲଗାଇବା ନିଷ୍ପତ୍ତି ନେଲେ। ତେବେ ସେ ଏକ ଭୟାନକ ରୋଗ ଯୋଗୁଁ ନିଜ ଡାହାଣ ଆଖିର ଦୃଷ୍ଟିଶକ୍ତି ହରାଇବା ପରେ କୃତ୍ରିମ ଆଖି ଲଗାଇବାକୁ ଚାହିଁଲେ। ତେଣୁ ଏ ଲାଗି ସେ ବିଶେଷଜ୍ଞ ଜନ୍ ଲିମ୍‌ଙ୍କ ପାଖକୁ ଗଲେ। ଏଠାରେ ଜୋନ୍ସ ଏକ ବିଶେଷ ପ୍ରକାର ଆଖି ତିଆରି ପାଇଁ ବରାଦ ଦେଲେ। ଜୋନ୍ସ ଏମିତି ଏକ ଆଖି ଚାହୁଁଥିଲେ, ଯାହାକି ତାଙ୍କୁ ଜଣେ ଅଳଙ୍କାର ଡିଜାଇନର ବୋଲି ଦର୍ଶାଇ ପାରୁଥିବ। ତାଙ୍କ ଆଖିରେ ଲାଗିଥିବା ହୀରା ଉପରେ ଆଲୋକ ପଡ଼ିଲେ ଚିକ୍‌ମିକ୍ କରେ। ସେହିପରି ସେ ତାଙ୍କର ହୀରା ଆଖି ଯୋଗୁଁ ଯୁଆଡ଼େ ଯାଆନ୍ତି ଚର୍ଚ୍ଚାରେ ରହନ୍ତି। ତେବେ ଏହି କୃତ୍ରିମ ଆଖି ତାଙ୍କ ଜୀବନରେ ନୂଆ ଆଲୋକ ଆଣିଥିବା କହିଛନ୍ତି। ଲିମ୍ ଛଅ ସପ୍ତାହ ଶିଶୁଙ୍କଠାରୁ ଆରମ୍ଭ କରି ୧୦୧ ବର୍ଷ ବୟସ୍କ ପାଇଁ ପ୍ରାୟ ୧୦ ହଜାର କୃତ୍ରିମ ଚକ୍ଷୁ ତିଆରି କରିଛନ୍ତି। ହେଲେ ଜୋନ୍ସଙ୍କର କୃତ୍ରିମ ଆଖି ସବୁଠୁ ଦାମୀ ବୋଲି ଲିମ୍ କହନ୍ତି। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ଏକଥା ସାମ୍ନାକୁ ଆସିବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ମା’ ହେଲେ କ୍ୟାଟ୍ରିନା



ବିବାହର ଚାରି ବର୍ଷ ପରେ ବଲିଉଡ୍‌ର ପାୱାର କପଲ୍ କାଟ୍ରିନା କୈଫ୍ ଏବଂ ଭିକି କୌଶଲ ମା’ ବାପା ହୋଇଛନ୍ତି। ଏହି ଦମ୍ପତି ଆଜି (ନଭେମ୍ବର ୭ ତାରିଖ) ସେମାନଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିଛନ୍ତି। ୪୨ ବର୍ଷୀୟା କ୍ୟାଟ୍ରିନା ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି। ଉଭୟ ମା’ ଓ ପୁଅଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସୂଚନା ମିଳିଛି। କାଟ୍ରିନା ଏବଂ ଭିକି ଉଭୟ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ପ୍ରଶଂସକଙ୍କ ସହିତ ଏହି ଖୁସି ଖବର ସେୟାର କରିଛନ୍ତି। ପୋଷ୍ଟରେ ଲେଖାଯାଇଛି- “ଆମ ଖୁସିର ବଣ୍ଡଲ୍ ଆସିଗଲା। ଅତ୍ୟନ୍ତ ଆନନ୍ଦ ଏବଂ ଉତ୍ସାହର ସହିତ ଆମେ ଆମ ପୁଅକୁ ସ୍ୱାଗତ କରୁଛୁ। ନଭେମ୍ବର ୭, ୨୦୨୫। କ୍ୟାଟ୍ରିନା ଏବଂ ଭିକି।” ପୋଷ୍ଟ ସେୟାର୍ ହେବା ପରେ ବଲିଉଡ୍ ତାରକାଙ୍କଠାରୁ ଆରମ୍ଭ କରି ପ୍ରଶଂସକଙ୍କ ପର୍ଯ୍ୟନ୍ତ ସମସ୍ତେ ଭିକି ଓ କେଟ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଚଳିତବର୍ଷ ଆରମ୍ଭରୁ କ୍ୟାଟ୍ରିନା ଗର୍ଭବତୀ ଥିବା କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଥିଲେ ମଧ୍ୟ ଏହି ଦମ୍ପତି କିନ୍ତୁ ଗୋପନୀୟତା ବଜାୟ ରଖିଥିଲେ। ଶେଷରେ ସେପ୍ଟେମ୍ବର ୨୦୨୫ରେ, କ୍ୟାଟ୍ରିନା ମା’ ହେବାକୁ ଯାଉଥିବା କଥା ଘୋଷଣା କରି ଏହି ଖବର ଉପରେ ବିରାମ ଲଗାଇଥିଲେ।

## ପିଲାଙ୍କ ପାଇଁ ବ୍ୟାଙ୍କ



ଜାପାନ କେବଳ ଟେକ୍ନୋଲୋଜି ଏବଂ ନୂତନ ଜ୍ଞାନ କୌଶଳ ପ୍ରୟୋଗରେ ଆଗରେ ରହିଛି ତାହା ନୁହେଁ; ଏଠାକାର ସ୍ୱଚ୍ଛ ବାତାବରଣ, ସଫା ରାସ୍ତା, ଲୋକଙ୍କ ଜୀବନଶୈଳୀ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ। ଏହି କ୍ରମରେ ଏଠାରେ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାଙ୍କକୁ ନେଇ ଚର୍ଚ୍ଚା ହେଉଛି। ଜାପାନରେ ପିଲାମାନଙ୍କ ପାଇଁ ରହିଛି ସ୍ୱତନ୍ତ୍ର ବ୍ୟାଙ୍କ। ଏହି ବ୍ୟାଙ୍କଗୁଡ଼ିକ ଭିତରକୁ ପିଲାମାନଙ୍କ ବାପା-ମାଆଙ୍କୁ ମଧ୍ୟ ପ୍ରବେଶ ପାଇଁ ଅନୁମତି ନାହିଁ। କୁନି କୁନି ପିଲାମାନଙ୍କୁ ଛୋଟ ବୟସରୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏଭଳି ଏକ ପରିକଳ୍ପନା କରାଯାଇଛି। ବ୍ୟାଙ୍କରେ ପିଲାମାନେ ନିଜେ ନିଜେ ଟଙ୍କା ଜମା କରିଥାନ୍ତି। ସେମାନଙ୍କୁ ସେମାନଙ୍କ ସଞ୍ଚୟ ଉପରେ ସୁଧ ମିଳିଥାଏ। ଏହାଦ୍ୱାରା ପିଲାମାନେ ଖୁବ୍ କମ୍ ବୟସରୁ ଆର୍ଥିକ ପରିଚାଳନା ଶିଖିପାରନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର କରାଯାଇଛି। ଏଥିରେ କୁହାଯାଇଛି ଯେ, ପିଲାମାନଙ୍କ ପାଇଁ ଜାପାନ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ଅନ୍ୟ ଦେଶମାନଙ୍କରେ ପିଲାମାନେ ବୟସ୍କଙ୍କ ତତ୍ତ୍ୱାବଧାନରେ ରୁହନ୍ତି। ପିଲାଙ୍କୁ କେଉଁଠିକୁ ଏକାକି ଛଡ଼ାଯାଇ ନ ଥାଏ। ହେଲେ ଜାପାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ଏଠାରେ ପିଲାମାନେ ବୟସ୍କଙ୍କ ବିନା ନିଜ କାମ ନିଜେ କରନ୍ତି। ଏକାକି ସ୍କୁଲ ଯାଆନ୍ତି। ଏସବୁ ଜାପାନର ପିଲାମାନଙ୍କ ପାଇଁ ସାଧାରଣ କଥା। କେବଳ ସେତିକି ନୁହେଁ, ଜାପାନରେ ଚୋରି ମାମଲା ବି ଦେଖିବାକୁ ମିଳେନାହିଁ। ଯଦି ଜଣେ ବ୍ୟକ୍ତି ଏଠାରେ ନିଜର ଫୋନ୍, ମନିପର୍ସ କିମ୍ବା ବ୍ୟାଗ୍‌କୁ କେଉଁଠି ଛାଡ଼ି ଦେଇଥାନ୍ତି, ଏକ ଘଣ୍ଟା ପରେ ଉକ୍ତ ସ୍ଥାନରେ ସେହି ସାମଗ୍ରୀ ମିଳିଯାଇଥାଏ। ସେହିପରି ହଜିଯାଇଥିବା ସାମଗ୍ରୀକୁ ଖୋଜିଲେ ଏଠାରେ ମିଳିବାର ଆଶା ଶତ ପ୍ରତିଶତ ରହିଥାଏ।

## ଶିଶୁ





**ପ୍ରଶାନ୍ତ କୁମାର ସାହୁ**

ଶିଶୁଟିଏ ଥିଲେ ଘରେ ସବୁ ଦିନ ପରବ
ଲୋଡ଼ା ନାହିଁ ସୁନା ରୁପା ଲୋଡ଼ା ନାହିଁ ଦରବ।
ଲୋଡ଼ା ନାହିଁ ହୀରା ଲୀଳା ମୋତି ଅବା ମାଣିକ
ଲୋଡ଼ା ନାହିଁ ଜହ୍ନ ତାରା ପୁଅ ଝିଅ ଫରକ।
ଶିଶୁଟିଏ ପରିବାର ଦେଶ ପାଇଁ ଗରବ
ଫେରାଇ ଆଣିବ ଦିନେ ଅତୀତ ଗଉରବ।
ଶିଶୁଟିଏ ଜାଣେ ନାହିଁ ଛନ୍ଦ ଅବା କପଟ
ଶିଖାଇବ ନିତି ତାକୁ ସତ୍ୟ ନ୍ୟାୟ ସୁବାଟ।
ଶୁଣାଇବ ଗୀତ ଗପ ଛୋଟ ଛୋଟ କାହାଣୀ
ଶୁଣାଇବ କେବେ କେବେ ବଡ଼ ଲୋକ ଜୀବନୀ।
ଛାତିରେ ମନରେ ତା’ର ଭରିଦେବ ସାହସ
ସ୍ନେହ ପ୍ରେମେ ବାନ୍ଧିଦେଇ ଭରିଦେବ ଉଲ୍ଲାସ।
ଆଜି ସିନା କଳି ସିଏ କାଲି ଫୁଟି ବାସିବ
ଦୁନିଆଟି ନିଶ୍ଚେ ଦିନେ ତା’ ପାଇଁ ହସିବ।■

ଇନ୍ଦିପୁର, ଚନ୍ଦନ ମଣ୍ଡପ ସାହି, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

## ମାର୍ଗଶିର ମାସେ ପ୍ରଥମାଷ୍ଟମୀ ଯେ



**ନିରଞ୍ଜନ ସାହୁ**

ଏଣ୍ଡୁରି ପିଠାଟି ବାସଇ
ପ୍ରଥମ ସନ୍ତାନ ପଢୁଆଁ ହେବାକୁ
ମାମୁଁଘରୁ ସବୁ ଆସଇ ।
ମାମୁଁଘରୁ ଆସେ ନୂତନ ପୋଷାକ
ପ୍ରଥମ ସନ୍ତାନ ପାଇଁକି
ପିଠାମିଠା ବଡ଼ ଶରଧାରେ ଧରି
ମାମୁଁ ଆସିଥାନ୍ତି ଧାଇଁକି ।
କେଉଁ କାଳରୁ ଏ ବିଧି ରହିଅଛି
ମାମୁଁ ଯେ ପଢୁଆଁ କରିବେ
ବଡ଼ ଭଣଜା କି ବଡ଼ ଭାଣିଜୀଙ୍କ
ମନରେ ସନ୍ତୋଷ ଭରିବେ ।
ଘରର ପ୍ରଥମ ସନ୍ତାନ ଉପରେ
ଅନେକ ଦାୟିତ୍ୱ ରହିଛି
ସେଥିପାଇଁ ତାଙ୍କୁ ସ୍ୱତନ୍ତ୍ର ସମ୍ମାନ
ଦେବାକୁ ଦୁନିଆ କହିଛି ।
ପ୍ରଥମାଷ୍ଟମୀରେ ପଢୁଆଁ ହୁଅନ୍ତି
ପ୍ରଥମ ସନ୍ତାନ ଯେତେକ
ଏହି ସମ୍ମାନରେ ସମ୍ମାନିତ ସିଏ
ତାଙ୍କ ଲାଗି କଥା ଏତେକ ।
ନୂଆ ବିରି ନୂଆ ଅରୁଆ ଚାଉଳ
ଯେମିତି ଯେଉଁଠୁ ଆଣିବ
ହଳଦୀ ପତରେ ପିଠା ଗଢ଼ା ହେବ
ପୁର ପଶିଥିବ ଜାଣିବ ।
ଏଣ୍ଡୁରି ପିଠାର ବହୁତ ଆଦର
ପ୍ରଥମ ଅଷ୍ଟମୀ ପରବେ
ପିଲା ଠାରୁ ବୁଢ଼ା, ରଙ୍କ ଠାରୁ ରାଜା
ପିଠା ଖାଇଥାନ୍ତି ସରବେ ।■



ନିହଲ ପ୍ରସାଦ, ଢେଙ୍କାନାଳ
ମୋ- ୯୯୩୮୭୪୧୫୮୩

## ପ୍ରହେଳିକା

- ଗୋରା ଶାସକଙ୍କ ବିରୁଦ୍ଧେ ସେହି
ଲଢ଼ିଥିଲେ କାରାବରଣ ସହି
ବାପୁଜୀଙ୍କ ସହ ହାତ ମିଳାଇ
ଇଂରେଜଙ୍କୁ ଦେଲେ ଦେଶୁ ହଟେଇ
ସ୍ୱାଧୀନ ହୋଇଲା ଦେଶ
ପ୍ରଥମ ପ୍ରଧାନମନ୍ତ୍ରୀ ସେ ହୋଇଲେ
କୁହ ତାଙ୍କ ନାମ କିସ।
ଉତ୍ତର-ଜବାହାରଲାଲ୍ ନେହରୁ

- ନଭେମ୍ବର ମାସ ଚଉଦ ଦିନ
ହସିଉଠେ ସର୍ବ ଶିଶୁଙ୍କ ମନ
ଚାଚା ନେହରୁଙ୍କ ଜନ୍ମ ଦିବସ
ପାଳନ୍ତି ସଭିଏଁ ହୋଇ ହରଷ
ପରବଟିଏ ସେ ଆମ
ଚାଚାଙ୍କ ଜନମ ଦିନ ସେ ଆସଇ
କୁହ ଦେଖି ତା’ର ନାମ।
ଉତ୍ତର-ଶିଶୁ ଦିବସ

- ମଗୁଶିର କୃଷ୍ଣ ଅଷ୍ଟମୀ ଦିନ
ପର୍ବଟିଏ ରାଜ୍ୟେ ହୁଏ ପାଳନ
ଜ୍ୟେଷ୍ଠ ସନ୍ତାନକୁ ମିଳେ ସମ୍ମାନ
ପିନ୍ଧିଥାଏ ସିଏ ନୂଆ ବସନ
ହୁଏ ପୂଜାବିଧି କର୍ମ
ଏଣ୍ଡୁରି ପିଠାର ବାସ ମହକଇ
କୁହ ସେ ପରବ ନାମ।
ଉତ୍ତର-ପ୍ରଥମାଷ୍ଟମୀ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ




### ନୂତନ ପ୍ରକାଶ



**ସୁଧାଂଶୁ ଶେଖର ଦ୍ୱିବେଦୀ**

ଶରତ ଋତୁର ମୃଦୁ ସନ୍ଧ୍ୟା। ଗ୍ରାମ୍ୟ ଜୀବନର ନିସ୍ତବ୍ଧତା ମଧ୍ୟରେ ଅନତୀ ଦୂରରୁ ମୃଦଙ୍ଗର ମୃଦୁ ଶବ୍ଦ ପ୍ରତିଧ୍ୱନିତ ହେଉଥାଏ। ସେଇ ଗାଁରେ ସଂଗ୍ରାମ ନାମକ ବାଳକଟିଏ ରହୁଥାଏ। ସଂଗ୍ରାମ ଅଳ୍ପଭାଷୀ, ଆତ୍ମସଙ୍କୋଚରେ ଗ୍ରସ୍ତ। ବିଦ୍ୟାଳୟରେ କୌଣସି ପ୍ରତିଯୋଗିତା ହେଲେ ଅନ୍ୟ ବିଦ୍ୟାର୍ଥୀ ଉତ୍ସାହ ପୂର୍ବକ ଅଂଶଗ୍ରହଣ କରନ୍ତି କିନ୍ତୁ ସଂଗ୍ରାମ ସବୁବେଳେ ନିରବ ରୁହେ। ତା’ ଭିତରର ଆତ୍ମବଳ ଲୁପ୍ତ ହୋଇଯାଇଛି ବୋଲି ସେ ଅନୁଭବ କରେ । ଦିନେ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ହେବ ବୋଲି ଘୋଷଣା ହେଲା। ସଂଗ୍ରାମର ସାଙ୍ଗ ସନ୍ତୋଷ ଖୁସି ହୋଇ କହିଲା- ମୁଁ ମଞ୍ଚକୁ ଯାଇ ବକ୍ତୃତା ଦେବି। ତୁ ଯିବୁ ନା ସଂଗ୍ରାମ ? ସାଙ୍ଗର କଥା ଶୁଣି ସଂଗ୍ରାମ ପୂର୍ବପରି ମୌନବ୍ରତ ଧାରଣ କରି ବସିରହିଲା। ତା’ର ଦୃଷ୍ଟି ଭୂମିରେ ନିବଦ୍ଧ ଥାଏ। ଯେମିତି ଭୟ ଓ ଶଙ୍କା ତାକୁ ଆବୋରି ନେଇଛି। ସନ୍ଧ୍ୟା ସମୟରେ ଘରକୁ ଫେରି ସେ ଜେଜେଙ୍କ ପାଖରେ ବସିଗଲା। ଜେଜେ ସ୍ନେହସିକ୍ତ ସ୍ୱରରେ ପଚାରିଲେ-କ’ଣ ହେଇଛି କିରେ ସଂଗ୍ରାମ? ତୁ ଏମିତି ଚୁପଚାପ୍ ବସିଛୁ ? ସଂଗ୍ରାମ ନମ୍ର ହୋଇ କହିଲା- ଜେଜେ ! ମୋ ମନରେ ପ୍ରବଳ ଇଚ୍ଛା ଥିବା ସତ୍ତ୍ୱେ ମୁଁ ବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରୁନି। ଜେଜେ ତା’ ମନର କଥା ବୁଝି ତାକୁ କୋଳରେ ବସାଇ ଏକ ପୁରୁଣା ପୁସ୍ତକ ବାହାର କଲେ। ପୃଷ୍ଠା ଓଲଟାଇ ଗୋଟେ ଚିତ୍ରକୁ ସଙ୍କେତ କରି କହିଲେ- ବଟବୃକ୍ଷ ପରି ଧୈର୍ଯ୍ୟବାନ ମହାପୁରୁଷ ହେଉଛନ୍ତି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ସେ ତାଙ୍କ ଜୀବନରେ ସବୁବେଳେ ଗୋଟେ କଥା କହୁଥିଲେ- ନିଜ ଜୀବନର ମୋଡ଼କୁ ବଦଳାଇବା ପାଇଁ ତୁରନ୍ତ ନୂଆ ନୂଆ ସଂକଳ୍ପ ଆରମ୍ଭ କର। ଜେଜେଙ୍କ ମାର୍ଗଦର୍ଶନରେ ସଂଗ୍ରାମ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ ହେଲା। ରାତିରେ ଆକାଶର ତାରା ସବୁ ଝିଲମିଲ୍ ହେଉଥାନ୍ତି। ସଂଗ୍ରାମ ନିଜ ପଢ଼ା ଘରେ ବସି ବକ୍ତୃତା ଲେଖୁଥାଏ। ତା’ ହୃଦୟରେ ଆଶଙ୍କା ଥାଏ ହେଲେ ମନରେ ଏକ ନୂତନ ପ୍ରକାଶ ସାହାସ ବାନ୍ଧୁଥାଏ। ତା’ ପରଦିନ ବିଦ୍ୟାଳୟରେ ପ୍ରତିଯୋଗିତା ଥାଏ। ମଞ୍ଚରେ ପହଞ୍ଚି ସଂଗ୍ରାମର ହୃଦୟ ଧକ୍ ଧକ୍ ହେଲା। ନିଜକୁ ଦୃଢ଼ କରି ଜେଜେଙ୍କ ମାର୍ଗଦର୍ଶନକୁ ମନେ ପକାଇଲା। ଏକ ଦୀର୍ଘ ନିଶ୍ୱାସ ନେଇ ଆତ୍ମବିଶ୍ୱାସର ସହିତ ଧୀର ଓ ନମ୍ର କଣ୍ଠରେ ନିଜ ବକ୍ତୃତା ଆରମ୍ଭ କଲା। ଶବ୍ଦରେ ସ୍ପଷ୍ଟତା ଏବଂ ଭାବର ବିସ୍ତାର ଆସିଗଲା। ସେ ଅନର୍ଗଳ କହି ଚାଲିଲା। ବକ୍ତୃତା ସମାପ୍ତ ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ତାଳିର ଧ୍ୱନି ଗୁଞ୍ଜରିତ ହେଉଥାଏ। ସଂଗ୍ରାମକୁ ଜଣା ଯାଉଥାଏ ଆଜି ସେ ନିଜକୁ ଚିହ୍ନିପାରିଛି। ସେହିଦିନଠାରୁ ସେ ଆଉ ମୌନ କି ସଙ୍କୋଚ ବାଳକ ହୋଇ ରହିଲା ନାହିଁ। ଅନ୍ଧାରରୁ ପ୍ରକାଶ ଦିଗକୁ ଅଗ୍ରସର ହେଲା। ଇଚ୍ଛାଶକ୍ତି ଦୃଢ଼ କରି ଯେବେ କୌଣସି କାମ କରେ କି ପାଠ ପଢ଼େ ପୂରା ଉତ୍ସାହରେ ପ୍ରକାଶିତ ହୋଇ ଆଗକୁ ବଢ଼ି ଚାଲିଲା।■

ବିସି-୭୪, ସଲ୍ଟ ଲେକ୍, କଲିକତା
ମୋ- ୯୬୮୧୩୭୩୫୧୨





**ସିଦ୍ଧ ମାନିସ ସାହୁ**
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ସ୍କୁଲ
ଡୁମୁଡୁମା, ଭୁବନେଶ୍ୱର





**ପ୍ରିୟଲ ଶାହ**
ପ୍ରଥମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର, ଝାଡ଼ଖଣ୍ଡ





**ଅମ୍ରିତ ସାହୁ**
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ





**ଉପମିତା ଦାସ**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଦଶରଥପୁର, ଯାଜପୁର

# ଛେତ୍ରୀ ଯୁଗର ଅନ୍ତ

ନୂଆଦିଲ୍ଲୀ, ୭ ।୧୧ (ଏଜେନ୍ସି): ଭାରତୀୟ ଫୁଟ୍‌ବଲର କିମ୍ବଦନ୍ତୀ ଖେଳାଳି ସୁନିଲ ଛେତ୍ରୀଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିଛି। ତାଙ୍କୁ ଆଉ ନୀଳ ଜର୍ସି ପରିଧାନ କରି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାର ଦେଖିବାକୁ ମିଳିବ ନାହିଁ। ଚଳିତ ଏଏଫ୍‌ସି ଏସିଆନ୍ କପ୍-୨୦୨୭ ଫାଇନାଲ ରାଉଣ୍ଡ ଯୋଗ୍ୟତା ପର୍ଯ୍ୟାୟରୁ ଭାରତ ବିଦାୟ ନେବା ସହ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଥିବା ୪୧ ବର୍ଷୀୟ ଛେତ୍ରୀ କହିଛନ୍ତି। ଗତ ବର୍ଷ ଜୁନରେ



## ଆଉ ଖେଳିବେନି ବୋଲି ନିଶ୍ଚିତ କଲେ ସୁନିଲ୍

ଛେତ୍ରୀ ପ୍ରଥମେ ଅନ୍ତର୍ଜାତୀୟ ଫୁଟ୍‌ବଲକୁ ଅଲ୍‌ବିଦା କରିଥିଲେ। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଇଥିଲା। କିନ୍ତୁ ଚଳିତ ବର୍ଷ ପ୍ରାରମ୍ଭରେ ସେ ତାଙ୍କ ଅବସର ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲେ। ଏଥିସହ ପୁଣିଥରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୁକ୍ରବାର ଏକ ସାକ୍ଷାତ୍‌କାରରେ ଛେତ୍ରୀ କହିଛନ୍ତି, 'ଯେତେବେଳେ ମୁଁ ଦ୍ୱିତୀୟଥର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲି ମୋ ମୁଣ୍ଡରେ କେବଳ ଗୋଟିଏ ଲକ୍ଷ୍ୟ ଥିଲା ଯେ ଏଏଫ୍‌ସି ଏସିଆନ କପ୍‌କୁ ଯୋଗ୍ୟତା ଅର୍ଜନ ଲାଗି ଯଥାସମ୍ଭବ ଯୋଗଦାନ ଦେବି। ଯୋଗ୍ୟତା ଅର୍ଜନ ଲାଗି ଯଦି କୌଣସି ସମ୍ଭାବନା ନ ଥିଲା ତାହାଲେ ହୁଏତ ମୁଁ ପ୍ରତ୍ୟାବର୍ତ୍ତନ କରି ନ ଥାନ୍ତି। ଗାଣିତିକ ଭାବେ ଆମେ ଆଉ ଯୋଗ୍ୟତା ଅର୍ଜନ କରିପାରୁନାହୁଁ। ତେଣୁ ଏହା ଅବସର ନେବାର ଏକ ସଠିକ ସମୟ ବୋଲି ଅନୁଭବ କଲି। କୋଚ୍ ଖଲିଦ ଜମିଲ ସାର୍‌ଙ୍କୁ ମୋର ନିଷ୍ପତ୍ତି ବିଷୟରେ କହିବା ସହଜ ଥିଲା' ବୋଲି ଛେତ୍ରୀ ଏହି ସାକ୍ଷାତ୍‌କାର ସମୟରେ କହିଛନ୍ତି।

### ■ ଭାରତର ଟପ୍ ସ୍କୋରର

ସିକନ୍ଦରାବାଦ ଜନ୍ମିତ ଛେତ୍ରୀ ପ୍ରଥମେ ୩୦ ମାର୍ଚ୍ଚ ୨୦୦୪ରେ ଭାରତୀୟ ୨୦ ବର୍ଷରୁ କମ୍ ଦଳ ପକ୍ଷରୁ ଖେଳିଥିଲେ। ଏହାର ବର୍ଷକ ପରେ ୧୨ ଜୁନ ୨୦୦୫ରେ ସେ ପାକିସ୍ତାନ ବିପକ୍ଷରେ ସିନିଅରସ୍ତରରେ ପଦାର୍ପଣ କରିଥିଲେ। ଜାତୀୟ ଦଳ ପକ୍ଷରୁ ଦୁଇ ଦଶନ୍ଧି ଧରି ଖେଳିଥିବା ଛେତ୍ରୀଙ୍କୁ ଭାରତୀୟ ଫୁଟ୍‌ବଲର ସର୍ବଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଏ। ସେ ଦେଶ ପାଇଁ ୧୫୭ଟି ମ୍ୟାଚ୍ ଖେଳି ୯୫ଟି ଗୋଲ୍ ଦେଇଛନ୍ତି। ଭାରତୀୟ ଫୁଟବଲର ସେ ସର୍ବକାଳୀନ ସର୍ବାଧିକ ସ୍କୋରର ବିବେଚିତ ହୋଇଛନ୍ତି। ସେହିଭଳି ଅନ୍ତର୍ଜାତୀୟ ଫୁଟବଲରେ ସର୍ବାଧିକ ଗୋଲ୍ ଦେବାରେ ସେ କ୍ରିଷ୍ଟିଆନୋ ରୋନାଲ୍ଡୋ (୧୪୩ ଗୋଲ୍) ଲିଓନେଲ ମେସି (୧୧୪), ଇରାନର ଅଲି ଡାଇ (୧୦୮)ଙ୍କ ପଛକୁ ଛେତ୍ରୀ ୪ର୍ଥ ସ୍ଥାନରେ ରହିଛନ୍ତି।

# କୀର୍ତ୍ତିମାନଠୁ ଗୋଟିଏ ୱିକେଟ ଦୂରରେ ଯଶପ୍ରୀତ୍ ବୁମ୍‌ରା

ବ୍ରିସବେନ, ୭ ।୧୧ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଏକ ବଡ଼ କୀର୍ତ୍ତିମାନଠୁ ପାଦେ ଦୂରରେ ରହିଛନ୍ତି। ଶନିବାର ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ତଥା ୫ମ ଟି-୨୦ରେ ସେ ଆଉ ଜଣେ ବ୍ୟାଟରଙ୍କୁ ଆଉଟ୍ କରନ୍ତି। ତେବେ ଏହି ଛୋଟିଆ ଫର୍ମାଟ୍‌ରେ ବୁମ୍‌ରା ତାଙ୍କର ୧୦୦ ୱିକେଟ୍ ପୂରଣ କରିବେ। ଅର୍ଶଦୀପ୍ ସିଂହ (୧୦୫)ଙ୍କ ପରେ ସେ ଦ୍ୱିତୀୟ ଭାରତୀୟ କ୍ରିକେଟର୍ ଭାବେ ଟି-୨୦ ଫର୍ମାଟ୍‌ରେ ୧୦୦ ୱିକେଟ୍ ନେବାର ସୌଭାଗ୍ୟ ଲାଭ କରିବେ। ବୁମ୍‌ରା ବର୍ତ୍ତମାନ ୭୯ ମ୍ୟାଚରୁ ୧୮.୧୧ ହାରରେ ୯୯ଟି ୱିକେଟ୍ ନେଇଛନ୍ତି। ସେହିଭଳି ବୁମ୍‌ରା ମଧ୍ୟ ଆଉ ଏକ ବଡ଼ ରେକର୍ଡ କରିବେ। ଭାରତର ପ୍ରଥମ ବୋଲର ଭାବେ ସେ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ୧୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ୱିକେଟ ନେବାର ସଫଳତା ପାଇବେ। ବୁମ୍‌ରା ବର୍ତ୍ତମାନ ଟେଷ୍ଟରେ ୨୨୬ଟି ଓ ଦିନିକିଆରେ ୧୪୯ଟି ୱିକେଟ ନେଇଛନ୍ତି।



**ନିର୍ଣ୍ଣାୟକ ପଞ୍ଚମ ଟି-୨୦ ଆଜି**

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ବ୍ରିସବେନ, ୭ ।୧୧ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ଟି-୨୦ ସିରିଜର ଅନ୍ତିମ ତଥା ନିର୍ଣ୍ଣାୟକ ୫ମ ମୁକାବିଲା ଶନିବାର ବ୍ରିସବେନରେ ଖେଳାଯିବ। ଉଭୟ ଘରୋଇ ଅଷ୍ଟ୍ରେଲିଆ ଓ ଭାରତ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି। ୨-୧ରେ ଅଗ୍ରଣୀ ଥିବା ଭାରତ ଏହି ମ୍ୟାଚ୍ ଜିତି ସିରିଜ ବିଜୟୀ ହେବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପାଇଁ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ସିରିଜରେ ପଛୁଆ ଥିବା କଙ୍ଗାରୁ ଦଳ ଏଠାରେ ବିଜୟୀ ହୋଇ ଡ୍ର ରଖିବା ଲକ୍ଷ୍ୟରେ ରହିଛି। ଯଦି ଅଷ୍ଟ୍ରେଲିଆ ପରାସ୍ତ ହୁଏ ତେବେ ସିରିଜ ମଧ୍ୟ ହାତଛଡ଼ା କରିବ। ତେଣୁ ଭାରତ ଅପେକ୍ଷା ଅଷ୍ଟ୍ରେଲିଆ ନିଶ୍ଚିତ ଭାବେ ଏହି ମ୍ୟାଚରେ ଚାପରେ ରହିବ।

ପୂର୍ବରୁ ସିରିଜର କାନବେରାରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ମେଲବୋର୍ଣ୍ଣ ମୁକାବିଲାକୁ ୪ ୱିକେଟରେ ଜିତି ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଭ୍ରମଣକାରୀ ଭାରତ ୩ୟ ଓ ୪ର୍ଥ ମୁକାବିଲାରେ ଦମ୍‌ଦାର ପ୍ରଦର୍ଶନ କରି ଯଥାକ୍ରମେ ୫ ୱିକେଟ୍ ଓ ୪୮ ରନରେ ବିଜୟୀ ହୋଇଥିଲା। ଫଳରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ୨-୧ରେ ଆଗୁଆ ରହିଛି। ଆସନ୍ତାକାଲି ମଧ୍ୟ ଟିମ୍ ଇଣ୍ଡିଆ ଏହି ବିଜୟଧାରାକୁ ବଜାୟ ରଖିବା ସହ ଦୁଇଟି ଉପଲବ୍ଧି ହାସଲ କରିବା ଲକ୍ଷ୍ୟରେ ରହିଛି। ପ୍ରଥମତଃ ଅଷ୍ଟ୍ରେଲିଆ ମାଟିରେ ଦୀର୍ଘ ୧୭ ବର୍ଷ ହେଲା ଟି-୨୦ ସିରିଜ ପରାସ୍ତ ନ ହେବାର ରେକର୍ଡ ବଜାୟ ରଖିବ। ଦ୍ୱିତୀୟରେ ଗତ ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ମଧ୍ୟ ଟି-୨୦ରେ ନେବାକୁ ଭାରତୀୟ ଦଳ ଲକ୍ଷ୍ୟ ରଖିଛି। ତେଣୁ ସୂର୍ଯ୍ୟକୁମାର ଓ ତାଙ୍କ ଦଳ ଟି-୨୦ ସିରିଜକୁ ଦମ୍‌ଦାର ଭାବେ ଫିନିଶ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବେ।

ପଞ୍ଚମ ମ୍ୟାଚରେ ଉପଅଧିନାୟକ ଶୁବମାନ ଗିଲ୍ ଓ ଅଧିନାୟକ ସୂର୍ଯ୍ୟକୁମାରଙ୍କ ବ୍ୟାଟିଂ ଉପରେ ସମସ୍ତଙ୍କ ନଜର ରହିବ। ଆଉ ଦୁଇ ମାସ ପରେ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାବେଳେ ଗିଲ୍‌ଙ୍କ ଫର୍ମ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ଗିଲ୍ ଗତ ୭ଟି ଟି-୨୦ ମୁକାବିଲାରେ ଅର୍ଦ୍ଧଶତକ ମଧ୍ୟ ହାସଲ କରିପାରିନାହାନ୍ତି। ତେବେ ଗତ ୪ର୍ଥ ଟି-୨୦ରେ ସେ ୪୬ ରନର ପାଳି ଖେଳି ଫର୍ମକୁ ଫେରିଥିବାର ସଙ୍କେତ ଦେଇଛନ୍ତି। ସୂର୍ଯ୍ୟକୁମାର ମଧ୍ୟ ଏହି ସିରିଜରେ ଭଲ ଆରମ୍ଭ କରୁଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରିବାରେ ବିଫଳ ହୋଇଛନ୍ତି। ସେହିଭଳି ଏସିଆ କପ୍ ଫାଇନାଲର ହିରୋ ତିଲକ ବର୍ମା ସିରିଜର ଶେଷ ୩ଟି ମ୍ୟାଚରେ ଯଥାକ୍ରମେ ୦, ୨୯ ଓ ୫ ରନ କରି ନିରାଶ କରିଛନ୍ତି। ତିନି ସ୍ପିନର ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ବୋଲିଂରେ ଭାରତର ପ୍ରମୁଖ ଶକ୍ତି ରହିଛନ୍ତି।

ଅପରପକ୍ଷରେ ଘରୋଇ ଅଷ୍ଟ୍ରେଲିଆର ବ୍ୟାଟରଙ୍କ ସ୍ପିନ ଦୁର୍ବଳତା ୪ର୍ଥ ଟି-୨୦ରେ ମଧ୍ୟ ପଦାରେ ପଡ଼ିଥିଲା। କାରାରା ଓଭାଲରେ ଅନୁଷ୍ଠିତ ଏହି ମ୍ୟାଚରେ ବରୁଣ, ଅକ୍ଷର ଓ ୱାଶିଂଟନ ମିଳିତ ଭାବେ ୧୦ ଓଭରରେ ୬ଟି ୱିକେଟ୍ ନେଇ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲା। ଫଳରେ ଏକଦା ବିଜୟ ଦିଗରେ ଅଗ୍ରସର ହେଉଥିବା ଅଷ୍ଟ୍ରେଲିଆ ୪୮ ରନରେ ପରାସ୍ତ ହୋଇଥିଲା। ତେଣୁ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ବ୍ୟାଟର୍ ଭାରତୀୟ ସ୍ପିନରଙ୍କୁ କେଉଁଭଳି ଭାବେ ମୁକାବିଲା କରୁଛନ୍ତି ଏହା ଉପରେ ସମସ୍ତଙ୍କ ନଜର ରହିଛି।



**୫ମ ଟି-୨୦**
**ଆରମ୍ଭ: ଅପରାହ୍ଣ ୧ଟା ୪୫**
**ଭେନ୍ୟୁ: ବ୍ରିସ୍‌ବେନ୍**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

# ପାକିସ୍ତାନକୁ ୨ ରନ୍‌ରେ ହରାଇଲା ଭାରତ

**ହଂକଂ ସିକ୍ସେସ**

ମୋଙ୍ଗକକ୍, ୭ ।୧୧ (ଏଜେନ୍ସି): ହଂକଂରେ ଖେଳାଯାଉଥିବା ୬ ଓଭରବିଶିଷ୍ଟ ହଂକଂ ସିକ୍ସେସ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ଡିଏଲ୍ ପଦ୍ଧତିରେ ୨ ରନରେ ପାକିସ୍ତାନକୁ ହରାଇଦେଇଛି। ଏହି ମ୍ୟାଚରେ ଟସ୍ ଜିତି ପାକିସ୍ତାନ ଅଧିନାୟକ ଆବାସ ଆଫ୍ରିଦୀ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର ରବିନ ଉଥପ୍ପା ଓ ଭରତ ଚିପିଲିଙ୍କ ଉପଯୋଗୀ ପାଳି ବଳରେ ୬ ଓଭରରେ ୪ ୱିକେଟ୍ ହରାଇ ୮୬ ରନ କରିଥିଲା। ଉଥପ୍ପା ୧୧ ବଲରେ ୨୮ ରନ ଓ ୧୩ ବଲରେ ୨୪ ରନ କରିଥିଲେ। ଅଧିନାୟକ ଦିନେଶ କାର୍ତ୍ତିକ ୬ଟି ବଲରେ ୧୭ ରନ କରି ଅପରାଜିତ ରହିଥିଲେ। ଷ୍ଟୁଆର୍ଟ ବିନ୍ନି ୪ ଓ ଅଭିମନ୍ୟୁ ମିଥୁନ ୬ ରନରେ ଆଉଟ୍ ହୋଇଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଶାହବାଜ ୨ଟି ୱିକେଟ ହାସଲ କରିଥିଲେ। ଜବାବରେ ପାକିସ୍ତାନ ୩ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ କରିଥିବାବେଳେ ବର୍ଷା ହୋଇଥିଲା। ଓପନର ଖୱାଜ ନାଫି ୯ ବଲରେ ୧୮ ଓ ଅମଦୁଲ ସମାନ ୬ ବଲରେ ୧୬ ରନ କରି ଅପରାଜିତ ରହିଥିଲେ। ଏହାପରେ ଫଳାଫଳ ପାଇଁ ଡିଏଲ୍ ପଦ୍ଧତିର ସହାୟତା ନିଆଯାଇଥିଲା। ଏଥିରେ ଭାରତକୁ ୨ ରନରେ ବିଜୟୀ ହୋଇଥିଲା। ଭାରତ ଏଥିସହ ୨ ପଏଣ୍ଟ ପାଇ ପୁଲ୍-ସି'ର ଶୀର୍ଷ ସ୍ଥାନରେ ରହିଛି। ଭାରତ ଏହାର ଶେଷ ମ୍ୟାଚରେ ଶନିବାର କୁଏତକୁ ଭେଟିବ। ଅପରପକ୍ଷରେ ପାକିସ୍ତାନ ଅନ୍ୟ ଏକ ମ୍ୟାଚରେ କୁଏତକୁ ୪ ୱିକେଟରେ ହରାଇ ୨ ପଏଣ୍ଟ ପାଇଛି। ଚଳିତ ସଂସ୍କରଣରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଶ୍ରୀଲଙ୍କା, ଭାରତ, ପାକିସ୍ତାନ, ବାଂଲାଦେଶ, କୁଏତ, ଆଫଗାନିସ୍ତାନ ଓ ଆୟୋଜକ ହଂକଂକୁ ମିଶାଇ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଆଇସିସି ଅନୁମୋଦିତ ହାସଲ କରିଥିବାବେଳେ ପ୍ରତ୍ୟେକ ଦଳରେ ୬ଜଣ ଲେଖାଏ ଖେଳାଳି ରହିଥାନ୍ତି। ୬ ଓଭରବିଶିଷ୍ଟ ଏହି ମ୍ୟାଚରେ ପ୍ରତି ଦଳର ଜଣେ ବୋଲର ୨ ଓଭର ବୋଲିଂ କରିବାର ନିୟମ ରହିଛି।



# ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ



ଭୁବନେଶ୍ୱର, ୭ ।୧୧ (ସମିସ): ସ୍ଥାନୀୟ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଚାରିଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୧୫ ଓ ୧୭ ବର୍ଷରୁ କମ୍ ବୟସବର୍ଗରେ ୨୮୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗଦେଇଛନ୍ତି। ପ୍ରଥମ ଦିନରେ ବାଳକ/ବାଳିକା ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ୮୦ଟି ମ୍ୟାଚ୍ ଖେଳାଯାଇଛି। ପ୍ରାୟ ସମସ୍ତ ସିଡେଡ୍ ଖେଳାଳି ନିଜ ନିଜ ମୁକାବିଲାରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଶୁକ୍ରବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘର ସମ୍ପାଦକ ନିଲୀନ କୁମାର, ଉପସଭାପତି ପ୍ରଦୀପ ପଟ୍ଟନାୟକ, ଆୟୋଜକ କମିଟିର ସଂପାଦକ ଅଜିତ ମହାନ୍ତି, ନିର୍ଦ୍ଦେଶକ ଶୁଭମ ନାୟକ, ପର୍ଯ୍ୟବେକ୍ଷକ ଶିବମ ଅଗ୍ରୱାଲ, ସଂଯୋଜକ ତାରାକାନ୍ତ ଦାଶ, ଅବଦୁଲ ହାକିମ, ଜୟପ୍ରକାଶ ଜେନା, ମୁଖ୍ୟ ରେଫରୀ ରୀତା ଦାଶ ଓ ଲକ୍ଷାପତି ନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ।




ଶୁକ୍ରବାର ହକି ଇଣ୍ଡିଆର ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତନ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭାରତ-ଏ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ**

# ଆକରମାନ୍‌ଙ୍କ ଶତକ ସତ୍ତ୍ୱେ ଦ.ଆଫ୍ରିକା-ଏ ପଛୁଆ

ବେଙ୍ଗାଲୁରୁ, ୭ ।୧୧ (ଏଜେନ୍ସି): ଘରୋଇ ଭାରତ-ଏ କ୍ରିକେଟ ଟିମ୍ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ପାଳିରେ ପଛୁଆ ରହିଛି। ଭାରତ-ଏ'ର ପ୍ରଥମ ପାଳି ସ୍କୋର ୨୫୫ ରନ ଜବାବରେ ଦକ୍ଷିଣ ଆଫ୍ରିକା-ଏ ୨୨୧ ରନରେ ସୀମିତ ରହିଛି। ଭ୍ରମଣକାରୀ ଦଳ ପକ୍ଷରୁ ଅଧିନାୟକ ମାର୍କସ ଆକରମାନ ଦ୍ରୁତ ଶତକୀୟ ପାଳି ଖେଳିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା-ଏକୁ ଅଗ୍ରଣୀ କରାଇପାରି ନ ଥିଲେ। ଆକରମାନ ୧୭ ଚୌକା ଓ ୫ ଛକା ବଳରେ ୧୧୮ ବଲରୁ ୧୩୪ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଜୋର୍ଡାନ ହର୍‌ମାନ୍ ୨୬ ଓ ପ୍ରିନେଲାନ ସବରେୟିନ ୨୦ ରନ କରିଥିବାବେଳେ ଅନ୍ୟ ୮ ଜଣ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଭାରତ-ଏ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ ଏବଂ ମହମ୍ମଦ ସିରାଜ ଓ ଆକାଶଦୀପ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ୩୪ ରନରେ ଅଗ୍ରଣୀ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭାରତ-ଏ ଶୁକ୍ରବାର ଷ୍ଟମ୍ପ ସୁଦ୍ଧା ୨୪ ଓଭରରେ ୩ ୱିକେଟ ହରାଇ ୭୮ ରନ ସଂଗ୍ରହ କରିଛି। ଖେଳ ଶେଷବେଳକୁ ଲୋକେଶ ରାହୁଲ ୨୬ ଓ କୁଲଦୀପ୍ ଯାଦବ କୌଣସି ରନ ନ କରି କ୍ରିଜରେ ରହିଛନ୍ତି। ଆଉଟ୍ ହୋଇଥିବା ବ୍ୟାଟର୍‌ଙ୍କ ମଧ୍ୟରେ ସାଇ ସୁଦର୍ଶନ ୨୩, ଦେବଦତ୍ତ ପାଡିକଲ୍ ୨୪ ରନ କରିଥିବାବେଳେ ଓପନର୍ ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲିପାରି ନ ଥିଲେ। ଦ୍ୱିତୀୟ ପାଳିରେ ୭ ୱିକେଟ୍ ବଳକା ଥାଇ ଘରୋଇ ଦଳ ଏବେ ମୋଟ୍ ଉପରେ ୧୧୨ ରନରେ ଅଗ୍ରଣୀ ରହିଛି। ମ୍ୟାଚ ଆହୁରି ୨ ଦିନ ବାକି ଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ମନେ ହେଉଛି। ପୂର୍ବରୁ ପ୍ରଥମ ଟେଷ୍ଟକୁ ୩ ୱିକେଟରେ ଜିତି ଭାରତ-ଏ ସିରିଜରେ ୧-୦ରେ ଆଗୁଆ ରହିଛି।

**ଆଜିଠୁ ବିଦର୍ଭ ବିପକ୍ଷ ରଣଜୀ**

# ଓଡ଼ିଶାର ଚିନ୍ତା ଚୂଡ଼ାନ୍ତ ଏକାଦଶ ଗଠନ

କଟକ,୭।୧୧(ସମିସ): ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବିପକ୍ଷରେ ଚଳିତ ରଣଜୀ ଟ୍ରଫିର ୪ର୍ଥ ଲିଗ୍ ମ୍ୟାଚ୍ ଖେଳିବ ଓଡ଼ିଶା ଦଳ। ଶନିବାର ଠାରୁ ନାଗପୁର ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ପ୍ରଥମ ତିନୋଟି ମ୍ୟାଚ୍‌ରୁ ଦୁଇଟି

- ● ବିଫଳତା ଆଣୁଛି ବ୍ୟାଟିଂ ଲାଇନ୍‌ଅପ୍‌ରେ ପରିବର୍ତ୍ତନ
- ● ନିରାଶ କରୁଛନ୍ତି ପ୍ରମୁଖ ବୋଲର; ଖେଳି ପାରନ୍ତି ଜାମେଲା
- ● ରାଜେଶଙ୍କ ବୋଲିଂ ଆଭରେଜ୍ ୨୦୦ ଟପିଛି

ପରାଜୟ ଜାଲରେ ଛନ୍ଦି ହୋଇ ନିନ୍ଦା ମୁଣ୍ଡାଇଥିବା ଓଡ଼ିଶା ଏହି ଧାରାରୁ ମୁକୁଳିବାକୁ ନିହାତି ଉଦ୍ୟମ କରିବ। ଅନ୍ୟପକ୍ଷରେ ଖେଳାଳିଙ୍କ ମନୋବଳକୁ ଦୃଢ଼ ରଖିବାକୁ ଶୁକ୍ରବାର ମ୍ୟାଚ୍ ପୂର୍ବ ଟିମ୍ ମିଟିଂରେ ଆଲୋଚନା କରାଯାଇଛି। ବିଦର୍ଭ ବିପକ୍ଷ ଶେଷ ୫ଟି ମ୍ୟାଚ୍‌ରେ ଓଡ଼ିଶା ଗୋଟିଏ ହେଲେ ବିଜୟ ସୁଯୋଗ ପାଇନଥିଲେ ସୁଦ୍ଧା ନାଗପୁର ମୁକାବିଲା ରୋମାଞ୍ଚକ ହେବ ବୋଲି ଅନୁମାନ କରାଯାଇପାରେ। ଅକ୍ଷୟ ୱାଡେକରଙ୍କ ନେତୃତ୍ୱାଧୀନ ବିଦର୍ଭକୁ ଓଡ଼ିଶାର ଶୁଭ୍ରାଂଶୁ ବାହିନୀ କଡ଼ା ଟକ୍କର ଦେବା ଲକ୍ଷ୍ୟରେ ରହିଛି।

ନିକଟ ଅତୀତରେ ଶେଷ ହୋଇଥିବା ଇରାନୀ କପ୍‌ରେ ବିଦର୍ଭ ଚାମ୍ପିଅନ ଟାଇଟଲ ହାସଲ କରିବା ପରେ ରଣଜୀ ଟ୍ରଫିରେ ଭାଗ ନେଇଛି। ପ୍ରଥମ ତିନୋଟି ମ୍ୟାଚ୍‌ରୁ ବିଦର୍ଭକୁ ଗୋଟିଏ ବିଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ଦ୍ୱାରା ୧୩ ପଏଣ୍ଟ ମିଳିଛି। ଦଳ ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ ରହିଛି। ଯଶ ରାଥୋଡ, ଅମନ ମୋଖାଡେ, ଧ୍ରୁବ ସୋରେ, ଅକ୍ଷୟ କର୍ଣ୍ଣେୱାର ଦଳର ବ୍ୟାଟିଂ ଭାର ସମ୍ଭାଳିଛନ୍ତି। ଯଶ ଏବଂ ଅମନଙ୍କ ବ୍ୟାଟରୁ ଶତକୀୟ ପାଳି ଦେଖିବାକୁ ମିଳିଛି। ନଚିକେତ ଭୂତେ ହେଉଛନ୍ତି ଦଳର ସଫଳ ବୋଲର। ୩ଟି ମ୍ୟାଚରୁ ସେ ୧୫ଟି ୱିକେଟ ଅକ୍ତିଆର କରିଛନ୍ତି। ହର୍ଷ ଦୁବେ, ପ୍ରଫୁଲ୍ଲ ହିଙ୍ଗେ, ପାର୍ଥ ରେଖାଡେଙ୍କ କାନ୍ଧରେ ବିଦର୍ଭର ଶକ୍ତିଶାଳୀ ବୋଲିଂ ଲାଇନଅପ ଭରସା କରୁଛି। ବିଦର୍ଭକୁ ଟକ୍କର ଦେବା ଓଡ଼ିଶା ପାଇଁ କାଠିକର ପାଠ ହୋଇପାରେ।

ବିଦର୍ଭ ବିପକ୍ଷ ମ୍ୟାଚ୍ ପୂର୍ବରୁ ଓଡ଼ିଶା ଦଳରେ ପରିବର୍ତ୍ତନ ଅଣାଯାଇଛି। ଡାହାଣହାତୀ ପେସ୍ ବୋଲର ସୁନୀଲ କୁମାର ରାଉଳଙ୍କୁ ବାଦ୍ ଦେଇ ଦଳରେ ପେସ୍ ବୋଲର ପ୍ରଶାନ୍ତ ରଣା ଏବଂ ବାମହାତୀ ସ୍ପିନର ଜାମେଲା ଭଞ୍ଜନ ମହାପାତ୍ରଙ୍କୁ ସାମିଲ କରାଯାଇଛି। ପୂର୍ବରୁ ବାଦଲ ବିଶ୍ୱାଳ ଏବଂ ସୁମିତ ଶର୍ମା ପ୍ରମୁଖ ସ୍ପିନର ଭାବେ ଦଳରେ ରହିଛନ୍ତି। ବିଦର୍ଭ ବିପକ୍ଷରେ ସୁମିତଙ୍କୁ ବିଶ୍ରାମ ଦିଆଯାଇ ଜାମେଲାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇପାରେ। ତେବେ ଓଡ଼ିଶାର ଭରସାଯୋଗ୍ୟ ପେସ୍ ବୋଲର ରାଜେଶ ମହାନ୍ତିଙ୍କ ବିଫଳତା ଦଳ ପାଇଁ ଚିନ୍ତା ସୃଷ୍ଟି କଲାଣି। ୩ଟି ମ୍ୟାଚ୍‌ରୁ ସେ ମାତ୍ର ଗୋଟିଏ ୱିକେଟ ପାଇଛନ୍ତି। ମୋଟ୍ ୬୦ ଓଭର ବୋଲିଂ କରିଥିବା ରାଜେଶଙ୍କ ଆଭରେଜ ୨୦୭ ରହିଛି। ତାଙ୍କର ପ୍ରତ୍ୟାବର୍ତ୍ତନ ଓଡ଼ିଶା ପାଇଁ ନିହାତି ଆବଶ୍ୟକ ହୋଇଛି। ନବାଗତ ସମ୍ବିତ ବରାଳ ୫ଟି ଏବଂ ବାଦଲ ବିଶ୍ୱାଳ ୬ଟି ୱିକେଟ ଦଖଲ କରି ଅନ୍ୟମାନଙ୍କ ଠାରୁ ଆଗରେ ରହିଛନ୍ତି। ବ୍ୟାଟିଂ ବିଫଳତା ଓଡ଼ିଶା ପାଇଁ ଅନ୍ୟଏକ ଚିନ୍ତାର କାରଣ। ଗୌରବ ଚୌଧୁରୀ, ଶୁଭ୍ରାଂଶୁ ସେନାପତି, ସମ୍ବିତ ବରାଳ, ସନ୍ଦୀପ ପଟ୍ଟନାୟକ, ରାଜେଶ ଧୂପର, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ସୁଦ୍ଧା ଉଚିତ୍ ସମୟରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇ ପାରିନାହାନ୍ତି। ବିଦର୍ଭ ବିପକ୍ଷରେ ଚୂଡ଼ାନ୍ତ ଏକାଦଶ ଗଠନ କରିବା ନେଇ ଓଡ଼ିଶା ଶିବିରରେ ଚିନ୍ତା ବଢ଼ିଥିବା କୁହାଯାଉଛି।



'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
| --- | --- |
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS